

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୩ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 03 AUGUST 2021

Vol.No. 32 ■ No. 198 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କରୋନା ଭାଇରସ ଚାଇନିଜ୍ ଲ୍ୟାବ୍‌ରୁ ହୋଇଛି ଲିକ୍ !




ୱାଶିଂଟନ,୦୨/୦୮: ସାରା ବିଶ୍ୱରେ ସାଂଘାତିକ ସ୍ଥିତି ସୃଷ୍ଟି କରିଥିବା କରୋନା ଭାଇରସର ଉତ୍ପତ୍ତିକୁ ନେଇ ପୁଣି ଗୋଟିଏ ରିପୋର୍ଟ ପ୍ରକାଶ ପାଇଛି । ମହାମାରୀ ରୂପ ଧାରଣ କରିଥିବା ଏହି ଭାଇରସ କୌଣସି ମାଂସ ମାର୍କେଟରୁ ନୁହେଁ ବରଂ ଚାଇନାର ଉହାନରେ ଥିବା ଲ୍ୟାବ୍‌ରୁ ହିଁ ଲିକ୍ ହୋଇଥିବା ଆମେରିକାର ରିପବ୍ଲିକାନ୍ସ ପକ୍ଷରୁ ରିପୋର୍ଟ ପ୍ରକାଶ କରାଯାଇଛି । ପୂର୍ବରୁ ମଧ୍ୟ ଅନେକ ଥର ଚାଇନାର ଉହାନ ଲ୍ୟାବ୍‌ରୁ ଭାଇରସ ଲିକ୍ ହୋଇ ମଣିଷ ଜାତିକୁ ସଂକ୍ରମିତ କରିଥିବା ରିପୋର୍ଟ ପ୍ରକାଶ ପାଇବାରେ ଲାଗିଛି । ରିପବ୍ଲିକାନ୍ସ ରିପୋର୍ଟରେ ମାଂସ ବଜାରରୁ ଏହି ଭାଇରସର ଉତ୍ପତ୍ତି ହୋଇଥିବା ଖବରକୁ ଖାରଜ କରାଯାଇଛି । ଏଥିରେ କୁହାଯାଏ ଯେ ସେପ୍ଟେମ୍ବର ପୂର୍ବରୁ ଉହାନ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (WIV)ରୁ ଏହା ଲିକ୍ ହୋଇଥିବା ଯଥେଷ୍ଟ ପ୍ରମାଣ ରହିଛି । ଲିକ୍ ହେବାର ବହୁ ମାସ ପରେ ଏହି ରୋଗ ଲୋକ ଲୋଚନାକୁ ଆସିଥିଲା । ଆମେ ବର୍ତ୍ତମାନ ବିଶ୍ୱବାସୀଙ୍କୁ କହିବାକୁ ଚାହୁଁଛୁ ଯେ ଉହାନର ମାଂସ ବଜାରକୁ କରୋନାର ଉତ୍ପତ୍ତି ସ୍ଥଳ ଭାବେ ବିଚେଚନା କରାଯିବା ଠିକ୍ ନୁହେଁ । ଏହି ଦାବିକୁ ଅଗ୍ରାହ୍ୟ କରିବାର ସମୟ ଆସି ଯାଇଛି । ଆମ ପାଖରେ ଏମିତି କିଛି ପ୍ରମାଣ ରହିଛି ଯେ ଯାହା କରୋନା ଭୂତାଣୁ ଉହାନ ଲ୍ୟାବରୁ ଲିକ୍ ହୋଇଥିବା ଦାବିକୁ ସ୍ପଷ୍ଟ କରୁଛି । ଏହା ୨୦୧୯ ମସିହା ସେପ୍ଟମ୍ବର ୧୨ର କିଛି ଦିନ ପୂର୍ବରୁ ଲିକ୍ ହୋଇଥିଲା । ଏହାପରେ ସମଗ୍ର ବିଶ୍ୱକୁ ଧୀରେଧୀରେ ବ୍ୟାପିଥିଲା । ପ୍ରାଥମିକ ଅବସ୍ଥାରେ ଏହାକୁ ଲୁଚାଇବାକୁ ବହୁତ ପ୍ରୟାସ କରାଯାଇଥିଲା । ହେଲେ ଏହା ସମ୍ଭବ ହୋଇପାରି ନଥିଲା । ବୈଦେଶିକ ବ୍ୟାପାର କମିଟିର ବରିଷ୍ଠ ରିପବ୍ଲିକାନ୍ ମାଇକ୍ ମ୍ୟାକକାଲ୍ ରିପବ୍ଲିକାନ୍ ପ୍ୟାନେଲର କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟକୁ ରିଲିଜ କରିଛନ୍ତି । ଏଥି ସହିତ ସେ କୋଭିଡ-୧୯ର ଉତ୍ପତ୍ତି ବିଷୟରେ ଦ୍ୱିପାକ୍ଷିକ ତଦନ୍ତ ପାଇଁ ଆହ୍ୱାନ କରିଛନ୍ତି । ରିପବ୍ଲିକାନ୍ ରିପୋର୍ଟରେ ▶▶ପୃଷ୍ଠା ୭

## ବିଜେପିକୁ ନୀତୀଶ କୁମାରଙ୍କ ପେଗାସସ୍ ଝଟକା : ତଦନ୍ତ ସପକ୍ଷରେ ଦାବି କଲେ



ନୂଆଦିଲ୍ଲୀ,୦୨/୦୮: ପେଗାସସ୍ ଗୁଇନ୍ଦାଗିରି ରିପୋର୍ଟକୁ ନେଇ ବିରୋଧୀ ଦଳଗୁଡ଼ିକ ବିଜେପି ନେତୃତ୍ୱାଧୀନ ସରକାରଙ୍କୁ ଘେରିବା ସହ ତଦନ୍ତ ଦାବି କରୁଛନ୍ତି । ହେଲେ କେନ୍ଦ୍ର ସରକାର ତଦନ୍ତ ଦାବିକୁ ଏଡ଼ାଇ ଚାଲିଛନ୍ତି । ଏସବୁ ଭିତରେ ପ୍ରଥମ ଥର ପାଇଁ ବିଜେପିର ସହଯୋଗୀ ଦଳ ଜେଡିୟୁ ପେଗାସସ୍ ବିବାଦର ନିରପେକ୍ଷ ତଦନ୍ତ ଦାବି କରିଛି । ବିହାରରେ ବିଜେପି ଓ ଜେଡିୟୁ ମିଳିତ ଭାବେ ସରକାର ଗଠନ କରିଛନ୍ତି । ହେଲେ ଆଜି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିଜେପିକୁ ପେଗାସସ୍ ଝଟକା ଦେଇଛନ୍ତି । ସେ ବିରୋଧୀଙ୍କ ସହ ସ୍ୱର ମିଶାଇ ପେଗାସସ୍ ରିପୋର୍ଟର ତଦନ୍ତ ଦାବି କରିଛନ୍ତି । ସେ କହିଛନ୍ତି, "ଲୋକଙ୍କୁ ହଇରାଣ ଓ ସେମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା ପାଇଁ ଏପରି ଜିନିଷର ବ୍ୟବହାର କରିବା ଠିକ୍ ନୁହେଁ । ପୂରା ଘଟଣାକୁ ସାର୍ବଜନୀନ କରାଯିବା ଉଚିତ ।" ମୌସୁମୀ ଅଧିବେଶନର ଗୋଟିଏ ଦିନ ପୂର୍ବରୁ ୧୭ଟି ମିଡିଆ ସଂସ୍ଥା ପେଗାସସ୍ ସ୍ପାଇୱେୟାର ଉପରେ କରୁଥିବା ଗବେଷଣା ରିପୋର୍ଟ ପ୍ରକାଶ କରିଥିଲେ । ଇସ୍ରାଏଲର ଏନଏସ୍‌ଓ ତିଆରି କରିଥିବା ଏହି ପେଗାସସ୍ ଜରିଆରେ ଭାରତ ସମେତ ଏକାଧିକ ରାଷ୍ଟ୍ର ବିଶିଷ୍ଟ ବ୍ୟକ୍ତିଙ୍କ ଉପରେ ଗୁଇନ୍ଦାଗିରି କରିଥିବା ରିପୋର୍ଟରେ କୁହାଯାଇଥିଲା । ଭାରତର ୩୦୦ରୁ ଅଧିକ ବ୍ୟକ୍ତିଙ୍କ ଫୋନ ନମ୍ବର ପେଗାସସ୍ ଟାର୍ଗେଟ ଲିଷ୍ଟରେ ଥିବା ଜଣାପଡ଼ିବା ପରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଛି । ଘଟଣା ଉପରେ ସଂସଦରେ ଆଲୋଚନା କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରିବାରେ ଲାଗିଛନ୍ତି । ହେଲେ ସରକାର ପେଗାସସ୍‌କୁ ଗୁରୁତ୍ୱହୀନ ପ୍ରସଙ୍ଗ କହି ଆଲୋଚନାକୁ ଏଡ଼ାଇ ଚାଲିଛନ୍ତି । ନୀତୀଶ କୁମାରଙ୍କୁ ଆଜି ▶▶ପୃଷ୍ଠା ୭

### ମହିଳା ହକି ଦଳକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୨/୦୮ (ନି.ପ୍ର): ଟୋକିଓ ଅଲମ୍ପିକସ୍‌ରେ ଭାରତୀୟ ମହିଳା ହକି ଦଳ ଅଷ୍ଟ୍ରେଲିଆକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିବା ପରେ ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଭାରତୀୟ ଟିମରେ ଏହା ଜବରଦସ୍ତ ବିଜୟ ବୋଲି ସେ କହିଛନ୍ତି । ଆଗକୁ ଟିମ୍ ଭଲ ପ୍ରଦର୍ଶନ କରି ବିଜୟ ଧାରା ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟରରେ ଲେଖିଛନ୍ତି, ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ପୁରୁଷ ହକି ଦଳ ଏବଂ ପ୍ରଥମ ଥର ମହିଳା ହକି ଦଳ ଅଲମ୍ପିକର ସେମିଫାଇନାଲରେ ପହଂଚିବା ସମଗ୍ର ଦେଶ ପାଇଁ ଗୌରବର ବିଷୟ । ୨୦୧୮ରୁ ଓଡ଼ିଶା ଉଭୟ ଜାତୀୟ ଦଳକୁ ପ୍ରୋତ୍ସାହିତ କରିଆସୁଥିବାରୁ ଆମେ ସମସ୍ତେ ଓଡ଼ିଶାବାସୀ ଆଜି ଗର୍ବିତ । ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ।

### ଅଗଷ୍ଟ ୧୧ରୁ ମାଟ୍ରିକ ପରୀକ୍ଷା ଖାତା ଦେଖା

ଭୁବନେଶ୍ୱର,୦୨/୦୮ (ନି.ପ୍ର):- ଆସନ୍ତା ଅଗଷ୍ଟ ୧୧ରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା ଖାତା ଦେଖା । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଅଗଷ୍ଟ ୧୧ରୁ ଖାତା ଦେଖା ଆରମ୍ଭ ହୋଇ ତିନିଦିନରେ ଶେଷ ହେବ । ୭ଟି ଜିଲ୍ଲାରେ ୯ଟି କେନ୍ଦ୍ରରେ ପ୍ରାୟ ୧୫ ଶହ ପରୀକ୍ଷାର୍ଥୀଙ୍କ ଖାତା ଦେଖାଯିବ । ସୂଚନାଯୋଗ୍ୟ ଯେ କରୋନା ମହାମାରୀ ପାଇଁ ଏଥର ବାର୍ଷିକ ମାଟ୍ରିକ ପରୀକ୍ଷା ହୋଇ ନଥିଲା । ବୋର୍ଡ ପକ୍ଷରୁ ବିକଳ୍ପ ମୂଲ୍ୟାଙ୍କନ କରି ରେଜଲ୍ଟ ପ୍ରକାଶ କରାଯାଇଥିଲା । କିନ୍ତୁ ଯେଉଁ ଛାତ୍ରଛାତ୍ରୀ ଏହି ବିକଳ୍ପ ମୂଲ୍ୟାଙ୍କନରେ ଅସନ୍ତୋଷ ପ୍ରକଟ କରିଥିଲେ ସେମାନଙ୍କ ପାଇଁ ଅଫଲାଇନ ପରୀକ୍ଷା କରାଯାଇଥିଲା ।

### ଆଇଆଇଟି କାନପୁର ଓ ହାଇଦ୍ରାବାଦର ଆକଳନ

## ଚଳିତ ମାସରେ ଆସିପାରେ ତୃତୀୟ ଲହର



ନୂଆଦିଲ୍ଲୀ,୦୨/୦୮: ଚଳିତ ମାସ ଆସିପାରେ କରୋନାର ତୃତୀୟ ଲହର । ଦେଶରେ କରୋନାର ତୃତୀୟ ଲହର ଅବସମ୍ଭାବୀ ବୋଲି ବିଶେଷଜ୍ଞମାନେ ମତ ରଖୁଥିବା ବେଳେ, ଏହା କେବେ ଆସିବ ତାକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଆସୁଛି । ହେଲେ ଦେଶରେ ଦ୍ୱିତୀୟ ଲହରର ପ୍ରଭାବକୁ ନେଇ ସଠିକ୍ ଆକଳନ କରିଥିବା ଆଇଆଇଟି ଗାଣିତିକ ମଡେଲ, ତୃତୀୟ ଲହରକୁ ନେଇ ଆକଳନ କରିଛି । ଆଇଆଇଟି କାନପୁର ଓ ହାଇଦ୍ରାବାଦର ଏହି ଆକଳନ ବ୍ଲୁମବର୍ଗ ରିପୋର୍ଟରେ ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଚଳିତ ମାସରେ ଦେଶରେ ଆସିବ କରୋନାର ତୃତୀୟ ଲହର । ଏବଂ ଅକ୍ଟୋବର ବେଳକୁ ଏହା ପିକରେ ପହଂଚିବ ବା ଶୀର୍ଷ ଛୁଇଁବ । କିନ୍ତୁ ଦ୍ୱିତୀୟ ଲହର ତୁଳନାରେ ଏହାର ପ୍ରଭାବ କମ ରହିବ ବୋଲି ଆକଳନ କରାଯାଇଛି । ତୃତୀୟ ଲହର ଶୀର୍ଷ ଛୁଇଁଲା ବେଳକୁ ୧ଲକ୍ଷ ଦୈନିକ ସଂକ୍ରମଣ ହୋଇପାରେ । ପରିସ୍ଥିତି ଅଧିକ ଜଟିଳ ହେଲେ ଦୈନିକ ସଂକ୍ରମଣ ଦେଢ ଲକ୍ଷ ଛୁଇଁପାରେ ବୋଲି ଗାଣିତିକ ମଡେଲ ଆଧାରରେ ଆକଳନ କରାଯାଇଛି ।

## ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଇ-ସେବା ଲୋକାର୍ପିତ

ଭୁବନେଶ୍ୱର,୦୨/୦୮ (ନି.ପ୍ର): ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ମାନ୍ୟବର ନ୍ୟାୟମୂର୍ତ୍ତି ଡ. ଏସ୍. ମୁରଲୀଧର ବିଭିନ୍ନ ପ୍ରକାର ଇ-ସେବା କାର୍ଯ୍ୟକ୍ରମର ଉନ୍ମୋଚନ କରିଛନ୍ତି । ହାଇକୋର୍ଟ ମୋବାଇଲ୍ ଆପ୍, ଜିଲ୍ଲା ଏବଂ ସବ୍ ଅର୍ଡିନେଟ୍ କୋର୍ଟର ଜରିମାନା, ଭୁବନେଶ୍ୱର ଏବଂ କଟକ କମିଶନରେଟ୍ ପୋଲିସର ଟ୍ରାଫିକ୍ ଇ-ଚାଲାଣ ପାଇଁ ଭର୍ଚୁଆଲ୍ କୋର୍ଟ ଏବଂ ମୁଖ୍ୟ ବିଚାରପତିଙ୍କ କୋର୍ଟ ବିଚାରର ସିଧା ପ୍ରସାରଣ ଉଭୟ ଓକିଲ ଏବଂ ମକଦ୍ଦମାର ସଂପୃକ୍ତ ପକ୍ଷଙ୍କ ସୁବିଧା ପାଇଁ ନ୍ୟାୟପ୍ରଦାନ ଆଦି କାର୍ଯ୍ୟ ଏହି ଇ-ସେବା ପରିସରଭୁକ୍ତ ହେବ । ହାଇକୋର୍ଟ ଜଜ୍, ଜିଲ୍ଲା ଜଜ୍, ଆଡ୍‌ଭୋକେଟ୍ ଜେନେରାଲ୍, ପୋଲିସ୍ ଡିଜି, କଟକ-ଭୁବନେଶ୍ୱର ପୋଲିସ କମିଶନର, ରାଜ୍ୟ ପରିବହନ ଅଥରିଟିର କମିଶନର ତଥା ଅଧ୍ୟକ୍ଷ ଏବଂ ଅନ୍ୟ ଗଣ୍ୟମାନ୍ୟ ଅତିଥିଙ୍କୁ ସମ୍ବୋଧନ କରି ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଏସ୍. ମୁରଲୀଧର ବୈଷୟିକ ଜ୍ଞାନକୌଶଳର ପ୍ରାୟୋଗ ମାଧ୍ୟମରେ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ସୁପ୍ରିମ୍‌କୋର୍ଟଙ୍କ ଇ-କମିଟିଙ୍କର ନିରନ୍ତର ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି । କୋର୍ଟ ବିଚାରର ସିଧାପ୍ରସାରଣ ଯୋଗୁଁ କୋର୍ଟର କାର୍ଯ୍ୟରେ ସ୍ୱଚ୍ଛତା ବଢ଼ିବା ସହ ଜନସାଧାରଣଙ୍କ ଭରସାଯୋଗ୍ୟ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି । ହାଇକୋର୍ଟର ସୂଚନା ପ୍ରଯୁକ୍ତି ଏବଂ ଇଂଟେଲିଜେନ୍ସ କମିଟି ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱଜିତ୍ ମହାନ୍ତି, ପୂର୍ବତନ କମ୍ପ୍ୟୁଟର ତଥା ଷ୍ଟିୟରିଂ କମିଟିର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଶତ୍ରୁଘ୍ନ ପୂଜାହାରୀ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରି ଏହି ବ୍ୟବସ୍ଥାର ଉପଯୋଗ ସଂପର୍କରେ ମତବ୍ୟକ୍ତ କରିଥିଲେ । ହାଇକୋର୍ଟ ମୋବାଇଲ୍ ଆପ୍, ଇ-ପେମେଂଟ ମାଧ୍ୟମରେ ଜରିମାନା ଆଦାୟ, ଭର୍ଚୁଆଲ୍ କୋର୍ଟ ସଂପର୍କରେ ସବିଶେଷ ତଥ୍ୟ କୋର୍ଟର ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଅଛି ।

### ଖୋଲିଲା ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର

କୋଣାର୍କ,୦୨/୦୮ (ନି.ପ୍ର): କରୋନାର ଦ୍ୱିତୀୟ ଲହର କଟକଣା ଯୋଗୁଁ ପ୍ରାୟ ସାଢ଼େ ୩ ମାସ ବନ୍ଦ ରହିବା ପରେ ଆଜିଠୁ ଖୋଲିଛି ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର । ସ୍ୱତନ୍ତ୍ର ଗାଇଡଲାଇନ୍ ମଧ୍ୟରେ ଆଜିଠୁ କୋଣାର୍କ ଖୋଲିଥିବା ବେଳେ ବାର୍ କୋଡ ସ୍କାନ କରି ଭିତରେ ପ୍ରବେଶ କରୁଛନ୍ତି ପର୍ଯ୍ୟଟକ । କେନ୍ଦ୍ର ସରକାରଙ୍କ କୋଭିଡ ମାର୍ଗଦର୍ଶିକା ଅନୁଯାୟୀ, ପର୍ଯ୍ୟଟକଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଛି । ସାନିଟାଇଜିଙ୍ଗ, ଥର୍ମାଲ ସ୍କାନିଂ ବ୍ୟବସ୍ଥା କରାଯାଇଥିବା ବେଳେ ଦିନକୁ ଦୁଇବେଳା ଦୁଇ ହଜାର ପର୍ଯ୍ୟଟକଙ୍କୁ ପ୍ରବେଶ ଅନୁମତି ମିଳିଛି । ସୂର୍ଯ୍ୟ ମନ୍ଦିର ଦର୍ଶନ ପାଇଁ ଅନଲାଇନ ଟିକେଟ ବ୍ୟବସ୍ଥା କରାଯାଇଛି । ଏଥିସହ ମନ୍ଦିର ସମ୍ମୁଖରେ ଥିବା ବାର କୋଡକୁ ନିଜ ମୋବାଇଲରେ ସ୍କାନ କରି ଟିକେଟ କରିବା ବ୍ୟବସ୍ଥା କରାଯାଇଛି । ଆଜି ସକାଳ ୬ଟାରେ ମନ୍ଦିର ଗେଟ ଖୋଲିବା ପରେ ପର୍ଯ୍ୟଟକମାନେ ଲାଇନ୍‌ରେ ଭିତରକୁ ପ୍ରବେଶ କରିଛନ୍ତି । ତେବେ ମନ୍ଦିରକୁ ଯିବାପାଇଁ ପର୍ଯ୍ୟଟକଙ୍କୁ ଅନୁମତି ମିଳିଥିବା ବେଳେ ସ୍ଥାନୀୟ ଗାଇଡ୍ ,ଫଟୋଗ୍ରାଫର, ହସ୍ତଶିଳ୍ପ ବ୍ୟବସାୟୀମାନଙ୍କୁ ବ୍ୟବସାୟ କରିବାକୁ ଅନୁମତି ମିଳିନଥିବାରୁ ସେମାନେ ନିରାଶ ହୋଇଛନ୍ତି । ▶▶ପୃଷ୍ଠା ୭

## ଆରପାରିରେ ବିଶିଷ୍ଟ ରାଜନେତା ଅରୁଣ ଦେ



ବାଲେଶ୍ୱର,୦୨/୦୮ (ନି.ପ୍ର): ଓଡ଼ିଶା ରାଜନୀତିରେ ଅନ୍ୟତମ ତୁଙ୍ଗ ନେତା ତଥା ବାଲେଶ୍ୱରର ବର୍ଷୀୟାନ ରାଜନେତା ପୂର୍ବତନ ବିଧାୟକ ଅରୁଣ ଦେଙ୍କ୭୬ ବର୍ଷ ବୟସରେ ଆଜି ପରଲୋକ ହୋଇଯାଇଛି । କରୋନାରେ ଆକ୍ରାନ୍ତ ହୋଇ ଗତ ୮ ତାରିଖରେ ସେ ଭୁବନେଶ୍ୱରର ଆମ୍ରି ହସପିଟାଲରେ ଚିକିତ୍ସିତ ଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଆଜି ସଂଧ୍ୟା ପ୍ରାୟ ୬ଟା ୩୦ ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କର ଦେହାନ୍ତରେ ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ ପାଇଛି । ୧୯୭୪ ମସିହାରୁ ବାଲେଶ୍ୱରରୁ ସେ ରାଜ୍ୟ ବିଧାନସଭାରେ ପ୍ରତିନିଧିତ୍ୱ କରିଥିଲେ । ତାଙ୍କ ରାଜନୈତିକ ଜୀବନରେ ସେ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ନୀଳଗିରି ଗଡ଼ଜାତ ଅଞ୍ଚଳରେ ଜନ୍ମ ହୋଇଥିଲେ ବି ଏଠାରେ ପାଠପଢ଼ା ସହିତ ବାଲେଶ୍ୱରକୁ ସେ ନିଜର କାର୍ଯ୍ୟକ୍ଷେତ୍ର ଭାବେ ଗ୍ରହଣ କରିଥିଲେ । ଛାତ୍ର ଜୀବନରୁ ରାଜନୀତି ପ୍ରତି ତାଙ୍କର ଥିଲା ଦୁର୍ବଳତା । ଫକୀର ମୋହନ କଲେଜ ଛାତ୍ର ସଂସଦ ସମ୍ପାଦକ ଭାବେ ନିର୍ବାଚିତ ହୋଇ ପରବର୍ତ୍ତୀ ସମୟରେ ଜଣେ ଟାଣୁଆ ଶ୍ରମିକ ନେତା ଭାବେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ତାଙ୍କର ବିୟୋଗ ବାଲେଶ୍ୱର ସମେତ ଓଡ଼ିଶା ରାଜନୀତି ପାଇଁ ଅପୂରଣୀୟ କ୍ଷତି ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି । ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

## ଟୋକିଓରେ ଇତିହାସ ରଚିଲା ଭାରତୀୟ ମହିଳା ହକି ଦଳ

### ୪ ତାରିଖରେ ଆର୍ଜେଂଟିନା ସହ ସେମିଫାଇନାଲ ମୁକାବିଲା




ମେଡାଲ ପାଇଥିବା ଅଷ୍ଟ୍ରେଲିଆ ମହିଳା ହକି ଦଳକୁ ପଛରେ ପକାଇ ଦେଲା ଟିମ୍ ଇଣ୍ଡିଆ । ▶▶ପୃଷ୍ଠା ୭

ଭୁବନେଶ୍ୱର,୦୨/୦୮(ନି.ପ୍ର): ଆଖିରୁ ଝରୁଥିବା ଲୁହ ପଛରେ ବି ଥାଏ ଖୁସି । ବାସ୍ପରୁଦ୍ଧ ସ୍ୱରରେ ପଛରେ ବି ଥାଏ ଆନନ୍ଦ । ଇଏ ବିଜୟ କେବଳ ବିଜୟ ନଥିଲା, ବରଂ ଥିଲା ଏକ ସ୍ମରଣୀୟ ମୁହୂର୍ତ୍ତର ମୁଖ ସାକ୍ଷୀ । ହକି ଷ୍ଟିକ୍ ଧରି ଯେତେବେଳେ ଭାରତର ଝିଅମାନେ ମୈଦାନକୁ ଓହ୍ଲାଇଥିଲେ । ଗୋଟିଏ ପରେ ଗୋଟିଏ ଇତିହାସ ସୃଷ୍ଟି ହୋଇଥିଲା । ଲକ୍ଷ୍ୟ ଥିଲା ସ୍ପଷ୍ଟ, କିଛି ବି ହୋଇଯାଉ ଭାରତ ପାଇଁ ବିଜୟ ଦରକାର । ବାସ୍ ଏହି ଗୋଟିଏ ଲକ୍ଷ୍ୟ, ତିନି ତିନି ଥର ଗୋଲ୍ଡ

## ଓଡ଼ିଶାରେ ଆର୍ ଭ୍ୟାଲୁ ଭଲ ଅଛି : ଡିଏମଇଟି

ଭୁବନେଶ୍ୱର,୦୨/୦୮ (ନି.ପ୍ର): ଓଡ଼ିଶାରେ ଆର୍ ଭ୍ୟାଲୁ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଭଲ ଅଛି । ଆର୍ ଭ୍ୟାଲୁ ୧ ଉପରେ ରହିଲେ ଅଧିକ ଲୋକଙ୍କୁ ସଂକ୍ରମିତ ହୋଇଛି । ବର୍ତ୍ତମାନ ଆର ଭ୍ୟାଲୁ ୧ ପାଖାପାଖି କେତେକ ରାଜ୍ୟରେ ପହଂଚି ସାରିଛି । ଓଡ଼ିଶାରେ ଆର ଭ୍ୟାଲୁ ୧ ହୋଇନାହିଁ । ୧ ଉପରେ ରହିଲେ ସଂକ୍ରମଣ ବଢିବ ବୋଲି ଡିଏମଇଟି ଡାକ୍ତର ସିବିକେ ମହାନ୍ତି କହିଛନ୍ତି । ସେ କହିଛନ୍ତି, ଆର ଭ୍ୟାଲୁ କମ୍ୟୁନିଟିରେ ପ୍ରତିଫଳିତ ହୋଇଥାଏ । ସେକଥା ବର୍ତ୍ତମାନ କହିବା କଷ୍ଟକର । ଚୀନରେ ପ୍ରଥମ ୱେଭରେ ଆର ଭ୍ୟାଲୁ ୬ ଉପରେ ଥିଲା । କିନ୍ତୁ ଭାରତରେ ଦ୍ୱିତୀୟ ୱେଭରେ ତାହା ଦେଖିବାକୁ ମିଳୁନି । ଏହାକୁ ନେଇ ବ୍ୟସ୍ତ ହେବାର କାରଣ ନାହିଁ । ଆର ଭ୍ୟାଲୁ ହେଲେ କମ୍ୟୁନିଟିରେ କିଭଳି ପ୍ରତିଫଳିତ ହେଉଛି ତାର କାରଣ ଖୋଜାଚାଲିଛି । ଆର ଭ୍ୟାଲୁ ହେଲେ ଅଧିକ ସଂକ୍ରମଣ ହୋଇଥାଏ, କିନ୍ତୁ ତା'ମାନେ ନୁହେଁ ସମସ୍ତେ ସଂକ୍ରମିତ ହେବେ । ଟିକାକରଣ ସହ, ସମସ୍ତଙ୍କୁ କରୋନା କଟକଣାର ନିୟମ ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି ଡିଏମଇଟି ।

## ପିଏସ୍ ବିରଂଚି ସାହୁଙ୍କୁ ବାଧ୍ୟତାମୂଳକ ଅବସର




ଭୁବନେଶ୍ୱର,୦୨/୦୮ (ନି.ପ୍ର): ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସଏସସି) ସଦସ୍ୟଙ୍କ କୋଟିପତି ପିଏସ ବିରଂଚି ନାରାୟଣ ସାହୁଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି ରାଜ୍ୟ ସରକାର । ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ତାଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିବା ପରେ ଏହି ପଦକ୍ଷେପ ନେଇଛନ୍ତି ସରକାର । ଏହା ପୂର୍ବରୁ ସୋମବାର ଓଏସଏସସି ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯିବା ସହ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ସୁପାରିଶ କରାଯାଇଥିଲା । ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଗିରଫ ହୋଇଥିବା କୁବେର ପିଏସ୍ ବିରଂଚି ସାହୁ ନିଲମ୍ବିତ ହୋଇଛନ୍ତି । ଓଡ଼ିଶା ଷ୍ଟାଫ ସିଲେକସନ କମିଶନ ତାଙ୍କୁ ନିଲମ୍ବନ କରିଛନ୍ତି । ଓଏସଏସସି ସଦସ୍ୟଙ୍କ ପିଏସ୍ ବିରଂଚି ସାହୁଙ୍କ ଘରେ ଚଢ଼ାଉ ବେଳେ ତାଙ୍କ ନିକଟରୁ ମୋଟ୍ ୩ କୋଟି ୭୯ ଲକ୍ଷ ଟଙ୍କାର ସମ୍ପତି ଠାବ ହୋଇଛି । ସେଥିମଧ୍ୟରୁ ୩ କୋଟି ୫୧ ଲକ୍ଷରୁ ଅଧିକ ଟଙ୍କା ଆୟ ବହିର୍ଭୂତ ସମ୍ପତି । ଯାହା ତାଙ୍କ ପ୍ରକୃତ ଆୟଠାରୁ ୨୬୮ ପ୍ରତିଶତ ଅଧିକ । ଗତ ୩୧ ତାରିଖରେ ବିରଂଚିଙ୍କୁ ଗିରଫ କରିଥିଲା ଭିଜିଲାନ୍ସ । ଜାମିନ ଆବେଦନ ପରେ ଖାରଜ ପରେ ସେ ଏବେ ୧୪ ଦିନିଆ ବିଚାରବିଭାଗୀୟ ହାଜତରେ ଅଛନ୍ତି । ଗତକାଲି ବିରଂଚିଙ୍କ ପତ୍ନୀ ଓ ଶାଳକଙ୍କ ନାଁରେ ମଧ୍ୟ ମାମଲା ରୁଜୁ କରିଛି ଭିଜିଲାନ୍ସ । ରେଡ୍ ବେଳେ ଶାଳକଙ୍କ ଘରୁ ନଗଦ ୧୩ଲକ୍ଷ ଟଙ୍କା ମିଳିଥିଲା । ଏତେ ଟଙ୍କା କାହାର ଓ କେଉଁଠୁ ଆଣିଲେ, ସେନେଇ ଖୋଳତାଡ଼ ଚାଲିଛି ।

## ମଣ୍ଡିରେ ଧାନ ବିକ୍ରୀ ପାଇଁ ଚାଷୀଙ୍କ ନାମ ପଞ୍ଜିକରଣରେ ମନ୍ଥରତା

ଗଞ୍ଜାମ,୨/୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ କୃଷି, ରାଜସ୍ୱ, ଯୋଗାଣ ଏବଂ ସମବାୟ ସଂସ୍ଥାର ମିଳିତ ସହଯୋଗରେ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀଙ୍କ ନାମ ପଞ୍ଜିକରଣ ଜାରୀ ରହିଛି । ଏହାର ମିଆଦ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ରହିଛି । କିନ୍ତୁ, ସମନ୍ୱୟର ଅଭାବ ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଶେରଗଡ଼ ବ୍ଲକରେ ଚାଷୀ ପଞ୍ଜିକରଣ ତ୍ୱରାନ୍ୱିତ ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି । ଏହି ଅଭିଯୋଗ ପରେ ଶେରଗଡ଼ ତହସିଲଦାର ଡଃ. ଦୟାସିନ୍ଧୁ ପରିଡ଼ା ଏବଂ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ବ୍ଲକର ସମସ୍ତ ପ୍ରାଥମିକ ସେବା ସମବାୟ ସମିତିକୁ ଯାଇ ଚାଷୀ ପଞ୍ଜିକରଣ ବ୍ୟବସ୍ଥା ଯାଂଚ୍ କରିବା ସହ ତୁରନ୍ତ ଏହାକୁ ଶେଷ କରିବାକୁ ସମ୍ପାଦକ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

କେନ୍ଦ୍ରାପଡ଼ା,୨/୮ (ନି.ପ୍ର): ଭାରତୀୟ ଜନତା ଯୁବ ମୋର୍ଚ୍ଚା କେନ୍ଦ୍ରାପଡା ଶାଖା ତରଫରୁ ଓଡିଶା ଷ୍ଟାଫ ସିଲେକସନ କମିଶନ(ଓଏସ୍ଏସ୍ସି) ୧୯୯୨ ମସିହାରେ ସ୍ଥାପିତ ହୋଇ ଓଡିଶାରେ ଗ୍ରୁପ ସି ପୋଷ୍ଟ ଗୁଡିକୁ ସିଧା ସଳଖ ନିଯୁକ୍ତି ପ୍ରଦାନ କରି ଆସୁଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତର ଓଡିଶା ବିଶ୍ୱ ବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଜଗନ୍ନାଥ ଲେଙ୍କାଙ୍କୁ ଓଏସ୍ଏସ୍ସିର ସଦସ୍ୟ ଭାବେ ନିଯକ୍ତି ପ୍ରଦାନ କରିଛନ୍ତି । ଗତ କିଛିଦିନ ତଳେ ଭିଜିଲାନ୍ସ ତରଫରୁ ସଦସ୍ୟ ଶ୍ରୀ ଲେଙ୍କାଙ୍କ ବ୍ୟକ୍ତିଗତ ସଚିବ ବିରଂଚି ନାରାୟଣ ସାହୁଙ୍କ ବାସଗୃହରେ ଚଢାଉ କରି ପ୍ରାୟ ୩ କୋଟି ଟଙ୍କା, ସାର୍ଟିଫିକେଟ୍ ଓ ଆଡମିଟ୍ କାର୍ଡ ଜବତ କରିବା ସହ ଗିରଫ କରି ତଦନ୍ତ ଚଳାଇଛନ୍ତି । ଯାହା ଓଏସ୍ଏସ୍ସିର ବିଶ୍ୱସନିୟତା ଓ ସ୍ୱଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭାରତୀୟ ଜନତା ଯୁବ ମୋର୍ଚ୍ଚା ରାଜ୍ୟ ସରକାରଙ୍କର ବେକାରୀ ଯୁବକ ଯୁବତୀ ମାନଙ୍କ ପ୍ରତି ଚରମ ଅବହେଳା ଓ ନିଯୁକ୍ତିରେ ପ୍ରିୟାପ୍ରିତୀ ତୋଷଣ, ଅନିୟମିତତା ଓ ଅର୍ଥ କେଲେଙ୍କାରୀ ରେ ସଂପୃକ୍ତ ସମସ୍ତଙ୍କୁ ସିବିଆଇ ତଦନ୍ତ ଭୁକ୍ତ କରି ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ପଇଁ ଦାବି ଜଣାଇଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଥିରେ ସଂପୃକ୍ତି ଥିବା ଅଭିଯୋଗ କରି ତାଙ୍କର ଇସ୍ତଫା ଦାବି କରିବା ସହ ରବିବାର ସଂନ୍ଧ୍ୟାରେ ତିନିମୁହାଣୀ ଠାରେ ତାଙ୍କ କୁଶ ପୁତଳିକା ଦାହ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତୀୟ ଯୁବ ମୋର୍ଚ୍ଚାର ଜିଲ୍ଲା ସଭାପତି ବିନ୍ଦୁ ସାଗର ଦାସ, ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ଯୁବ ମୋର୍ଚ୍ଚା ରାଜ୍ୟ ସଂପାଦକ ଡ଼ଃ ପ୍ରକାଶ ଦଳାଇ, ଉପିନ ରାଉତ, ଅଭିମନ୍ୟୁ ଗୋଛାୟତ, ଶଶାଙ୍କ ଶେଖର ସେଠୀ, ମୁକ୍ତିକାନ୍ତ ସ୍ୱାଇଁ, ଲଲାଟ କେଶରୀ, ଅବିନାଶ ସ୍ୱାଇଁ, ରତୀ ରଞ୍ଜନ ଜେନାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ପ୍ରାଧ୍ୟାପକ ଶ୍ରୀପତି ଚିନରାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଭୁବନ,୨/୮ (ନି.ପ୍ର): ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରାଧ୍ୟାପକ ଶ୍ରୀପତି ଚିନରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.କିଶୋର ଚନ୍ଦ୍ର ଦାଶ ଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ପ୍ରାଧ୍ୟାପକ ଅଜିତ କୁମାର ବେହେରା, ପ୍ରାଧ୍ୟାପକ ହିମାଂଶୁ ଶେଖର ମିଶ୍ର, ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ, ଅଧ୍ୟାପକ ଗୌରାଙ୍ଗ ଚରଣ ମହାରଣା, ଅଧ୍ୟାପକ ପ୍ରଭାତ କୁମାର ଜେନା, ଅଧ୍ୟାପିକା ଶ୍ରାବଣୀ ଅଗ୍ରଜା, ଅଧ୍ୟାପିକା ସୌମ୍ୟଶ୍ରୀ ବେହେରା, ଅଧ୍ୟାପିକା ଇନ୍ଦୁରେଖା ସାହୁ, ଗ୍ରନ୍ଥାଗାରିକ ନନ୍ଦ କିଶୋର ଧିର, ମୁଖ୍ୟକିରାଣୀ କୈଳାସ ଚନ୍ଦ୍ର ବେହେରା, ଆକାଉଣ୍ଟାଟ ଶ୍ରୀବତ୍ସ କୁମାର ଥାଟୋଇ ପ୍ରମୁଖ ଉପସ୍ଥିତ ରହି ଶ୍ରୀଯୁକ୍ତ ଚିନରା ଙ୍କ ଶିକ୍ଷାଦାନ ଶୈଳୀ, ସମୟାନୁବର୍ତ୍ତିକା, ଉତମ ବ୍ୟବହାରକୁ ଉଚ୍ଚ ପ୍ରଶଂସା କରିବା ସହିତ ଏହା ଅନ୍ୟ ମାନଙ୍କ ପାଇଁ ଧେୟ ହେଉ ଏବଂ ଶ୍ରୀଯୁକ୍ତ ଚିନରାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ମୁଖ୍ୟକିରାଣୀ କୈଳାସ ଚନ୍ଦ୍ର ବେହେରା ଅବସରଗ୍ରହଣ କରିଥିବା ପ୍ରାଧ୍ୟାପକ ଶ୍ରୀପତି ଚିନରାଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ । ଶ୍ରୀଯୁକ୍ତ ଚିନରାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ଉପହାର ପ୍ରଦାନ କରାଯାଇ ସମସ୍ତ କର୍ମଚାରୀ ଅଶ୍ରୁଳ ବିଦାୟ ଜଣାଇଥିଲେ ।

## ଅବସରକାଳନୀ ସମ୍ବର୍ଦ୍ଧନା ସଭା

ଧର୍ମଶାଳା,୨/୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅଧିନରେ ଥିବା ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ତାଙ୍କ କାର୍ଯ୍ୟକାଳରୁ ଅବସର ନେଇଛନ୍ତି । ଏନେଇ ଆଜି ଫାଣ୍ଡି ପରିସରରେ ବ୍ରହ୍ମବରଦା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ବରିଷ୍ଠ ସଭ୍ୟ ବିରଂଜି ନାରାୟଣ ଦାସ, କିଶୋର ଚନ୍ଦ୍ର ଜେନା, ପଂଚାନନ ରାଉତଙ୍କ ସମେତ ବ୍ରହ୍ମବରଦା ଅଂଚଳର ଚିନ୍ତାମଣୀ ରାଉତ, ଅତୁଲ୍ୟ ରାଉତ, ଚିତ ରଂଜନ ଦାସ, ପ୍ରତାପ କେଶରୀ ଦେଓ, ବିଭୁତି ଭୂଷଣ ଜେନା ଓ ଅନିଲ ରାଉତଙ୍କ ସମେତ ସାମ୍ବାଦିକ ଚିନ୍ମୟ ନାୟକ, ପ୍ରକାଶ ଚନ୍ଦ୍ର ସାହୁ ଓ ସ୍ମୃତିରଂଜନ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ । ସଂଘ ପକ୍ଷରୁ ଶ୍ରୀ ସେଠୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ସେଠୀ ୨୦୧୮ ମସିହା ସେପ୍ଟେମ୍ବର ମାସ ୩୧ ତାରିଖରେ ଫାଣ୍ଡିରେ ଯୋଗ ଦେଇଥିଲେ ।

## ବନ ବିଭାଗକୁ ଗାଁ ମନା ଅଭିଯାନ ସ୍ଥଗିତ

ନୂଆପଡା,୨/୮ (ନି.ପ୍ର): ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନର ଆରମ୍ଭ କରାଯାଇଥିବା 'ବନ ବିଭାଗକୁ ଗାଁ ମନା' ଅଭିଯାନକୁ ସ୍ଥଗିତ ରଖା ଯାଇଥିବା ଜଣା ପଡିଛି । ଗତ ୩୦ / ୦୭ /୨୦୨୧ ଦିନ ନୂଆପଡା ଜିଲ୍ଲାପାଳ କାର୍ଯ୍ୟାଳୟ ରେ ଜିଲ୍ଲାପାଳଙ୍କ ଅହ୍ୱାନ କ୍ରମେ ଅନୁଷ୍ଠିତ ଏକ ବୈଠକର ପରେ ଏପରି ନିଷ୍ପତି ନିଆ ଯାଇଛି । ବୈଠକରେ ଜିଲ୍ଲାପାଳ, ଡି ଏଫ୍ ଓ ବିବେକ କୁମାର, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହି ଉପସ୍ଥିତ ସମେତ ଆନ୍ଦୋଳନ ତରଫରୁ ଖୁଟୁରାମ ସୁନାନୀ, ମେଘନାଦ ଖରସେଲ, ହିରାଲାଲ ମାଝି, ଯୁଧିଷ୍ଠିର ସାହୁ, ମହମ୍ମଦ ଦାଦୁ ଖାନ୍, କୁମ ମାଝି, ଚୈତନ ମାଝି ଉପସ୍ଥିତ ରହି ଆଲୋଚନା କରିଥିଲେ । ଜଂଗଲ ଅଧିକାର ଆଇନ ୨୦୦୬ କୁ କାର୍ଯ୍ୟକାରି ଠିକ୍ ଭାବରେ କରା ଯାଉନଥିବାରୁ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ ତରଫରୁ ବନ ବିଭାଗ କୁ ଗାଁ ମନା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଗାଁ ଗାଁ ରେ କାନ୍ଥ ଲେଖା ସମେତ ପୋଷ୍ଟର ଛପା ଯାଇଥିଲା । ଗାଁ ଲୋକେ ବନ ବିଭାଗର କାର୍ଯ୍ୟକ୍ରମକୁ ବନ୍ଦ କରିଥିଲେ । ଏଭଳି ପରିସ୍ଥିତିକୁ ଠିକ କରିବା ପାଇଁ ନିଜେ ଜିଲ୍ଲାପାଳ ଏବଂ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ପ୍ରୟାସ କରିଥିଲେ । ଜିଲ୍ଲାପାଳ କକ୍ଷରେ ବସିଥିବା ବୈଠକର ନିଷ୍ପତି ହେଲା - ଗୋଷ୍ଠି ସମ୍ବଳ ଅଧିକାର ପ୍ରଦାନ କରା ଯିବ, ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଆବେଦନ କୁ ବିଚାରକୁ ନିଆଯିବ, ବନ ବିଭାଗ କରୁଥିବା କାମରେ ସ୍ଥାନିୟ ମଜୁରୀଆଙ୍କୁ ପ୍ରାଧାନ୍ୟ ଦିଆଯିବ । ଗାଁ ଲୋକେ ଅଧିକାର ପାଇବା ନିମନ୍ତେ ପୁରୁଣା ପ୍ରମାଣ ସବୁ ଖୋଜିବେ । ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ ପ୍ରମାଣ ସବୁ ଖୋଜିବାରେ ସହାୟକ ହେବେ । ଆଗାମି ୨ ମାସ ମଧରେ ଏସବୁ କାମର ପ୍ରଭାବ ଜଣାପଡିବ ବୋଲି ଘୋଷଣା କରା ଯାଇଛି । ଉପରୋକ୍ତ ବିଷୟକୁ ଗାଁ ସବୁରେ ଜଣାଇବା ପାଇଁ ୩୧/୭/୨୦୨୧ ଦିନ ଘାଟମାଲ ପଂଚାୟତର ପୋଡାପଦର ଗାଁର ବଜାର ପଡିଆରେ ଏକ ବୈଠକ ଆନ୍ଦୋଳନ ତରଫରୁ ଅନୁଷ୍ଠିତ ହୋଇଥିଲା । ଏଥିରେ ଆନ୍ଦୋଳନର ସଭାପତି ଜଗଦିଶ ମାଝି ସଭାପତିତ୍ୱ କରିଥିଲେ । ସଭାରେ ପୁର୍ବତନ ସଭାପତି ହନୁରାମ ମାଝି, ଲୁଦ୍ର ମାଝି, ପରମାନନ୍ଦ ଚିନ୍ଦା ମେଘନାଦ ଖରସେଲ, ଖୁଟୁରାମ ସୁନାନୀ ସମେତ ଶତାଧିକ ଲୋକ ଯୋଗଦାନ କରିଥିଲେ । ମହିଳାଙ୍କ ମଧରେ ପୁର୍ବତନ ସରପଂଚ ଚଂଚଲା ରାଉତ ମଧ ଯୋଗଦାନ କରିଥିଲେ । ସମସ୍ତ ଗ୍ରାମବାସୀ ନିଜ ନିଜ ଗ୍ରାମର ପୁରୁଣା ତଥ୍ୟ, ରେକର୍ଡ ଖୋଜ୍ କରିବେ । ଆନ୍ଦୋଳନକୁ ଆହୁରି ମଜବୁତ କରିବାକୁ ବିଚାର ବିମର୍ଶ କରାଯାଇଥିଲା । ପ୍ରତି ମିଟିଂକୁ ଆସିବା ସମୟରେ ଚାଉଳ ଡାଲି, ପରିବା, କାଠ, ଖଲି ପତ୍ର, ଲୁଣ,ଲଙ୍କା ଓ ୫ କିମ୍ବା ୧୦ ଟଙ୍କା ଧରି ଆସିବେ । ଏ ବ୍ୟବସ୍ଥା ରହିଲେ ହିଁ ଆନ୍ଦୋଳନ ନିଜର ହୋଇ ରହିବା ସହ ଦୀର୍ଘସ୍ଥାୟୀ ହୋଇ ପାରିବ ବୋଲି ସ୍ଥିର ହେଲା । ଅଧିକାର ପାଇଁ ଲଢିବା ସହ ନିଜ ନିଜର କର୍ତ୍ତବ୍ୟ କରିବାକୁ ସ୍ଥିର ହେଲା । ଲୋକେ ନିଜର ବାରି ରେ ଓ ଜମି ହୁଡା, ଖାଲି ସ୍ଥାନରେ ଆୟକାରୀ ଗଛ ଲଗା ଇବେ । ନିଜ ଗାଁ ସୀମାରେ ଥିବା ଜଙ୍ଗଲକୁ ସୁରକ୍ଷା ଦେବେ । ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବେ । ଯେଉଁଠି ବନ ବିଭାଗ ସରକାରଙ୍କ ଦ୍ୱାରା ନିଷେଧ କରା ଯାଇଥିବା ସାଗୁଆନ, ଚାକୁଣ୍ଡା, ନିଳଗିରି ଗଛ ଲଗାଇଲେ ତାହାର ବିରୋଧ କରାଯିବାକୁ ସ୍ଥିର କରାଗଲା । ଗାଁ ଲୋକଙ୍କ ଜଙ୍ଗଲ ଓ ଗଛ ଆଧାରିତ ଆର୍ଥୀକ ବିକାଶ କିଭଳି ହେବ ସେ ଦିଗରେ ଆଲୋଚନା କରାଯାଇଥିଲା ।

## ପାଣିକୋଇଲି ଟ୍ରକ ମାଲିକ ସଙ୍ଘର ନିର୍ବାଚନ ପ୍ରସ୍ତୁତି

କୋରେଇ,୨/୮ (ନି.ପ୍ର): ପାଣିକୋଇଲି ଟ୍ରକ ମାଲିକ ସଙ୍ଘ ପକ୍ଷରୁ ନୂତନ କର୍ମକତା ନିର୍ବାଚନ ନିମନ୍ତେ ଆଜି ପ୍ରସ୍ତୁତି ବୈଠକ ପଦ୍ମାବତୀ ଗେଷ୍ଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବ କମିଟିର ସମୟସୀମା ସରିଯାଇଥିବାରୁ ନୂତନ କମିଟି ଗଠନ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ଏକ କମିଟି ଚୟନ କରାଯାଇଛି । ପାଣିକୋଇଲି ଟ୍ରକ ଓନରସ ଆସୁସିଏସନକୁ କ୍ରିୟାଶୀଳ କରିବାକୁ ଉପଦେଷ୍ଟା ଭାବେ ସନ୍ତୋଷ କୁମାର ବେହେରା, ଅକ୍ଷୟ କୁମାର ପରିଡା, ମିର୍ଜ୍ଜା ଆଦିଲ ବେଗ, ମିର୍ଜ୍ଜା ଏଇସାନ ବେଗ ସଭାପତି ଭାବେ ସେକ ଆଲଜିରା ବେଗ, ସମ୍ପାଦକ ଭାବେ ଚନ୍ଦ୍ରକାନ୍ତ ଖଣ୍ଡାଇ. କୋଷାଧ୍ୟକ୍ଷ ଭାବେ ପ୍ରଫୁଲ୍ଲ କୁମାର ସାମଲ, ଉପସଭାପତି ଭାବେ ଦାମୋଦର ସାହୁ, ସହସମ୍ପାଦକ ଭାବେ ଭାଗ୍ୟଧର ରାୟ, ଦୁଃଶାସନ ନାୟକଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଛି ।

## ମଦ ସହ ଗାଡି ଜବତ : ୩ ଗିରଫ

ଧର୍ମଶାଳା,୨/୮ (ନି.ପ୍ର): ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଚଢେଇଧରା ଛକ ନିକଟରୁ ଆଜି ଏକ ବୋଲେରୋ ଗାଡିରେ ମଦ ଚାଲାଣ ହେଉଥିବା ସମୟରେ ଜବତ କରାଯାଇଛି । ଗାଡିରେ ୧୫୦ ଲିଟର ମଦ ସହ ଘଟଣାରେ ସମ୍ପୃକ୍ତ ଥିବା ୩ ଜଣ ଯୁବକକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି ।

ସୂଚନା ମୁତାବକ ଆଜି ସକାଳେ ଜେନାପୁର ପୁଲିସ ପାଟ୍ରୋଲିଂ ସମୟରେ ଚଢେଇଧରା ଛକ ନିକଟରେ ଏକ ବୋଲେରୋ ଗାଡି (ଓଆର୧୯କେ୬୫୦୦)ରେ ମଦ ଚାଲାଣ ହେଉଥିବା ଖବର ପାଇ ଗାଡିକୁ ଅଟକାଇଥିଲେ । ଗାଡିରେ ମଦ ଥିବା ଜଣାଡିବା ପରେ ଗାଡି ସହ ମଦକୁ ଜବତ କରାଯାଇଛି । ଏହି ଘଟଣାରରେ ପୁଲିସ ଥାନାରେ କେସ୍ ନଂ ୨୪୫/୨୧ରେ ମାମଲା ରୁଜୁ କରି ସୁକିନ୍ଦା ଥାନା ଅନ୍ତର୍ଗତ କଟିଂରା ଗ୍ରାମର ଶରତ ବେହେରାଙ୍କ ପୁଅ ମଙ୍ଗୁଲି, ଜେନାପୁର ଥାନା ଅନ୍ତର୍ଗତ କୁସ୍ତିରା ଗ୍ରାମର ସ୍ୱର୍ଗତ ବେଣୁଧର ଦଳେଇଙ୍କ ପୁଅ ମଦନ ଓ ଢେଙ୍କାନାଳ ଜିଲା ଭୂବନ ଥାନା ଅନ୍ତର୍ଗତ ସିନ୍ଧିକାନ୍ତି ଗ୍ରାମର ନରୋତମ ମାଝିଙ୍କ ପୁଅ ଗତିକୃଷ୍ଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ଜେନାପୁର ପୁଲିସ ସୂଚନା ଦେଇଛି ।

## ଡୁଆଝର ବାସନ୍ତୀ ଢ଼ାବାରେ ଗୁଳିକାଣ୍ଡ ଘଟଣା : ତଦନ୍ତ ଆରମ୍ଭ

ନୂଆପଡ଼ା,୨/୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ଗ୍ରାମ ସ୍ଥିତ ବାସନ୍ତୀ ଢ଼ାବାରେ ଗୁଳିକାଣ୍ଡ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଥାନାଧିକାରୀ ଓ ଏସଡିପିଓଙ୍କ ନେତୃତ୍ୱରେ ୨ ଗୋଟି ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ବେଳେ ଅଭିଯୁକ୍ତ ମାନଙ୍କୁ ଅତିଶୀଘ୍ର ଗିରଫ କରାଯିବ ବୋଲି ଖଡ଼ିଆଳ ଏସଡିପିଓ ସନ୍ତକ ଜେନା ସୂଚନା ଦେଇଛନ୍ତି । ମୃତ ବାସନ୍ତୀଙ୍କ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଘଟଣା ସ୍ଥଳରେ ନୂଆପଡ଼ା ଏସପି ପ୍ରତ୍ୟୁଷ ଦିବାକର, ସାଇଂଟୀଫିକ ଟିମ ଓ ସଂଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ଗତକାଲି ରାତ୍ରରେ ୨ ଜଣ ଅଜଣା ବ୍ୟକ୍ତି ଢ଼ାବାର ମାଲିକାଣୀ ବାସନ୍ତୀ ମେହେରଙ୍କୁ ଗୁଳିମାଡ଼ କରିଥିଲେ । ଯାହା ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା ।

### ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲ ବନ୍ଧ ଭାଙ୍ଗିବା ଘଟଣା

## ଘଟଣାସ୍ଥଳରେ ପହଂଚି ବିଭାଗୀୟ ଅଧିକାରୀଙ୍କ ତଦନ୍ତ ଆରମ୍ଭ

ଭବାନୀପାଟଣା,୨/୮ (ନି.ପ୍ର): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଅନ୍ତର୍ଗତ ମାଝିଗୁଡ଼ା ନିକଟରେ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲ ବନ୍ଧ ଭାଙ୍ଗିବା ଘଟଣାରେ ଆଜି ଏହାର ତଦନ୍ତ ପାଇଁ ଘଟଣାସ୍ଥଳରେ ପହଂଚିଛନ୍ତି ଇଆଇସି ଅସୀମ ପଣ୍ଡାଙ୍କ ସମେତ ବିଭାଗୀୟ ଅନ୍ୟ ଅଧିକାରୀ । ବିଭାଗୀୟ ଅଧିକାରୀ ମାନେ ସେଠାରେ ପହଂଚି କିପରି ଓ କେଉଁ ପରିସ୍ଥିତିରେ ବନ୍ଧରେ ଘାଇ ସୃଷ୍ଟି ହେଲା ସେନେଇ ଛାନଭିନ୍ ଜାରୀ ରଖିଛନ୍ତି । ରାଜ୍ୟରେ ଲଘୁଚାପଜନିତ ବର୍ଷା ଜାରୀ ରହିଥିବା ବେଳେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଅନ୍ତର୍ଗତ ମାଝିଗୁଡ଼ା ନିକଟରେ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲ ବନ୍ଧରେ ଗତକାଲି ୧୦ ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଥିଲା । ମେଗା ଲିଫ୍ଟ କାର୍ଯ୍ୟକାରୀ ହେବାର ପ୍ରଥମ ବର୍ଷା ଜଳ ନିଷ୍କାସନ ବେଳେ ଗତକାଲି ସକାଳେ ଏଭଳି ଅଘଟଣ ଘଟିଥିଲା । ଫଳରେ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହୋଇପଡିଛି । ବ୍ୟାପକ ଫସଲ ହାନି ଘଟିଛି । ବିଶେଷ କରି ନିମ୍ନମାନର କାମ ଓ ମାତ୍ରାଧିକ ଜଳସ୍ରୋତ ଯୋଗୁଁ କେନାଲ ବନ୍ଧରେ ଘାଇ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି ।

## ଯାଜପୁର ଜିଲ୍ଲାରୁ ୧୨ କନେଷ୍ଟବଳଙ୍କୁ ନିଜ ଜିଲ୍ଲାକୁ ବଦଳି

କୋରେଇ,୨/୮ (ନି.ପ୍ର): ଯାଜପୁର ଜିଲ୍ଲା ପୁଲିସରେ ବିଭିନ୍ନ ଥାନାରେ କାର୍ଯ୍ୟରତ ୧୨ ଜଣ କନେଷ୍ଟବଳଙ୍କୁ ସେମାନଙ୍କ ନିଜ ଜିଲ୍ଲାକୁ ବଦଳି କରାଯାଇଛି । ୨୦୦୭ ମସିହାରୁ ୨୦୧୨ ମସିହା ମଧ୍ୟରେ ଏମାନେ ଯାଜପୁର ଜିଲ୍ଲାରେ ବିଭିନ୍ନ ଥାନାରେ କାର୍ଯ୍ୟ ସମ୍ପାଦନା କରିଆସୁଥିଲେ । ତ୍ରିଲୋଚନ ମଲିକଙ୍କୁ ଯାଜପୁର ଟାଉନ ଥାନାରୁ ରାଉରକେଲା ଜିଲ୍ଲା, ସୁଧାଂଶୁ ଶେଖର ପହୀଙ୍କୁ ବିରଜା ଟିଓପିରୁ ମାଲକାନାଗିରି ଜିଲ୍ଲା, ହୃଦାନନ୍ଦ ସାହୁଙ୍କୁ ଯାଜପୁର ସଦର ଥାନାରୁ ଭଦ୍ରକ ଜିଲ୍ଲା, ହିମାନୀ ରାୟଙ୍କୁ ବଡଚଣା ଥାନାରୁ ଖୋର୍ଦ୍ଧା ଜିଲ୍ଲା, ଭଜନ କୁମାର ବିଶ୍ୱାଳଙ୍କୁ ବଡଚଣା ଥାନାରୁ ବାଲେଶ୍ୱର ଜିଲ୍ଲା, ନିବେଦିତା ପାତ୍ରଙ୍କୁ ଚଣ୍ଡିଖୋଲ ଫାଣ୍ଡିରୁ ରୟାଗଡା ଜିଲ୍ଲା, ଅଭୟ କୁମାର ଦାସଙ୍କୁ ଯାଜପୁରରୋଡ ଥାନାରୁ ସୁନ୍ଦରଗଡ ଜିଲ୍ଲା, ସୁନାକର ବିଶ୍ୱାଳଙ୍କୁ ଯାଜପୁରରୋଡ ଥାନାରୁ ସୁବର୍ଣ୍ଣପୁର ଜିଲ୍ଲା, କମଳ ଲୋଚନ କରଙ୍କୁ ପାଣିକୋଇଲି ଥାନାରୁ ସୁନ୍ଦରଗଡ ଜିଲ୍ଲା, ଉମାକାନ୍ତ ମଲିକଙ୍କୁ କୁଆଖିଆ ଥାନାରୁ ରାଉରକେଲା ଜିଲ୍ଲା, ସେକ ଜାହାଙ୍ଗିର ଆଲମଙ୍କୁ ବାଲିଚନ୍ଦ୍ରପୁର ଥାନାରୁ ସୁନ୍ଦରଗଡ ଜିଲ୍ଲାକୁ ବଦଳି କରାଯାଇଛି । ସେମାନେ ନିଜ ସ୍ଥାନରୁ ତୁରନ୍ତ ଆସି ଜିଲ୍ଲା ମୁଖ୍ୟାଳୟରେ ପହଂଚି ନିଜ ଜିଲ୍ଲାକୁ ଯିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏନେଇ ଯାଜପୁର ଏସପି ରାହୁଲ ପିଆର ଶନିବାର ପତ୍ର ସଂଖ୍ୟା ୧୩୮୫ ଅର୍ଡର ନମ୍ବର ୨୦୧୦ରେ ସୂଚନା ଜାରି କରିଛନ୍ତି ।

### ଜିଏସଆଇ ପରୀକ୍ଷାରେ କୃତକାର୍ଯ୍ୟ : ଶୁଭେଚ୍ଛା ଜଣାଇଲେ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ

କୋରେଇ,୨/୮ (ନି.ପ୍ର): ପାଣିକୋଇଲି ଅଳତିରି ଗ୍ରାମର ଗଣେଷ ଚନ୍ଦ୍ର ମଲ୍ଲିକଙ୍କ ବଡ ଝିଅ ସୋନାଲି ପ୍ରୀୟଦର୍ଶିନୀ ମଲ୍ଲିକ । ପାଣିକୋଇଲି ଜଗବନ୍ଧୁ ନୋଡାଲ ବିଦ୍ୟାପୀଠ ବା ସରକାରୀ ସ୍କୁଲରୁ ଆରମ୍ଭ ହୁଏ ଶିକ୍ଷା । ପାଣିକୋଇଲି ମା ତାରିଣୀ ବାଳିକା ହାଇସ୍କୁଲ, ପାଣିକୋଇଲି ମହାବିଦ୍ୟାଳୟ ପରେ ରେଭେନ୍ସା ୟୁନିଭରସିଟିରେ ବିଏସି କଲା ପରେ ଧାନବାଦ ଆଇଆଇଟି(ଆଇଏସଏମ)ରେ ଏମଏସି କରିଛନ୍ତି । ୨୦୧୯ ୟୁପିଏସସି ଜିଓଲିଷ୍ଟରେ ପରୀକ୍ଷାରେ (ଜିଏସଆଇ)ରେ ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି । ଏହି ସଫଳତା ପଛରେ ଜେଜ ୰କିଶୋର ଚନ୍ଦ୍ର ମଲ୍ଲିକ, ଜେଜେମା ଝରଣା ମଲ୍ଲିକ, ପିତା/ମାତା ଭାଇ, ପରିବାର, ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ତାର ଶ୍ରେୟ ଦେଇଛନ୍ତି । ସୋନାଲିଙ୍କ ଏହି ସଫଳତା ଜାଣି ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ତାଙ୍କ ବାସଭବନରେ ପହଂଚି ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉତୋରତର କାମନା କରିଛନ୍ତି ।

## ଅନ୍ୟ ଜାତିରେ ବାହା ହେବାରୁ ୨୫.୬୦ ଲକ୍ଷ ଟଙ୍କା ଜରିମାନା

ଆନନ୍ଦପୁର,୨/୮ (ନି.ପ୍ର): ଅନ୍ୟ ଜାତିର ଝିଅକୁ ବିବାହ କରିବାରୁ ଜଣେ ଯୁବକଙ୍କୁ ଗ୍ରାମସଭାରେ ୨୫ ଲକ୍ଷ ୬୦ ହଜାର ଟଙ୍କା ଜରିମାନା କରାଯାଇଛି । ଏହାଛଡ଼ା ତାଙ୍କୁ ନିଆଁପାଣି ବାସନ୍ଦ କରାଯାଇଛି । ଏଭଳି ଘଟଣା ଘଟିଛି ଘସିପୁରା ବ୍ଲକ୍ ଖାଳିଆମେଣ୍ଟା ପଞ୍ଚାୟତ ନିଆଳିଝରଣ ଗ୍ରାମରେ । ପ୍ରାପ୍ତ ସୂଚନା ଅନୁସାରେ, ଏହି ଗ୍ରାମର ମହେଶ୍ୱର ବାସ୍କେ ନିକଟସ୍ଥ ନାଗାଡ଼ାହି ଗ୍ରାମର ଜଣେ ଯୁବତୀଙ୍କୁ ୬ ମାସ ତଳେ ବିବାହ କରିଥିଲେ । ଯୁବତୀ ଜଣଙ୍କ ଭିନ୍ନ ଜାତିର ହୋଇଥିବାରୁ ଉଭୟ ବିବାହ ପରେ ବାହାରେ ରହୁଥିଲେ । ଏବେ ସେମାନେ ଘରକୁ ଫେରିଛନ୍ତି । ଗ୍ରାମବାସୀ ସଭା କରି ତାଙ୍କ ପରିବାରକୁ ନିଆଁପାଣି ବାସନ୍ଦ କରିବା ସହ ୨୫ ଲକ୍ଷ ୬୦ ହଜାର ଟଙ୍କା ଜରିମାନା କରିଛନ୍ତି । ଯାହା ଭରଣା କରିବା ମହେଶ୍ୱରଙ୍କ ପକ୍ଷରେ ସମ୍ଭବ ନୁହେଁ । ତେଣୁ ଏବେ ମହେଶ୍ୱର ସ୍ତ୍ରୀ ଏବଂ ମା'ଙ୍କୁ ନେଇ ଗାଁ ଛାଡ଼ି ଗୌଡ଼ସିଂହାସ୍ଥିତ ମାମୁଘରେ ଆଶ୍ରୟ ନେଇଛନ୍ତି । ଏନେଇ ଥାନା ଅଧିକାରୀ ମନୋରଂଜନ ବିଶିଙ୍କୁ ପଚାରିବାରୁ, ଥାନାରେ କୌଣସି ଅଭିଯୋଗ ହୋଇନି । ଯୁବତୀଙ୍କ ଭାଇ ଏ ସମ୍ପର୍କରେ ଆନନ୍ଦପୁର କୋର୍ଟରେ ମାମଲା ଦାଏର କରିଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ସେ କହିଛନ୍ତି ।

## ଢେଙ୍କାନାଳରେ ଚିନ୍ତା ବଢ଼ାଇଲାଣି ଡେଙ୍ଗୁ

### ଜିଲ୍ଲାରେ ୩ ରୋଗୀ : ଭୁବନେଶ୍ୱର ଓ ପୁରୀରୁ ଫେରିଥିଲେ

ଢେଙ୍କାନାଳ ,୨/୮ (ନି.ପ୍ର): ଜିଲ୍ଲାରେ ଗତ ଦୁଇଦିନ ମଧରେ ୩ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ସେମାନେ ସମସ୍ତେ ଯୁବକ । ଭୁବନେଶ୍ୱର ଓ ପୁରୀରୁ ସେମାନେ ଜ୍ୱରରେ ଆକ୍ରାନ୍ତ ହୋଇ ଘରକୁ ଆସିବା ପରେ ଡେଙ୍ଗୁ ରୋଗରେ ପୀଡ଼ିତ ଥିବା ଜଣାପଡିଛି । କରୋନା ସାଙ୍ଗକୁ ଜିଲ୍ଲାରେ ଡେଙ୍ଗୁର ଆବିର୍ଭାବ ସାଧାରଣରେ ଚିନ୍ତାର ବିଷୟ ହୋଇଛି ।

ସୂଚନା ଅନୁଯାୟୀ, ଜିଲ୍ଲାରୁ ବହୁ ଲୋକ କଟକ, ଭୁବନେଶ୍ୱର, ପୁରୀରେ କାର୍ଯ୍ୟ କରୁଥିବାବେଳେ ପ୍ରାୟତଃ ସେମାନେ ଯିବାଆସିବା କରିଥାନ୍ତି । କରୋନା ମହାମାରୀ ପାଇଁ ଜିଲ୍ଲା ବାହାରକୁ ଯାତାୟାତ କରୁଥିବା ଲୋକମାନେ ସତର୍କ ହୋଇ କୋଭିଡ୍ ନିୟମ ପାଳନ କରି ଯାଉଛନ୍ତି । ବର୍ତ୍ତମାନ ବାହାର ଜିଲ୍ଲାକୁ ଯାତାୟତ କରୁଥିବା ଲୋକମାନଙ୍କ ପାଇଁ ଡେଙ୍ଗୁ ଏକପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଛି । ପୁରୀ ଓ ଭୁବନେଶ୍ୱରରେ କାର୍ଯ୍ୟରତ ୩ଜଣ ଯୁବକ ଡେଙ୍ଗୁ ସଂକ୍ରମିତ ହୋଇ ଜିଲ୍ଲାକୁ ଫେରିବା ପରେ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧରୁ ଜଣେ ଓଡ଼ାପଡ଼ା ବ୍ଲକ ରାଣୀପାଳ ଅଞ୍ଚଳର ବୋଲି ଜଣାଯାଇଛି । ସମ୍ପୃକ୍ତ ବ୍ୟକ୍ତି ଭୁବନେଶ୍ୱର ଟଙ୍କପାଣି ରୋଡ୍‌ରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି । ସେ ଅସୁସ୍ଥ ହେବାରୁ ଘରକୁ ଚାଲିଆସିଥିଲେ । ପରେ ସେ ଜ୍ୱରରେ ପୀଡ଼ିତ ହୋଇ ସୁସ୍ଥ ନ ହେବାରୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ପରୀକ୍ଷା କରାଇଥିଲେ । ତାଙ୍କର ଡେଙ୍ଗୁ ପଜିଟିଭ୍ ଥିବା ଚିହ୍ନଟ ହୋଇଥିଲା । ଓଡ଼ାପଡ଼ା କାଶିଆଡ଼ିହ ଗ୍ରାମର ଜଣେ ବ୍ୟକ୍ତି ମଧ ପୁରୀ ରଥଯାତ୍ରାକୁ ଡ୍ୟୁଟିରେ ଯାଇ ଫେରିବା ପରେ ଡେଙ୍ଗୁରେ ଆକ୍ରାନ୍ତ ଥିବା ଜଣାପଡିଛି । ସେହିପରି ଭାପୁର ଶିମିଳିପାଟଣା ଗ୍ରାମର ଜଣେ ଯୁବକ ଭୁବନେଶ୍ୱର ପଟିଆ ସ୍ଥିତ ଏକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ବେଳେ ଗତ ଶୁକ୍ରବାର ଘରକୁ ଆସି ସେ ଜ୍ୱରରେ ପୀଡ଼ିତ ହେଲେ । ଜ୍ୱର ନ ଛାଡିବାରୁ ତାଙ୍କ ରକ୍ତ ପରୀକ୍ଷାରୁ ସେ ଡେଙ୍ଗୁ ଆକ୍ରାନ୍ତ ଥିବା ଜଣାପଡ଼ିଛି ।



ପ୍ରକାଶ ଥାଉକି, ଢେଙ୍କାନାଳ ପାଇଁ ଡେଙ୍ଗୁ ରୋଗ ନୂଆ ନୁହଁ । ଗତ ୮ ବର୍ଷ ଧରି ଜିଲ୍ଲାରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଆସୁଛନ୍ତି । ୨୦୧୩ ମସିହାରେ ୪୧୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୧୪ରେ ୨୭୪ ଜଣ, ୨୦୧୫ରେ ୪୪ ଜଣ, ୨୦୧୬ରେ ୧୧୭ ଜଣ, ୨୦୧୭ରେ ୫୧ ଜଣ, ୨୦୧୮ରେ ୬୧ ଜଣ, ୨୦୧୯ରେ ୯୬ ଜଣ, ୨୦୨୦ ରେ ୫ ଜଣ, ୨୦୨୧ରେ ୪ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଗତ ୭ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଥିବା ବେଳେ ଗତକାଲି ଓ ଆଜି ଆଉ ୩ ଜଣ ଚିହ୍ନଟ ହୋଇଛନ୍ତି । ତେବେ ଅଦ୍ୟାବଧି କୌଣସି ଡେଙ୍ଗୁ ରୋଗୀ ମୃତ୍ୟୁବରଣ କରିନଥିବା ବିଭାଗୀୟ ଅଧିକାରୀଙ୍କଠାରୁ ଜଣାଯାଇଛି । ଏ ସଂପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର କହିଛନ୍ତି ଯେ, ଚିହ୍ନଟ ସମସ୍ତ ଡେଙ୍ଗୁ ରୋଗୀ ଢେଙ୍କାନାଳ ଜିଲ୍ଲା ବାହାରେ କାର୍ଯ୍ୟ କରୁଥିଲେ, ସେଠାରୁ ଆକ୍ରାନ୍ତ ହୋଇଆସିଛନ୍ତି । ଏବେ ସେମାନଙ୍କ ଅବସ୍ଥା ଭଲ ଅଛି ଏବଂ ସମସ୍ତେ ସୁସ୍ଥ ଅଛନ୍ତି । ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ୱାର୍ଡ ରହିଛି । ସେଠାରେ ରହି ରୋଗୀମାନେ ଚିକିତ୍ସିତ ହେଉଛନ୍ତି । ବର୍ତ୍ତମାନ ଜିଲ୍ଲାରେ ଡେଙ୍ଗୁ ରୋଗ ପାଇଁ ସେତେ ଭୟ ନାହିଁ । ସହରଠାରୁ ଗାଁ ପର୍ଯ୍ୟନ୍ତ ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଚାଲିଛି ବୋଲି ସେ କହିଥିଲେ ।

## ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷଙ୍କ ଦୁଇ ଦିନିଆ କନ୍ଧମାଳ ଗସ୍ତ

କନ୍ଧମାଳ,୨/୮ (ନି.ପ୍ର): ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ପ୍ରମୋଦ କୁମାର ମେକପ ଦୁଇ ଦିନିଆ କନ୍ଧମାଳ ଗସ୍ତରେ ଆସି ଫୁଲବାଣୀରେ ପହଂଚି ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ନାୟକଙ୍କ ସହ ମିଶି ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୃଷ୍ଟି କେନ୍ଦ୍ର, ଟିକାକରଣ କେନ୍ଦ୍ର ଏବଂ କୃମି ନାଶକ ସେଂଟର ଯାଇ ସେଠାରେ ଗ୍ରାମୀଣ ପିଡିଏସ କାର୍ଯ୍ୟାଳୟକୁ ଯାଇ ହିତାଧିକାରୀଙ୍କ ସହ ସିଧା ସଳଖ ଚାଉଳ ବଂଟନର ବ୍ୟବସ୍ଥା ନେଇ ପଚାରି ବୁଝିଥିଲେ । ଏହାପରେ ହିତାଧିକାରୀଙ୍କ ସହ ସ୍ଥାନୀୟ ଲ୍ୟାମ୍ପସ କେନ୍ଦ୍ର ଉଦ୍ଘାଟନ କରିଥିଲେ । ଏହାପରେ ଫୁଲବାଣୀ ସ୍ଥିତ ସରକାରୀ ଖାଉଟି କେନ୍ଦ୍ର, କଲ୍ୟାଣି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ କେନ୍ଦ୍ରକୁ ଯାଇ ସେଠାରେ ପ୍ରସ୍ତୁତ ଖାଦ୍ୟର ମାନ ଯାଂଚ କରିଥିଲେ । ଏହା ସହ ମହିଳା ମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପୃଷ୍ଟିକର ଖାଦ୍ୟକୁ ପରଖି ଥିଲେ । ଛତୁଆ ବିଶେଷ କରି ଗର୍ଭବତୀ ମା ମାନଙ୍କ ଆବଶ୍ୟକତା ରହିଛି । ଜିଲ୍ଲାରେ କିଭଳି ସମସ୍ତ ଅଂଚଳରେ ଉତମ ମାନର ପ୍ରୋଟିନ ଯୁକ୍ତ ଛତୁଆ ବଂଟନ ହୋଇପାରିବ ତାହା ଉପରେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଉନ୍ନତ ମାନର ଛତୁଆ ତିଆରି କରି ଏହାକୁ ସୁଦୁର ପ୍ରସାରୀ କରିବା ପାଇଁ ମହିଳା ମାନଙ୍କୁ ପରାମର୍ଶ ଦେଇଥିଲେ । ବିଶେଷ କରି ଜିଲ୍ଲାରେ ଭିଟାମିନ ଯୁକ୍ତ ଖାଦ୍ୟ ମାଣ୍ଡିଆର ଉପଯୋଗୀତା ପାଇଁ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାଣ୍ଡିଆର ବିଭିନ୍ନ ଖାଦ୍ୟ ଉପଯୋଗୀ ସାମଗ୍ରୀ ପ୍ରସ୍ତୁତ କରି ମଧାନ ଭୋଜନରେ ଏବଂ ଗର୍ଭବତୀ ମହିଳାଙ୍କୁ ବଂଟନ କଲେ ଏହାର ସୁଫଳ ମିଳିପାରିବ ବୋଲି ରାଜ୍ୟଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ଶ୍ରୀ ମେକପ କହିଛନ୍ତି । ଅନ୍ୟମାନଙ୍କ ମଧରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମଞ୍ଜୁଳା ପ୍ରଧାନ, ସିଡିପିଓ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚକୁଳା



ହରିୟାଣାର ପଞ୍ଚକୁଳା ଏକ ସୁନ୍ଦର ଦର୍ଶନୀୟ ସ୍ଥାନ । ସବୁଜିମା, ପାହାଡ଼ଶ୍ରେଣୀ ସହିତ ଜଳଭଣ୍ଡାର, ହ୍ରସ, କ୍ୟାକ୍ଟସ୍ ଗାର୍ଡେନ, ଚିଡିଆଖାନା ଓ ମନସାଦେବୀଙ୍କ ମନ୍ଦିର ପଞ୍ଚକୁଳାର ଆକର୍ଷଣୀୟ ସ୍ଥାନଗୁଡ଼ିକ ମଧ୍ୟରୁ ଅନ୍ୟତମ । ପଞ୍ଚକୁଳା, ହରିୟାଣା ରାଜ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ଜିଲ୍ଲା । ରାଜଧାନୀ ଚଣ୍ଡୀଗଡ଼ଠାରୁ ମାତ୍ର ୧୧ କି.ମି ଦୂରରେ ପଞ୍ଚକୁଳା ଅବସ୍ଥିତ । ସେଠାରେ ସବୁଜ ବାତାବରଣ ସହିତ ରାଜ୍ୟର ଏକ ବଡ଼ ବନ କ୍ଷେତ୍ର ରହିଛି । ଏହି ସହର ପାହାଡ଼ୀ ଆକର୍ଷଣ ଯୋଗୁଁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ପର୍ଯ୍ୟଟକମାନେ ରାଜ୍ୟର ସୀମାରେ ଥିବା ପାହାଡ଼ୀ ଶୃଙ୍ଖଳାର ରୋମାଞ୍ଚକ ଅନୁଭବ ନେବା ପାଇଁ ଆସିଥାନ୍ତି । ଏହା ବ୍ୟତୀତ ପାଞ୍ଚଟି ଧାରା ଯୋଗୁଁ ମଧ୍ୟ ପ୍ରସିଦ୍ଧ ଯାହା ରାଜ୍ୟ ପାଇଁ ଜଳପୁର୍ତ୍ତିର କାମ କରିଥାଏ । ଶିବାଲିକ ପାହାଡ଼ରୁ ଆରମ୍ଭ କରି ପ୍ରାଚୀନ ମନ୍ଦିର ସହିତ ଏହି ସହର ପର୍ଯ୍ୟଟନ ଦୃଷ୍ଟିରୁ ବେଶ୍ ମହତ୍ତ୍ୱପୂର୍ଣ୍ଣ ବୋଲି କହିବାକୁ ହେବ । ଆସନ୍ତୁ ଜାଣିବା ପଞ୍ଚକୁଳାର କେତେକ ଦର୍ଶନୀୟ ସ୍ଥାନ ସମ୍ପର୍କରେ ।

### ମନସା ଦେବୀ ମନ୍ଦିର :

ମା' ମନସା ଦେବୀଙ୍କ ଦର୍ଶନରୁ ପର୍ଯ୍ୟଟକମାନେ ପଞ୍ଚକୁଳା ଭ୍ରମଣ ଆରମ୍ଭ କରିପାରିବେ । ଏହି ମନ୍ଦିର ରାଜ୍ୟର ସବୁଠାରୁ ଲୋକପ୍ରିୟ ସ୍ଥାନ ମଧ୍ୟରୁ ଅନ୍ୟତମ । ପ୍ରତ୍ୟେକ ଦିନ ଶହ ଶହ ଶ୍ରଦ୍ଧାଳୁ ସେଠାକୁ ଯାଇଥାନ୍ତି । ତଥ୍ୟ ଅନୁସାରେ ଏହି ମନ୍ଦିର ୨୦୨୦ ବର୍ଷର ପୁରୁଣା । ଭାରତର କୋଟୋଟି ପୁରାତନ ମନ୍ଦିର ମଧ୍ୟରୁ ଏହା ଅନ୍ୟତମ । ଏହି ବିଶାଳ ମନ୍ଦିରରେ ହୁନ୍ଦୁ ଓ ମୋଗଲ ବାସ୍ତୁକଳାର ଅଦ୍ଭୁତ ମିଳନ ଦେଖିବାକୁ ମିଳେ । କୁହାଯାଏ ଯେ ଏହି ମନ୍ଦିର କେବେ ପଞ୍ଚକୁଳାର ମହାରାଜାଙ୍କ ପୂଜା ସ୍ଥଳ ଥିଲା । ନବରାତ୍ରୀ ସମୟରେ ସେଠାରେ ଭକ୍ତମାନଙ୍କର ଭିଡ଼ ଜମେ ।



### କ୍ୟାକ୍ଟସ୍ ଗାର୍ଡେନ :

ଧାର୍ମିକ ସ୍ଥଳ ବ୍ୟତୀତ ପର୍ଯ୍ୟଟକମାନେ ସେଠାରେ ଲୋକପ୍ରିୟ ପ୍ରାକୃତିକ ସ୍ଥଳର ଭ୍ରମଣ କରିବାର ପ୍ଲାନ କରିବା ଉଚିତ୍ । ଏହି ଦର୍ଶନୀୟ ସ୍ଥଳରେ କ୍ୟାକ୍ଟସ୍ ପ୍ଲାଣ୍ଟର ଦୁର୍ଲଭ ପ୍ରଜାତି ଦେଖିବାକୁ ମିଳେ । ଏହା ଏସିଆର ସବୁଠାରୁ ବଡ଼ କ୍ୟାକ୍ଟସ୍ ଗାର୍ଡେନ । ଏହି ଗାର୍ଡେନର ସ୍ଥାପନା ଡ.ଜେ ସରକାରିଆଙ୍କ ଦ୍ୱାରା କ୍ୟାକ୍ଟସ୍‌ର ଦୁର୍ଲଭ ପ୍ରଜାତିଗୁଡ଼ିକୁ ରକ୍ଷା କରିବା ପାଇଁ କରାଯାଇଥିଲା । ସେଠାରେ କ୍ୟାକ୍ଟସ୍‌ର ୨୬୦୦ ପ୍ରଜାତି ଦେଖିପାରିବେ । ବାର୍ଷିକ କ୍ୟାକ୍ଟସ୍ ମେଳା ସେଠାରେ ଅନୁଷ୍ଠିତ ହୁଏ ।



### ଛତବୀର ଜୁ :

ପଞ୍ଚକୁଳାର ରୋମାଞ୍ଚକ ଅନୁଭବ ନେବା ପାଇଁ ପର୍ଯ୍ୟଟକମାନେ ସେଠାରେ ଥିବା ଛତବୀର ଜୁ ଦେଖିବାକୁ ପ୍ଲାନ କରିଥାନ୍ତି । କିନ୍ତୁ ସହରର ଆଖପାଖରେ ଥିବା ଲୋକମାନେ ସେଠାକୁ ଅଧିକ ମାତ୍ରାରେ ଆସିଥାନ୍ତି । ଉତ୍ତର ଭାରତର ଏହା ଏକ ବଡ଼ ବନ୍ୟଜୀବ ଆରକ୍ଷଣ କ୍ଷେତ୍ର । ସେଠାରେ ୧୧୦ ପ୍ରଜାତିର ବନ୍ୟପ୍ରାଣୀ ଅଛନ୍ତି । ୫୦୦ ଏକର ଜମିରେ ହୋଇଥିବା ଏହି ପ୍ରକୃତିପ୍ରେମୀ ଓ ବନ୍ୟଜୀବ ଉତ୍ସାହୀ ପର୍ଯ୍ୟଟକମାନଙ୍କ ପାଇଁ ସ୍ୱର୍ଗଠାରୁ କମ୍ ନୁହେଁ । ସେଠାରେ ସିଂହ ସଫାରୀର ରୋମାଞ୍ଚକ ଆନନ୍ଦ ନେଇପାରିବେ ।





### ସୁଖନା ହ୍ରଦ :

ପଞ୍ଚକୁଳାର ଶିବାଲିକ ପର୍ବତ ଶୃଙ୍ଖଳାରେ ଅବସ୍ଥିତ ସୁଖନା ହ୍ରଦ ଏକ ସୁରମ୍ୟ ସ୍ଥାନ । ଏହି ମାନବ ନିର୍ମିତ ହ୍ରଦ ୩.କି.ମି ପର୍ଯ୍ୟନ୍ତ ବ୍ୟାପିଛି । ୧୯୫୮ ରେ ଶିବାଲିକ ପାହାଡ଼ ତଳକୁ ଆସୁଥିବା ପାଣିରେ ବନ୍ଧ କରାଯାଇଛି । ଏହି ହ୍ରଦକୁ ଦେଖିବା ପାଇଁ ଦୂରରୁ ଲୋକମାନେ ଆସିଥାନ୍ତି । ଏହାବ୍ୟତୀତ ସେଠାରେ ଅନ୍ୟ କେତେକ ପାର୍କ, ଫନ୍ ସିଟି, ଆର୍ଯ୍ୟ ସମାଜ ମନ୍ଦିର, ସିଟି ଫାଉଣ୍ଟେନ ବଗିଚା, ଗୀତା, ମନ୍ଦିର, ଗୌରୀଶଙ୍କର ବଗିଚା ଇତ୍ୟାଦି ଦର୍ଶନୀୟ ସ୍ଥାନ ରହିଛି ।



# ମାସିକ ଋତୁକାଳୀନ ଖାଦ୍ୟ - ପେୟ

ଅନେକ ମହିଳା ମାସିକ ଋତୁକାଳୀନ ସମସ୍ୟା ଭୋଗନ୍ତି । ଏମାନେ ନିୟମିତ ବ୍ୟାୟାକ ସହ ଖାଦ୍ୟ-ପେୟ ପ୍ରତି ଧ୍ୟାନ ଦେବା ଉଚିତ । ଏମାନେ କମ ପରିମାଣର ଶ୍ୱେତସାରଯୁକ୍ତ ଖାଦ୍ୟ ଖାଇବା ଉଚିତ ରକ୍ତ ଶର୍କରା ସ୍ଥିର ରହିଲେ, ଓଜନ କମିଥା, । ଖାଇବା ପରେ ପରେ ହଠାତ୍ ରକ୍ତ ଶର୍କରା ବଢ଼ାଇଦେୁଥିବା ଖାଦ୍ୟ ଏମାନଙ୍କ ପାଇଁ ଅହିତକର ।

**କ'ଣ ଖାଇବେ :-** ଓଟ୍ ଫ୍ଲେକସ, ଗହମ ଦଲିୟା, ଅଟା ପାଉଁରୁଟି, ତଟକା ଫଳ, ସବୁଜ ପନି-ପରିବା , ଦହି ନଟସ ।

**କ'ଣ ଖାଇବେ ନାହିଁ :-** କର୍ନଫ୍ଲେକସ, ମଇଦା ପାଉଁରୁଟି, ନାନଲ ଭାତ ଫଳରସ, ଚିନି, ମିଠା, କ୍ୟାଣ୍ଡି ।

**ଅଳ୍ପ ଖାଇବେ :-** ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ, ମାଂସ, ଛଣା ଖାଦ୍ୟ, ମାଛ, ଅଭିଭ ତେଲ । ଏମାନଙ୍କ ପାଇଁ ଲୋଡ଼ା ଦୈନିକ ସର୍ବାଧିକ ୧୮୭୫ କାଲୋରି । ଏହା ପାଞ୍ଚ-ଛଅ ଥରରେ ଦେହକୁ ଯିବା ଭଲ । ଏକା ଥରେ ଅଧିକ ଖାଦ୍ୟ ଅହିତକର । ଦିନକୁ ଲୋଡ଼ା ୮-୧୦ ଗ୍ଲାସ ପାଣି । ପୁଣି, ଡାକ୍ତରଙ୍କ ପରାମର୍ଶ ନେଇ କାଲସିଅମ ଓ ଫୋଲିକ୍ ଏସିଡ୍ ପରିପୂରକ ଖାଇବା ଉଚିତ ।










# କେଉଁଥିରୁ କେତେ କାଲୋରି

ସାଧାରଣ ଭାବେ ୧୦୦ଗ୍ରାମ ଓଜନର କେଉଁ ଖାଦ୍ୟରୁ ଶରୀର କେତେ କାଲୋରି ପାଏ ଜାଣନ୍ତୁ । ଭାତରୁ ୧୧୮ କାଲୋରି, ସମ୍ବର- ଭାତରୁ ୮୪ କାଲୋରି ଓ ଦହି-ଭାତରୁ ୮୭ କାଲୋରି, ମିଠା କାନିକାରୁ ୨୪୪ କାଲୋରି, ଏଣ୍ଡୁରି ପିଠାରୁ ୯୬ କାଲୋରି, ସାଧା ଦୋସାରୁ ୨୧୬ କାଲୋରି, ମସଲା ଦୋସାରୁ ୨୧୨ କାଲୋରି, ଉପମାରୁ ୧୧୮ କାଲୋରି, ଅଟା ରୁଟିରୁ ୩୩୯ କାଲୋରି, ପୁରିରୁ ୪୨୫ କାଲୋରି, ମଇଦା ପୁରିରୁ ୪୮୭ କାଲୋରି, ପରଟାରୁ ୪୬୧ କାଲୋରି, ବୁଟଡାଲିରୁ ୧୮୮ କାଲୋରି, ମୁଗ ଡାଲିରୁ ୧୨୦ କାଲୋରି, ହରଡ଼ ଡାଲିରୁ ୧୧୫ କାଲୋରି, କଫିରୁ ୫୨ କାଲୋରି, ଚାହାରୁ ୩୬ କାଲୋରି, ଗୋ- ଦୁଗ୍ଧରୁ ୬୫ କାଲୋରି, ମଇଁଷି ଖିରରୁ ୧୦୮ କାଲୋରି, ଓମଲେଟରୁ ୧୯୭ କାଲୋରି, ମାଂସ ତରକାରିରୁ ୧୭୨ କାଲୋରି, ମାଂସ କଷାରୁ ୨୩୯ କାଲୋରି, ଭଜା ମାଛରୁ ୨୨୦ କାଲୋରି ଓ ବିରିୟାନୀରୁ ୨୦୧ କାଲୋରି ମିଳେ ।





# ଅଯଥା ଖର୍ଚ୍ଚରୁ ବର୍ତ୍ତିବାର ଉପାୟ

ବିବାହ ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଯେଉଁ ଛୋଟ ମୋଟ ଝଗଡ଼ା ଦେଖାଦେଇଥାଏ ତାହାର କାରଣ ମଧ୍ୟରୁ ଗୋଟିଏ କାରଣ ହେଉଛି ଅଯଥା ଖର୍ଚ୍ଚ । ସ୍ୱାମୀ ଗ୍ୟାଜେଟ୍ ହେଉ ଅବା ନିଶା ପାଇଁ ଅଧିକ ଖର୍ଚ୍ଚ କରୁଥିବାର ଅଭିଯୋଗ ପତ୍ନୀ ଆଣୁଥିଲାବେଳେ ସ୍ୱାମୀଙ୍କର ଅଭିଯୋଗ ରହିଥାଏ ଯେ, ପତ୍ନୀ ନିଜ ପାଇଁ ଅଯଥା ଖର୍ଚ୍ଚ ପାରିବାରିକ ଆର୍ଥିକ ସ୍ଥିତି ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ବେଳେବେଳେ ଏହି କଥା ଏତେ ଆଗକୁ ଯାଇଥାଏ ଯେ, ସ୍ୱାମୀ-ସ୍ତ୍ରୀ ଅଲଗା ହେବାର ନିଷ୍ପତ୍ତି ମଧ୍ୟ ନେଇଥାନ୍ତିତ । ଏପରି ଘଟଣାକୁଚଚ କଦାପି ହାଲକାରେ ନିଆଯାଇନପାରେ । ଅପୋଷ ବୁଝାମଣାଇା ମାଧ୍ୟମରେ ଏହାର ସମାଧାନ ଜରୁରୀ । ଏହି ଘଟଣା ଦ୍ୱାରା ଆତ୍ମବିଶ୍ୱାସ ମଧ୍ୟ ହ୍ରାସ ପାଇଥାଏ, ମନ ଭିତରେ ଅସୁରକ୍ଷା ଭାବ ମଧ୍ୟ ସୃଷ୍ଟି ହୋଇଥାଏ । ତେଣୁ ବିତ୍ତୀୟ ସୁରାକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରଥମରୁ ହିଁ ପଦକ୍ଷେପ ନେବା ଜରୁରୀ ।

୧ ସଠିକ୍ ବୁଝାମଣା, ଆଲୋଚନା ଅଭାବ କାରଣରୁ ଅଯଥା ଖର୍ଚ୍ଚ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ । ନିଜେ ନିଜର ଦୋଷକୁ ଗ୍ରହଣ କରିବା ଅପେକ୍ଷା ଅନ୍ୟ ଉପରେ ଦୋଷ ଲଦି ଦେବା କାରଣରୁ ଘଟଣା ଆଗକୁ ବଢ଼ିଥାଏ । ତେଣୁ ବୈବାହିକ ଜୀବନରେ ଏହି ବିତ୍ତୀୟ ଅନିୟମିତତାର ପରିସ୍ଥିତି ସୃଷ୍ଟି ହେଲେ ତୁରନ୍ତ ଆପୋଷ ଆଲୋଚନା କରିବା ଜରୁରୀ । ନିଜକୁ ସୁରକ୍ଷା ଦେବାକୁ ଯାଇ ଅନ୍ୟ ଉପରେ ଦୋଷ ଲଦିବା ଗ୍ରହଣ ନୁହେଁ । ବୁଝିବା ଦରକାର ଯେ, ଏହି ଅଯଥା ଖର୍ଚ୍ଚ ଗୋଟିଏ ଦିନର ଅଭ୍ୟାସ ନୁହେଁ, ଦୀର୍ଘ ଦିନରୁ ଚାଲିଆସିଛି । ରାତାରାତି ଏହାକୁ ବଦଳା ଯାଇପାରିବ ନାହିଁ । ଏଥିପାଇଁ ଧୌର୍ଯ୍ୟ ରଖିବା ଦରକାର । ଖର୍ଚ୍ଚ ହ୍ରାସ ପାଇଁ ନୂଆରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ ତେବେ ଦୃଷ୍ଟି ଦେବାର ବିଷୟ ହେଉଛି ଏହି ଯୋଜନାରେ ଉଭୟଙ୍କ ଭାଗିଦାରୀ ରହିବା ଆବଶ୍ୟକ ।

୨ ଅଯଥା ଖର୍ଚ୍ଚ ରୋକିବା ପାଇଁ ଭୟ ଏକାଠି ବସି ଏକ ବିସ୍ତୃତ ଲିଖିତ ଯୋଜନାପ୍ରସ୍ତୁତ କରିବା ଆବଶ୍ୟକ । କାରଣ କଥାରେ ଦେଇଥିବା ପ୍ରତିଶ୍ରୁତିରେ ହିଁ ରହିଯାଇଥାଏ । କେତେ ପଇସା ଘରକୁ ଆସୁଛି, କେତେ ବଞ୍ଚୁଛି, କେତେ ପିଲାଙ୍କ ପାଠ ପଢ଼ାରେ ଖର୍ଚ୍ଚ ହେୁଛି ତାହାର ମଧ୍ୟ ହିସାବ ରଖିବା ଦରକାର ।

୩ ଅଯଥା ଖର୍ଚ୍ଚ ରୋକିବା ପାଇଁ ଜଏଣ୍ଟ ଆକଉଣ୍ଟ ଖୋଲିବା ମଧ୍ୟ ବୁଦ୍ଧିମାନର କାର୍ଯ୍ୟ । ଏହାଦ୍ୱାରା କେତେ ଟଙ୍କା ଜମା ହେଉଛି ଆଉ କେତେ ଉଠୁଛି ତାହାର ଏକ ସଠିକ୍ ସୂଚନା ଉଭୟଙ୍କ ନିକଟରେ ରହିପାରିବ ।

୪ ବାହାରକୁ ସପିଂ ପାଇଁ ଗଲାବେଳେ ଅନେକ ସମୟରେ ଆବଶ୍ୟକ ନଥିବା ଜିନିଷକୁ କିଣିବା ପାଇଁ ମନବଳିଥାଏ । ତେଣୁ ଅଯଥା ଖର୍ଚ୍ଚ ରୋକିବାକୁ ହେଲେ ସପିଂ ବାହାରିବା ପୂର୍ବରୁ ଏକ ତାଲିକା ପ୍ରସ୍ତୁତ କରିବା ଦରକାର । ସେହିପରି ଅନଲାଇନ ସପିଂ ଠାରୁ ମଧ୍ୟ ଦୂରରେ ରହିବା ଦରକାର ।

୫ ଯଦି ଦୀର୍ଘ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇପାରୁନାହିଁ, ତେବେ ଜଣେ ଆର୍ଥିକ ପରାମର୍ଶଦାତତ୍ତାଙ୍କ ସହଯୋଗ ମଧ୍ୟ ଆପଣ ନେଇପାରିବେ ।

# ଓଜନ କମ କରିବାର ଉପାୟ

ସୁସ୍ଥ ଶରୀର ନିମନ୍ତେ ସଠିକ୍ ଓଜନ ରହିବା ନିତାନ୍ତ ଜରୁରୀ । ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ କିଛି ଘରୋଇ ଉପଚାର :-

ଅଧିକାଂଶ ଭାରତୀୟ ଖାଦ୍ୟରେ ଧନିଆ ପତ୍ର ବ୍ୟବହୃତ ହୁଏ । ଏହି ପତ୍ରକୁ ବାଟି ଏକ ଗିଲାସ ଉଷୁମ ପାଣିରେ ମିଶାଇ ପିଅନ୍ତୁ। ୩ଦିନ ପିଇବା ପରେ ଜଣେ ବ୍ୟକ୍ତି ଫରକ୍ ଜାଣିପାରିବ । ୧ମାସ ପିଇଲେ ଜଣେ ବ୍ୟକ୍ତିର ଓଜନ କମ ହୁଏ । ସକାଳୁ ତୁଳସୀ ପତ୍ର ଚା ନଚେତ ୫ରୁ ୧୦ଟି ତୁଳସୀ ପତ୍ରକୁ ଚୋବାଇ ଖାଆନ୍ତୁ । ନିୟମିତ ଏହାକୁ ଖାଇଲେ ଓଜନ ନିୟନ୍ତ୍ରଣାଧୀନ ହୋଇଥାଏ । ନଚେତ ତୁଳସୀପତ୍ର ଫୁଟାପାଣି ଦିନକୁ ୪ରୁ୫ ଗିଲାସ ପିଅନ୍ତୁ । ଓଜନ କମ ନିମନ୍ତେ ପୋଦିନା ପତ୍ର ମଧ୍ୟ ବେଶ୍ ସହାୟକ । କାକୁଡ଼ି ରସ ସହ ପୋଦିନା ରସ ମିଶାଇ ପିଇଲେ ଓଜନ ନିୟନ୍ତ୍ରିତ ହୁଏ । ଭୃର୍ସୁଙ୍ଗ ପତ୍ରକୁ ଛେଚି ଏହାକୁ ଚୋବାଇ ଖାଇଲେ ମଧ୍ୟ ଉପକାର ମିଳେ । ନଚେତ ଏହାକୁ ମଧ୍ୟ ପାଣିରେ ଫୁଟାଇ ପିଇହେବ । ଲେମ୍ବୁ ପାଣି ମୋଟା ଲୋକଙ୍କ ପାଇଁ ସବୁଠୁ ଉତ୍ତମ ପାନୀୟ । ଏହା ଶରୀର ପାଇଁ ଭଲ ହେବା ସହ ଓଜନକୁ ଶୀଘ୍ର କମାଏ । ଲେମ୍ବୁ, ରସକୁ ଉଷୁମ ପାଣିରେ ମିଶାଇ ପିଇଲେ ତାହା ତୁରନ୍ତ କାର୍ଯ୍ୟକାରୀ ହୋଇଥାଏ ।



# ଉପକାରୀ ଖାଦ୍ୟ

ବ୍ୟସ୍ତ ମଣିଷ ସମୟ ସହିତ ତାଳ ଦେଇ ଧାଉଁଛି । ଏସବୁ ଭିତରେ ଖାଦ୍ୟପେୟ ଉପରେ ଅଧିକାଂଶ ଧ୍ୟାନ ଦେଇପାରୁନାହାନ୍ତି । କାନାଡାର ଏକ ଗବେଷକ ଦଳ ଏସବୁ ଉପରେ ଅନୁଧ୍ୟାନ କରି କିଛି ତଥ୍ୟ ପ୍ରକାଶ କରିଛନ୍ତି । ମକା ଖଇ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ମୁଠାଏ ମକାଖଇ ଖାଇଲେ ୩୧ ଖାଦ୍ୟଜ ଶକ୍ତି ଓ ୬ ଗ୍ରାମ କାର୍ବୋହାଇଡ୍ରେଟ୍ ମିଳେ ।

ଗୋଟିଏ କଦଳୀ ସକାଳ ଜଳଖିଆରେ ଖାଇଲେ ପୂରା ଦିନ ଶରୀରକୁ ଶକ୍ତିଦିଏ । ଏଥିରେ ଫାଇବର ଓ ଭିଟାମିନ-୬ ଅଛି, ଯାହା ବିଭିନ୍ନ ପ୍ରକାର କାର୍ଯ୍ୟ କରିବାକୁ ବଳ ଦେଇଥାଏ ।

ବିନ୍ସ ଭଜା କିମ୍ବା ସାଲାଡରେ ଖାଇଲେ ଓଜନରେ ସମତା ରହିବା ସହ ଶରୀରକୁ ପ୍ରୋଟିନ ମିଳେ।

ଷ୍ଟ୍ରବେରୀ ଖାଇବା ଦ୍ୱାରା ଶରୀରକୁ ଭିଟାମିନ ଓ ଫାଇବର ମିଳିଥାଏ ସପ୍ତାହକୁ ଏହା ଥରେ ମଧ୍ୟ ଖାଇଲେ ଭଲ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଗକୁ ଗୁରୁ ସମସ୍ୟା...

ଅଗଷ୍ଟ ପହିଲାରୁ ଭାରତ ମିଳିତ ଜାତିସଂଘ ନିରାପତ୍ତା ପରିଷଦର ଅଧ୍ୟକ୍ଷ ପଦ ଗ୍ରହଣ କରିଛି। ଏହି ପଦରେ ଭାରତ ଏକମାସ ପାଇଁ ରହିବ। ଏବେ ଚଳିତ ବର୍ଷ ଆରମ୍ଭରୁ ଦୁଇବର୍ଷ ପାଇଁ ଭାରତ ନିରାପତ୍ତା ପରିଷଦର ଅସ୍ଥାୟୀ ସଦସ୍ୟ ପଦକୁ ମନୋନୀତ ହୋଇଛି। ତେଣୁ ସେହି ସଦସ୍ୟତା ବଳରେ ଭାରତକୁ ଦୁଇଥର ମାସିକିଆ ଅଧ୍ୟକ୍ଷ ପଦ ମିଳିଛି। ଆସନ୍ତାବର୍ଷ ଡିସେମ୍ବର ମାସରେ ପୁଣିଥରେ ଏକମାସ ପାଇଁ ଭାରତ ସେହି ପଦକୁ ଉନ୍ନୀତ ହେବ। ଭାରତ ପାଇଁ ଏହା ଗର୍ବ ଓ ଗୌରବର କଥା ଏବଂ ଦେଶ ସ୍ୱାଧୀନତାର ୭୫ତମ ବର୍ଷରେ ଆମେ ପ୍ରବେଶ କରିବାକୁ ଯାଉଥିବାବେଳେ ନିରାପତ୍ତା ପରିଷଦର ଅଧ୍ୟକ୍ଷତା କରିବା ଏକ ବିରଳ ସମ୍ମାନ ବୋଲି ବିବେଚନା କରାଯାଇପାରେ। ଏହି ଗୋଟିଏ ମାସ ମଧ୍ୟରେ ନିରାପତ୍ତା ପରିଷଦର ସମସ୍ତ ବୈଠକ ଭାରତର ପୌରୋହିତ୍ୟରେ ଅନୁଷ୍ଠିତ ହେବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଅଧ୍ୟକ୍ଷତା କରିବେ। କରୋନା ମହାମାରୀ ଯୋଗୁ ସମଗ୍ର ବିଶ୍ୱ ଏବେ ଭର୍ଚୁଆଲ ମୋଡ଼ରେ ପରିଚାଳିତ ହେଉଥିବାରୁ ପ୍ରଧାନମନ୍ତ୍ରୀ ମଧ୍ୟ ସେହି ପନ୍ଥା ଅନୁସରଣ କରିବେ। ନିରାପତ୍ତା ପରିଷଦର ଅଧ୍ୟକ୍ଷ ପଦକୁ ଉନ୍ନୀତ ହୋଇଥିବାରୁ ଏହାର ଦୁଇ ସ୍ଥାୟୀ ସଦସ୍ୟ ଫ୍ରାନ୍ସ ଏବଂ ରୁଷିଆ ଭାରତକୁ ଅଭିନନ୍ଦନ ଜଣାଇଛନ୍ତି। କେବଳ ଚୀନକୁ ଛାଡ଼ି ଏବେ ଆମେରିକା ଓ ବ୍ରିଟେନ୍ ଏବେ ନିରାପତ୍ତା ପରିଷଦର ସମ୍ପ୍ରସାରଣ ଏବଂ ସେଥିରେ ଭାରତକୁ ସ୍ଥାୟୀ ସଦସ୍ୟ ପଦ ପ୍ରଦାନ ଦାବିକୁ ଦୃଢ଼ ସମର୍ଥନ କରିଆସୁଛନ୍ତି। ଇତିହାସର ବିଡ଼ମ୍ବନା ଯେ, ଜାତିସଂଘ ଗଠନ ହେବାର ପ୍ରାରମ୍ଭିକ ପର୍ଯ୍ୟାୟରେ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟତା ନିମନ୍ତେ ଚୀନକୁ ଭାରତ ହିଁ ସର୍ବାଧିକ ସମର୍ଥନ ଜ୍ଞାପନ କରିଥିଲା। କିନ୍ତୁ ବିଶ୍ୱ ରାଜନୀତିରେ ବିଗତ ଆଠ ଦଶନ୍ଧି ମଧ୍ୟରେ ଘଟିଥିବା ପରିବର୍ତ୍ତନରେ ଏବେ ଚୀନ୍ ହିଁ ଭାରତର ଏଭଳି ଦାବିକୁ ବିରୋଧ କରିଆସୁଛି। ତେବେ ଭାରତର ଏହି ମାସିକିଆ ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ ଅବଧି ମଧ୍ୟରେ ଭାରତ ସାମୁଦ୍ରିକ ସୁରକ୍ଷା, ଶାନ୍ତି ରକ୍ଷା ଏବଂ ଆତଙ୍କବାଦ ନିରୋଧୀ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବ ବୋଲି ଜାତିସଂଘରେ ଅବସ୍ଥାପିତ ଭାରତର ସ୍ଥାୟୀ ପ୍ରତିନିଧି ଟି. ଏସ୍. ତିରୁମୂର୍ତ୍ତି କହିଛନ୍ତି। ଅଧ୍ୟକ୍ଷ ରାଷ୍ଟ୍ରଙ୍କ କାର୍ଯ୍ୟସୂଚୀ ଅନୁସାରେ ହିଁ ନିରାପତ୍ତା ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥାଏ ଓ ସେଥିରେ ସେହିସବୁ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥାଏ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଭାରତର ଅଙ୍ଗୀକାରବଦ୍ଧତା ସର୍ବଜନବିଦିତ ଏବଂ ଏହା ଉପରେ କେହି ସୁଦ୍ଧା ପ୍ରଶ୍ନ ଉଠାଇ ନାହାଁନ୍ତି। କିନ୍ତୁ ବିଶ୍ୱ ଏବେ ଯେଉଁଭଳି ସ୍ଥିତି ଦେଇ ଗତି କରୁଛି ସେଥିରେ ଶାନ୍ତି ରକ୍ଷା ଓ ଆତଙ୍କବାଦ ବିରୋଧରେ ସମୂହ କାର୍ଯ୍ୟାନୁଷ୍ଠାନ ଅତ୍ୟାବଶ୍ୟକ ହୋଇପଡ଼ିଛି। ଆଫଗାନିସ୍ତାନରେ ତାଲିବାନଙ୍କ ପ୍ରତ୍ୟାବର୍ତ୍ତନ ଜଳଜଳ ହୋଇ ଦିଶୁଛି, ଯାହାକି କେବଳ ଏସୀୟ କ୍ଷେତ୍ରପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ବିପଦର କଳାବାଦଲକୁ ଟାଣିଆଣୁଛି। ୯/୧୧ ଟ୍ରେଡ ଟାୱାର ଆତଙ୍କବାଦୀ ଆକ୍ରମଣ ପରେ ହିଁ ଆମେରିକା ଓ ମିଳିତ ସେନା ଆଫଗାନିସ୍ତାନକୁ ଆସି ସେଠାରୁ ଆତଙ୍କବାଦର ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

ଏକବିଂଶ ଶତାବ୍ଦୀରେ ଜାତିସଂଘର ଆଭିମୁଖ୍ୟ ସଂପୂର୍ଣ୍ଣ ବଦଳି ସାରିଛି। ଏବେ ବିଶ୍ୱ ପାଇଁ ଜଳବାୟୁ ପରିବର୍ତ୍ତନକୁ ରୋକିବା, ଆତଙ୍କବାଦର ବିଲୋପ, କରୋନା ଭଳି ମହାମାରୀ ମୁକାବିଲା ଏବଂ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସର୍ବାଧିକ ଗୁରୁତ୍ୱ ବହନ କରେ। କାରଣ, ବିଶ୍ୱ ଦିନକୁ ଦିନ ଏକ ବିରାଟଟ ପରିବାରରେ ହିଁ ପରିଣତ ହେବାରେ ଲାଗିଛି। ଭାରତଠାରୁ ଏହା ଆଉ କେହି ଉପଲବ୍ଧି କରେନାହିଁ। ତଥାପି, ଏଭଳି ଶାନ୍ତି ପ୍ରୟାସରେ ପାକିସ୍ତାନର ଅସହଯୋଗ ଏବଂ ବିଭିନ୍ନ ବୈଶ୍ୱିକ ଫୋରମରେ ଚୀନର ବିରୋଧାଭାଷ ସମସ୍ତଙ୍କୁ ବିସ୍ମିତ କରେ। ଭାରତର ଏହି ଅଧ୍ୟକ୍ଷତା ଦାୟିତ୍ୱ ନିର୍ବାହନରେ ସମଗ୍ର ବିଶ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଢ଼େର୍ କିଛି ପ୍ରତ୍ୟାଶା ରଖେ। ଭାରତ ବିଶ୍ୱକୁ କଦାପି ନିରାଶ କରିବ ନାହିଁ। କିନ୍ତୁ, ଭାରତର ଏହି ଶାନ୍ତି ପ୍ରୟାସ, ଆତଙ୍କବାଦ ନିରୋଧୀ ତଥା ସାମୁଦ୍ରିକ ସୁରକ୍ଷା ପ୍ରୟାସରେ ସମସ୍ତେ ଏକମନରେ ସହଯୋଗ କରିବା ବାଞ୍ଛନୀୟ। ଏହା କେବଳ ଭାରତ ପାଇଁ ନୁହେଁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ରକୁ ନୁହେଁ, ସମଗ୍ର ବିଶ୍ୱର ସ୍ୱାର୍ଥ ଏଥିରେ ନିହିତ। ଏହାକୁ ସଭିଁଏ ଉପଲବ୍ଧି କରିବା ଉଚିତ୍।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନର ତାତ୍ପର୍ଯ୍ୟ



**ପ୍ରଦୀପ୍ତ ଆଚାର୍ଯ୍ୟ**
*ଈଶାଣୀବ୍ରହ୍ମପୁର, କଟକ*
*ମୋ: ୬୩୭୧୫୯୩୨୨୦*

ଅଦୃଷ୍ଟ ସ୍ରଷ୍ଟାଙ୍କ ରହସ୍ୟମୟ ସୃଷ୍ଟିର ଜୀବଜଗତରେ ମନୁଷ୍ୟ ହେଉଛି ସର୍ବଶ୍ରେଷ୍ଠ ସୃଷ୍ଟି। ମନୁଷ୍ୟର ସ୍ୱାଚ୍ଛନ୍ଦ ଚଳଣି ପାଇଁ, ପ୍ରକୃତି ତାର ଗନ୍ତାଘରେ ଜଳ, ବାୟୁ, ମୃତିକା ଠାରୁ ଆରମ୍ଭ କରି ଅନେକ ପ୍ରାକୃତିକ ସମ୍ପଦ ସାଇତି ରଖିଛି। ବୁଦ୍ଧି ଓ ବିବେକ ପରି ଦୁଇଗୋଟି ସ୍ୱତନ୍ତ୍ର ଶକ୍ତି ମନୁଷ୍ୟକୁ ପ୍ରଦାନ କରିଛି, ଯାହା ଅନ୍ୟାନ୍ୟ ପ୍ରାଣୀମାନଙ୍କ ଠାରେ ଦୃଷ୍ଟିଗୋଚର ହୁଏନାହିଁ। ସନ୍ତାନକୁ ଖାଦ୍ୟ ପ୍ରଦାନକରି, ନିଜେ ଭୋଜନ ନକରି ମଧ୍ୟ, ଯାହାର ଉଦରପୂର୍ତି ହୋଇଯାଏ, ସନ୍ତାନର ସାମାନ୍ୟତମ ଅସୁବିଧାରେ, ଯାହାର ହୃଦୟ ଦୁଃଖରେ ବିଗଳିତ ହୋଇଯାଏ, ବିନା ସଙ୍କୋଚରେ, ବିନା ଦ୍ୱିଧାରେ ,ବିନା ଘୃଣାରେ, ଯିଏ ସନ୍ତାନ ମାନଙ୍କର ମଳମୂତ୍ର ପରିଷ୍କାର କରିବା ପାଇଁ କୁଣ୍ଠା ପ୍ରକାଶ କରିନଥାଏ, ସିଏ ହେଉଛି ମାଆ। ପଶୁ ପକ୍ଷୀ ମାନଙ୍କର ଶାବକମାନେ ଜନ୍ମ ହେବା ପରେ ପରେ ବା ଅଳ୍ପ ଦିନ ମଧ୍ୟରେ ସ୍ୱାବଲମ୍ବି ହୋଇ ପାରନ୍ତି ଯାହା ମାନବ ଶିଶୁ କ୍ଷେତ୍ରରେ ହୁଏ ନାହିଁ। ମାନବ ଶିଶୁଟି ଜନ୍ମ ହୋଇ ଭୂମିଷ୍ଠ ହେବା ମାତ୍ରେ ତାପାଇଁ ପ୍ରକୃତି ସାଇତି ରଖିଥାଏ ମାଆ ବକ୍ଷର ଅମୃତଧାରା, ଯାହାକି ତାର ଶାରିରୀକ ମାନସିକ ଓ ସର୍ବାଙ୍ଗୀନ ବିକାଶ ସାଧନ ନିମନ୍ତେ ଅପରିହାର୍ଯ୍ୟ।

କିନ୍ତୁ ଆଧୁନିକ ଯୁଗର ମାତାମାନେ କାର୍ଯ୍ୟବ୍ୟସ୍ତତା ତଥା ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବାର ଆଶଙ୍କାରେ ଜନ୍ମିତ ଶିଶୁ ମାନଙ୍କୁ ସ୍ତନ୍ୟପାନରୁ ବଂଚିତ କରାଉଅଛନ୍ତି। ଏହି ବର୍ଦ୍ଧିତ ନକରାତ୍ମକ ମାନସିକତାର ପରିବର୍ତନ ଏବଂ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅଗଷ୍ଟ ମାସର ପ୍ରଥମ ସପ୍ତାହକୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ରୂପେ ପାଳନ କରାଯାଉଅଛି। ୧୯୯୨ ମସିହା ଠାରୁ ବିଶ୍ୱର ପ୍ରାୟ ୧୨୦ଟିରୁ ଅଧିକ ଦେଶର ସରକାର, ବିଭିନ୍ନ ସଙ୍ଗଠନ ତଥା ଜନସାଧାରଣ ଏହି ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରିଆସୁଅଛନ୍ତି। ୧୯୯୦ ମସିହାର ଏକ ଘୋଷଣାନାମା ଅନୁସାରେ ୧୯୯୧ ମସିହାରେ ଏହି କାର୍ଯ୍ୟକ୍ରମକୁ ସୁରକ୍ଷା, ସମର୍ଥନ ତଥା ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ **World Alliance for Breastfeeding Action (WABA )**ଓାର୍ଲଡ ଆଲିଆନସ ଫର ବ୍ରେଷ୍ଟଫିଡିଙ୍ଗ (ଡବଲୟୁ .ଏ.ବି.ଏ)ନାମକ ଏକ ସଂଗଠନର ସୃଷ୍ଟି ହୋଇଥିଲା। ଆନ୍ତର୍ଜାତୀୟ ସ୍ତରରେ ସର୍ବପ୍ରଥମେ ଏହା ବର୍ଷକୁ ଗୋଟିଏ ଦିନ ପାଳିତ ହେବାର ସ୍ଥିର ହୋଇଥିଲା କିନ୍ତୁ ପରବର୍ତୀ ପର୍ଯ୍ୟାୟରେ ଏହାକୁ ଗୋଟିଏ ସପ୍ତାହ ପାଳନ କରାଯିବାର ନିଷ୍ପତି ଗୃହୀତ ହୋଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ୟୁନିସେଫ ଏବଂ **American academy of pediatrics (AAP)** ଆମେରିକାନ ଆକାଡେମି ଅଫ ପେଡିଆଟ୍ରିକସର ମିଳିତ ଆନୁକୁଲ୍ୟରେ ମାତା ଏବଂ ସନ୍ତାନଙ୍କ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ସ୍ତନ୍ୟପାନ ଉପରେ ଗୁରୁତ୍ୱ ଆରୋପ କରାଯାଉଥିଲା। ଏବର୍ଷ ୨୦୨୧ ମସିହା ପାଇଁ **World Alliance for Breastfeeding Action (WABA )** ୱାର୍ଲଡ ଆଲିଆନସ ଫର ବ୍ରେଷ୍ଟଫିଡିଙ୍ଗ **(Wafdê .G.aò.G)** **(Protect Breast Feeding:A Shared Responsibility )** (ପ୍ରୋଟେକ୍ଟ ବ୍ରେଷ୍ଟ ଫିଡିଙ୍ଗ ଏ ସେୟାର୍ଡ ରେସପନସିବିଲିଟି) ନାମକ ବିଷୟବସ୍ତୁ ଉପସ୍ଥାପିତ କରିଅଛନ୍ତି।

ବର୍ତମାନ ସଭ୍ୟତାର ପରିବର୍ତିତ ପରିସ୍ଥିତିରେ ଅଧିକାଂଶ ମାଆ କର୍ମଜୀବି। କୌଣସି ନା କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ହେତୁ ଶିଶୁ ମାନଙ୍କୁ ସ୍ତନ୍ୟପାନରୁ ବଂଚିତ ହେବାକୁ ପଡୁଅଛି। ଅନେକ ମାଆ ମାନଙ୍କର ଧାରଣା ମାଆକ୍ଷୀର ଶିଶୁ ମାନଙ୍କ ପାଇଁ ଯଥେଷ୍ଟ ହେଉନାହିଁ,ତେଣୁ ସେମାନେ ବଜାରରେ ଉପଲବ୍ଧ ଖାଦ୍ୟ ପିଲାମାନଙ୍କୁ ପ୍ରଦାନ କରିଥାନ୍ତି। ମାତୃକ୍ଷୀର ଶିଶୁ ମାନଙ୍କ ପାଇଁ କେତେ ଉପାଦେୟ, ତାହା ଅଧିକାଂଶ ମାଆ ଠିକ୍ ଭାବରେ ଜାଣି ନାହାନ୍ତି। ଅନେକ ଉଗ୍ର ଆଧୁନିକା ମହିଳା ସେମାନଙ୍କର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବାର ଆଶଙ୍କାରେ ଶିଶୁ ମାନଙ୍କୁ ସ୍ତନ୍ୟପାନରୁ ବଂଚିତ କରିଥାନ୍ତି। କିନ୍ତୁ ସ୍ତନ୍ୟପାନର ଉପାଦେୟତା ଉଭୟ ମାଆ ଓଶିଶୁ ମାନଙ୍କ ନିମନ୍ତେ କେତେ ଜରୁରୀ, ସେ ସମ୍ବନ୍ଧରେ କେତେକ ତଥ୍ୟ ଉପରେ ଆଲୋକପାତ କରିବା। ୧) ସ୍ତନ୍ୟପାନ ଉଭୟ ମାତା ଏବଂ ସନ୍ତାନଙ୍କ ସର୍ବୋତ୍କୃଷ୍ଟ ସ୍ୱାସ୍ଥ୍ୟରକ୍ଷାର ପ୍ରଥମ ଆବଶ୍ୟକତା। ୨) ରୋଗ ସଂକ୍ରମଣରୁ ରକ୍ଷା ତଥା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ନିମନ୍ତେ ଶିଶୁ ପାଇଁ ମାତୃକ୍ଷୀର ଏକାନ୍ତ ଉପାଦେୟ। ୩) ପରବର୍ତୀ ପର୍ଯ୍ୟାୟରେ ଏହା ମଧୁମେହ,ଶ୍ୱାସ ଏବଂ ମେଦବହୁଳତା ପରି ରୋଗର ପ୍ରତିଷେଧକ ରୂପେ କାର୍ଯ୍ୟ କରିଥାଏ।। ୪)ଶିଶୁ ମାନଙ୍କର ପୁଷ୍ଟିସାଧନ ନିମନ୍ତେ ମାଆକ୍ଷୀର ଏକ ସର୍ବୋତ୍କୃଷ୍ଟ ଖାଦ୍ୟ ରୂପେ ପରିଗଣିତ ଏବଂ ଏଥିରେ ଥିବା ପୁଷ୍ଟିସାର ଶିଶୁ ମାନଙ୍କର ସହଜରେ ହଜମ ହୋଇ ହଜମ ପ୍ରକ୍ରିୟା ବୃଦ୍ଧିରେ ସହାୟକ ହୋଇଥାଏ। ୫)ଶିଶୁ ଜନ୍ମ ହେବା ପରେ ପରେ ମାଆର କଷକ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ଅତ୍ୟନ୍ତ ସହାୟକ ହୋଇଥାଏ। ୬)ଶିଶୁ ମାନଙ୍କର ତରଳ ଝାଡା ଏବଂ ସାଧାରଣ ଥଣ୍ଡା ପାଇଁ ମାଆକ୍ଷୀର ଏକ ମହୌଷଧି ରୂପେ କାର୍ଯ୍ୟ କରିଥାଏ। ୭)ସ୍ତନ୍ୟପାନ କରାଇବା ଦ୍ୱାରା , ମାଆ ମାନଙ୍କର ଶିଶୁଜନ୍ମର ପରବର୍ତୀ ରକ୍ତ କ୍ଷରଣ ବନ୍ଦ ଏବଂ ଜରାୟୁ ସଙ୍କୋଚନ ଖୁବ ଶୀଘ୍ର ହୋଇଥାଏ । ୭) ସ୍ତ୍ରୀ ଲୋକମାଙ୍କର ସ୍ତନ କର୍କଟ, ଜରାୟୁ କର୍କଟ ଓ ଡିମ୍ବାଶୟ କର୍କଟ ପରି ମାରାତ୍ମକ ରୋଗକୁ ସ୍ତନ୍ୟପାନ ଅଧିକାଂଶ ପରିମାଣରେ ନିୟନ୍ତ୍ରିତ କରିଥାଏ। ୯)ସ୍ତନ୍ୟପାନ କରାଇବା ଦ୍ୱାରା ମାତା ଏବଂ ସନ୍ତାନଙ୍କ ମଧ୍ୟରେ ଏକ ଭାବାବେଗ ସୃଷ୍ଟି ହୋଇଥାଏ ଯାହାକି ସେମାନଙ୍କ ମଧ୍ୟରେ ଆତ୍ମୀୟତା, ସ୍ନେହ ଓ ଶ୍ରଦ୍ଧା ବୃଦ୍ଧିରେ ସହାୟକ ହୋଇଥାଏ ଏବଂ ଏହାଫଳରେ ମାଆମାନେ ଅବସାଦ, ହୃଦଘାତ ଓ ଉଚ୍ଚ ରକ୍ତଚାପ ପରି ଜଟିଳ ସମାସ୍ୟାରୁ ମୁକ୍ତି ପାଇଥାନ୍ତି।

ଉପରୋକ୍ତ ଆଲୋଚନାରୁ ମାଆ ଓ ଶିଶୁ ପାଇଁ ସ୍ତନ୍ୟପାନ କରାଇବାର ଆବଶ୍ୟକତା କେତେ ତାହା ସହଜରେ ଅନୁମେୟ। ଏହି ସଚେତନତାର ବାର୍ତା ପ୍ରଚାର ଏବଂ କାର୍ଯ୍ୟକାରୀ କରାଇବା ପାଇଁ , ସ୍ୱାସ୍ଥ୍ୟବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ ବର୍ଷ ଅଗଷ୍ଟ ମାସ ୧ ତାରିଖରୁ ୭ତାରଖ ପର୍ଯ୍ୟନ୍ତ ସ୍ତନ୍ୟପାନ ସପ୍ତାହ ପାଳନକରି,ମାଆ ମାନଙ୍କୁ ସ୍ତନ୍ୟଦାନର ପ୍ରକ୍ରିୟା ଓ ଆବଶ୍ୟକତା ଉପରେ ଶିକ୍ଷା ପ୍ରଦାନ କରୁଅଛନ୍ତି। ଯଦି ମାଆମାନେ ଉକ୍ତ କାର୍ଯ୍ୟର ଗୁରୁତ୍ୱ ଉପଲବ୍ଧି କରି, ଆନ୍ତରିକତାର ସହିତ ଶିଶୁମାନଙ୍କୁ ସ୍ତନ୍ୟପାନ କରାଇବାରେ ଅଭ୍ୟସ୍ତ କରାଇପାରନ୍ତେ, ତେବେ ସମଗ୍ର ବିଶ୍ୱରୁ ଶିଶୁ ଓ ମାତୃ ମୃତ୍ୟୁହାର କମା ଯାଇପାରନ୍ତା,ଏଥିରେ ସନ୍ଦେହର ଅବକାଶ ନାହିଁ।

**ଆଧୁନିକ ଯୁଗର ମାତାମାନେ କାର୍ଯ୍ୟବ୍ୟସ୍ତତା ତଥା ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବାର ଆଶଙ୍କାରେ ଜନ୍ମିତ ଶିଶୁମାନଙ୍କୁ ସ୍ତନ୍ୟପାନରୁ ବଂଚିତ କରାଉଅଛନ୍ତି। ଏହି ବର୍ଦ୍ଧିତ ନକରାତ୍ମକ ମାନସିକତାର ପରିବର୍ତ୍ତନ ଏବଂ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅଗଷ୍ଟ ମାସର ପ୍ରଥମ ସପ୍ତାହକୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ରୂପେ ପାଳନ କରାଯାଉଅଛି।**

# ମୁହଁରେ ହସ ! ମନରେ ବିଷ !!



**ପଙ୍କଜ କୁମାର ପାଣିଗ୍ରାହୀ**
*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗାମ.*
*ଦୂରଭାଷ.: ୯୪୩୭୩୨୪୯୧୭.*

ମଣିଷ ଏକାକୀ ଜନ୍ମହୋଇ ଏକାକୀ ମୃତ୍ୟୁବରଣ କରୁଥିବା ଶିକ୍ଷା କାହାକୁ ଦେବା ଆବଶ୍ୟକ ନୁହେଁ । କାରଣ ଏହା ଆମ ପରିପାର୍ଶ୍ୱିକ ପରିସ୍ଥିତିରୁ ଅନୁଧ୍ୟାନ କରି ଶିଖିଥିବା, ଦେଖିଥିବା ଏକ ଦେହସୁହା ଘଟଣାବଳୀର ଅଂଶବିଶେଷ । ଜନ୍ମ ହେବାପରେ ମା' କୋଳରେ ବଢି, ବାପାଙ୍କ ସାନିଧ ଲାଭ କରି ପରିବାର ସ୍ୱଜନଙ୍କ ଶ୍ରଦ୍ଧା ଆଉ ଆନ୍ତରିକତାରେ ଭରପୁର ଜୀବନ, ଯୌବନରେ ସ୍ତ୍ରୀ ପ୍ରାପ୍ତି ହୋଇ ଶେଷରେ ଜନ୍ମିତ ପୁତ୍ର ସନ୍ତାନ ହାତରୁ ମୁଖାଗ୍ନିରେ ନିସ୍ତାର ମଣିଷ ଜୀବନରେ ଅନେକ କିଛି ଘଟଣ, ଅଘଟଣ ପାର କରି ବିଲୀନ ହୋଇଯାଏ ଶରୀର ଆମର ସେହି ପ୍ରକୃତି କୋଳରେ ଯିଏ ଆମକୁ ଦିନେ ଜନ୍ମ ଦେଇଥିଲା । ଏତିକି ହିଁ ମଣିଷ ଜୀବନର ସବୁଠାରୁ ଅଧିକ ମୂଲ୍ୟବୋଧତା, ବଂଚିଥିବା ମଧରେ ନିଜର ପ୍ରବାହିତ ଚରିତ୍ରରେ ଅନ୍ୟକୁ ସନ୍ତୁଷ୍ଟ, ମୋହିତ କରିପାରେ ଯିଏ ମରିବା ପରେ ପ୍ରଶଂସା ପାଇଥାଏ, ଏବଂ ଅସାମାଜିକ, ଅନୈତିକ କାର୍ଯ୍ୟରେ ଲିପ୍ତ ଅମାନବୀୟ ଚରିତ୍ର ପ୍ରବାହ କରୁଥିବା ମଣିଷଟି ମୃତ୍ୟୁ ପରେ ଅନ୍ୟମାନଙ୍କ ଦ୍ୱାରା ନିନ୍ଦିତ ହୋଇଥାଏ । ମୃତ୍ୟୁ ପରବର୍ତ୍ତୀ ନିନ୍ଦା, ପ୍ରସଂସାର କୌଣସି ଅନୁଭବ ସମ୍ପୃକ୍ତ ମଣିଷ ପାଇଁ ରହୁନଥିବା ଏକାନ୍ତ ସତ୍ୟ ହୋଇଥଲେ ମଧ ତାହା ସେହି ବ୍ୟକ୍ତିର ଛାଡି ଯାଇଥିବା ପରିବାର ପ୍ରତି ଏକ ସଂଚିତ ସମ୍ପତ୍ତି ସଦୃଶ୍ୟ ହୋଇଥାଏ ।

ଥରେ ମୃତ୍ୟୁ ହେବାପରେ ପୁନର୍ବାର ସେହି ପରିବାରରେ ଜନ୍ମ ନେଇ ନୂତନ ଜୀବନ ଆରମ୍ଭ କରାଯିବା ଭଳି ଘଟଣା ଆଜି ପର୍ଯ୍ୟନ୍ତ ସୃଷ୍ଟି ଆରମ୍ଭରୁ କେହି ଦେଖିନାହାନ୍ତି, ଜାଣିନାହାନ୍ତି । ତଥାପି ଶେଷ ସମୟ ପର୍ଯ୍ୟନ୍ତ ଉପସ୍ଥିତ ପରିବାର ସହିତ ମଣିଷର ସଂଶ୍ଳିଷ୍ଟତା, ଆନ୍ତରିକତାର ସୀମା ନଥାଏ । ଆଉ ସେହି ପରିବାର ସହିତ ଯୋଡିହୋଇ ରହିଥିବା ମଧରେ ମଣିଷ ଦୈନନ୍ଦିନ ଜୀବନରେ କେତେଯେ ଅନୁଭୂତି ପାଇଥାଏ ତାହାର ମଧ ସୀମା ନାହିଁ । ସେହି ଅନୁଭୂତି ଗୁଡିକୁ ନେଇ କେତେଯେ ସ୍ୱାଭିମାନ, ରାଗ ରୋଷ, ସ୍ନେହ ମମତା, ଆନ୍ତରିକତା, ଭାବପ୍ରବଣତା, ଅଧିକାର ସାବ୍ୟସ୍ତ ପୂର୍ବକ ସାନଙ୍କୁ ସ୍ନେହ, ବଡଙ୍କୁ ସମ୍ମାନ ପ୍ରଦାନ କରି ସମୟ କଟିଯାଏ ପ୍ରତ୍ୟେକ ଦିନର ଜଣାପଡେ ନାହିଁ । ଆନନ୍ଦମୟ ଦୈନନ୍ଦିନ ଜୀବନରେ କୌଣସି ଅଘଟଣ କିମ୍ବା ପାରିବାରିକ ଅସନ୍ତୋଷ ଜନକ ପରିସ୍ଥିତି ମଣିଷ ମନକୁ ଦୋହଲାଇ ଦେଇଥାଏ ଯାହାର ସ୍ମରଣରେ ମଣିଷ ଦୁଃଖୀ ହୋଇପଡେ ପରିସ୍ଥିତି ମଣିଷ ଜୀବନରେ ଆସିଥାଏ ଯାହାର ସମାଧାନ କାଠିକର ପାଠ ହୋଇଯାଏ ସମ୍ପୃକ୍ତ ମଣିଷ ପାଇଁ ।

ଜନ୍ମଦାତ୍ରୀ ମାତାଙ୍କ ଠାରୁ ଆରମ୍ଭ କରି ମୁଖାଗ୍ନି ଦେବାକୁ ଥିବା ଜନ୍ମିତ ପୁତ୍ର ସନ୍ତାନ ହେଉକି କନ୍ୟା ପର୍ଯ୍ୟନ୍ତ ବାସ୍ତବିକ ଦୁନିଆରେ କେହି କାହାର କିଛି ନୁହନ୍ତି ! ଏହି ପାରିବାରିକ ବନ୍ଧନ କେବଳ ଏକ ମାନବିକ ସଭ୍ୟ ସମାଜର କୃତ୍ରିମ ଉଦ୍ଭୃତି ଯାହା ଅନ୍ୟାନ୍ୟ ପ୍ରାଣୀଜଗତରେ ଦେଖିବାକୁ ମିଳେନାହିଁ। ତଥାପି ଅନ୍ୟାନ୍ୟ ପ୍ରାଣୀ ମାନେ ମଧ ଗୋଷ୍ଠବଦ୍ଧ ହୋଇ ରହିଥା'ନ୍ତି ଯାହା ସେମାନଙ୍କର ଗୋଟିଏ ପରିବାର ସଦୃଶ୍ୟ ହୋଇଥାଏ । କିନ୍ତୁ କୌଣସି ସମ୍ପର୍କର ସଜ୍ଞା କାର୍ଯ୍ୟ କରିନଥାଏ ସେମାନଙ୍କ ସମାଜରେ । ଜଣେ ଅନ୍ୟ ଜଣଙ୍କ ସହିତ କେବଳ ବନ୍ଧୁ ଭଳି ବ୍ୟବହାର କରିଥା'ନ୍ତି । ମଣିଷ କିନ୍ତୁ ଅଧିକ ଗ୍ଳାକ ହେତୁ ପାରିବାରିକ ସମ୍ପର୍କକୁ ସୁଦୃଢ଼ କରି ପରିପାର୍ଶ୍ୱିକ ପରିସ୍ଥିତି ହେତୁ ନିଜକୁ ସାମାଜିକ ସୁରକ୍ଷା ଦିଗରୁ ସମ୍ପର୍କ ସ୍ଥାପନ କରିଥାଏ ଯାହା ଅନ୍ୟାନ୍ୟ ପ୍ରାଣୀମାନେ ନିଜେହିଁ ନିଜର ସୁରକ୍ଷା କରିଥା'ନ୍ତି । ହେଲେ ମଣିଷର ଏହି ସମ୍ପର୍କ ଭାବଧାରା ମଧ୍ୟରୁ ଉଦ୍ଭୃତ ହୁଏ ଅନ୍ୟ ଏକ ଚରିତ୍ର ଯାହାକୁ କୁହାଯାଏ ସ୍ୱାର୍ଥ । ପୁଣି ସେହି ସ୍ୱାର୍ଥରୁ ଉଦ୍ଭୃତ ଅନ୍ୟ ଏକ ଚରିତ୍ର ପ୍ରବାହ କରିଥାଏ ମଣିଷ ଯାହା ହୁଏ ଇର୍ଷା । ତେଣୁ ଏହି ଦୁଇ ଚରିତ୍ର ଆଗରେ କୌଣସି ସମ୍ପର୍କ କାମ କରେନାହିଁ ଯାହା ସାଧାରଣରେ ବୁଝିବା କଷ୍ଟ !

ପରିବାର ମଧରେ ନିଜସ୍ୱ ସ୍ୱାର୍ଥ ଦୃଷ୍ଟିକୋଣରୁ କିଏ କାହାପ୍ରତି କେଉଁ ଭାବଧାରା ରଖି କିଭଳି ବ୍ୟବହାର କରିଥା'ନ୍ତି ସେଗୁଡିକୁ ସାଧାରଣରେ ମଣିଷ ବୁଝିପାରି ନଥାଏ । ଅନେକ ସମୟରେ ଏମିତି ଦେଖିବାକୁ ମିଳେ, କୌଣସି ଗୋଟିଏ ଉନ୍ନତ ଶାନ୍ତିପୂର୍ଣ୍ଣ ପରିବାର ମଧରେ ସବୁଥାଇ କିଛି ନଥିବା ଭଳି ରହୁଥା'ନ୍ତି ଘରର ସଦସ୍ୟ ବୃନ୍ଦ । କାରଣର ଉତ୍ତର ଅନ୍ୱେଷଣରେ ସମସ୍ତେ ଲାଗିପଡ଼ିଲେ ମଧ ବୁଝିବା କଷ୍ଟ ହୋଇଥାଏ ସେମାନଙ୍କ ପାଇଁ ! କାରଣ ଉପଯୁକ୍ତ ଚରିତ୍ର, ଚେହେରା ପରିସ୍ଥିତିକୁ ନେଇ କିଏ କେତେବେଳେ କାହାପ୍ରତି କେଉଁ ଭାବଧାରା ରଖି ରହିଥା'ନ୍ତି ଘର ଭିତରେ ସେସବୁ ବୁଝି ସମାଧାନର ବାଟ ଖୋଜି ସମାପ୍ତ କରିବା ଜ୍ଞାନ ବହିର୍ଭୁତ ନିର୍ବୋଧ କେତେ ଶିକ୍ଷା, କ୍ଷମତା ଥିଲେ ମଧ ସେଗୁଡିକୁ ବୁଝିବା ଏତେ ସହଜ ନୁହେଁ ଯିଏ ମୁହଁରେ ହସ, ମନରେ ବିଷ ଚରିତ୍ର ପ୍ରବାହ କରିଥାଏ ଘର ଭିତରେ ରହି ! ଗୋଟିଏ ଘରର ପାରିବାରିକ ସମ୍ପର୍କ ମଧରେ କିଏ କେତେବେଳେ କାହାପ୍ରତି ଏମିତି ବ୍ୟବହାର କାହିଁକି କରିବ ବୁଝିବା ଅତ୍ୟନ୍ତ ଜଟିଳ ହୋଇଥିଲେ ମଧ ଅସମ୍ଭବ ନୁହେଁ ! କିନ୍ତୁ ତାହା ଜାଣିବା ପାଇଁ ପ୍ରଖର ଅନ୍ତର୍ଜ୍ଞାନର ଆବଶ୍ୟକ ଯାହା ଅଧିକାଂଶ ମଣିଷଙ୍କ ପାଖରେ ଅଭାବ ରହିଛି । ସ୍ୱାର୍ଥାନ୍ଧ ଭାବଧାରା ବିଶିଷ୍ଟ ମଣିଷ ନିଜର ସ୍ୱାର୍ଥ ଦୃଷ୍ଟିରୁ ଅନ୍ୟମାନଙ୍କ ପ୍ରତି ଈର୍ଷାନ୍ୱିତ ଭାବ ପୋଷଣ କରି ସେମିତି ଚରିତ୍ର ପ୍ରବାହ କରିଥା'ନ୍ତି ଯାହା ଗୋଟିଏ ହସଖୁସିର ପରିବାରକୁ ଉଜାଡ଼ିଦେଇ ସମସ୍ତଙ୍କ ମନ ମଧରେ ବିଷ ଭରି ଦେଇଥାଏ । ତେଣୁ ଏହିଭଳି ପରିସ୍ଥିତିକୁ ମୁକାବିଲା କରିପାରିବା କ୍ଷମତା ବିହୀନ ମଣିଷ ଜୀବନସାରା ହନ୍ତସନ୍ତ ହୋଇ ବଂଚିବା ଛଡା ଅନ୍ୟ ଉପାୟ ଖୋଜି ବାହାର କରି ପାରୁନଥିବା ଭଳି ଏକ ଦୁଖଦଃ ପରିସ୍ଥିତିର ସମାଧାନ ଥିଲେ ମଧ ସାଧାରଣ ମଣିଷ ତାହାର ମୁକାବିଲା କରିବାରେ ଅସମର୍ଥ ହେତୁ ବହୁତ ପରିବାର ଆଜି ଦୁଃଖମୟ ଅବସ୍ଥାରେ ବଂଚୁଥିବା ଲକ୍ଷ କଲେ ଜାଣିହେବ । ଅଥବା ନିଜକୁ ନିଜେ ପଚାରି ବୁଝି ନିଜ ପରିସ୍ଥିତି ସହିତ ଯୋଡି ଦେଖିଲେ ଲେଖାଟିର ଉପଯୁକ୍ତତା ଜାଣିହେବ ବୋଲି ଆମ ବିଶ୍ୱରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା...........!






## ମୁଁ ଜଣେ ନାରୀ

ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ

ପକ୍ଷୀଟିଏ ପରି ଉଡ଼ି ଆସିଥିଲି
ସୁଖର ସନ୍ଧାନ ନେଇ
ଖୋଜି-ଖୋଜି ସୁଖ ବେଳ ବୁଡ଼ିଗଲା
କିନ୍ତୁ, ସୁଖର ସନ୍ଧାନ ନାହିଁ।

ମନର ବ୍ୟଥା ମନେ ଦବିଗଲା
ପାରିଲେନି କେହି ଜାଣି
କିଛି କ୍ଷତ କିନ୍ତୁ ଲୁଚେଇ ହୁଏନି
ବୋହିଯାଏ ହୋଇ ଆଖିର ପାଣି।

ଏକାନ୍ତପଣରେ ଭାବନାର ସୁଅ
ମନକୁ ଅଶାନ୍ତ କରେ
ଆଜିଯାଏ ଯେତେ ଲୁହ ମୁଁ ଢାଳିଛି
ସବୁ ଶୁଷ୍କମରୁରେ ଝରେ।

ସମ୍ପର୍କର ସେତୁକୁ ଆଗେଇବା ପାଇଁ
ହାତପତେଇ ଯେତେବେଳେ
ବିଶ୍ୱାସ ଟିକେ ମାଗେ
ସ୍ୱାର୍ଥରେ ଭୁଶୁଡ଼ି ପଡ଼ିଛି ବର୍ତ୍ତମାନ
ଦିବ୍ୟଚେତନା ମୋର ଜାଗେ।

ତଥାପି ପାଦ ମୋର ଅଟକିନି
ମିଛ ମାୟା ମରୀଚିକା ପଛେ ମୁଁ ଧାଇଁଛି
ସମ୍ପର୍କ ଦୁର୍ବଳ ହୋଇ ପ୍ରତାରଣା ବଢୁଛି
ସମ୍ପର୍କର ମୂଲ୍ୟ ଅବା କିଏ ଏଠି ବୁଝୁଛି।

ଚେଷ୍ଟା ସବୁବେଳେ ଜାରି ମୋ ରହିଛି
ଅନେକଥର ଯାଇଛି ମଧ ହାରି
କେମିତି ଦେବି ପଛଘୁଞ୍ଚା କୁହ
ମୁଁ ପରା ଜଣେ ନାରୀ।

+ଏନ୍ ଟି ପିସି, ତାଳଚେର
ମୋ - ୮୫୯୬୦୨୨୫୦୦

## ନାରୀଙ୍କୁ ଦେବା ସମ୍ମାନ...

ଅମରନାଥ ବାରିକ୍



ସମ୍ମାନ କରିବା ଅନ୍ୟର ନାରୀଙ୍କୁ
ଘରେ ଯଦି ଥାଏ ଝିଅ
ନହେଲେ ହୋଇବ ଆମ ପାଇଁ ସିଏ
ଅଡୁଆ ସୂତାର ଖିଅ ।

ନିଜ ଘରୁ ନିଜେ ସିଖନ୍ତି ସଂସ୍କାର
ନିଜ ସଦସ୍ୟଙ୍କ ଠାରୁ
ଯେମିତିକା ଯାର ପ୍ରକୃତି ସ୍ୱଭା
ପିଲାଏ କରନ୍ତି ସୁରୁ ।

ଅସମ୍ମାନ କଲେ ପରର ଝିଅକୁ
ପଡ଼ିବ ନିଜର ଗଣ୍ଠି
ଖୋଲୁଥିଲେ ଗାତ କାହାପାଇଁ କେବେ
ଅଣ୍ଟି ଛୁରି କାଟେ ତଣ୍ଟି ।

ଏ କଥାକୁ ଆମେ ମନରେ ନିରେଖି
କରୁଥିବା ଯାହା କାମ
ଆସିବନି କେବେ ଜୀବନେ ପ୍ରମାଦ
ଦୁଃଖଭରା ଯେଉଁ ନାମ ।

ସମାଜେ ଚଳିବା ସମାଜ ଗଢ଼ିବା
ସମାଜ ରିତିକୁ ନେଇ
ସଭିଁଙ୍କୁ କରିବା ନିଜ ରକ୍ତ ପରି
ସ୍ନେହ ମମତାକୁ ଦେଇ ।

ଆମ ଝିଅ ବୋହୂ ରହିବେ ସୁଖରେ
ମିଳିବ ମାନ ମହତ୍ୱ
ଉପରବାଲାର ଏହି ବିଚାରଟି
ଏହା ଉପଯୁକ୍ତ ତତ୍ତ୍ୱ ।

ନାରୀ ଦୁର୍ଗା, ଲକ୍ଷ୍ମୀ ନାରୀ ସରସ୍ୱତୀ
ମାତୃ, ଭଗ୍ନି, ବୋହୂ,କନ୍ୟା
ତାଙ୍କଠାରୁ ସୃଷ୍ଟି ସମସ୍ତ ଜଗତ
କରନ୍ତି ଅମୃତ ବନ୍ୟା ।

ମହାନ ପୁରୁଷ କରେ ସନମାନ
କାପୁରୁଷ ଦିଏ ବ୍ୟଥା
ଉଚ୍ଚ କୂଳ ବଧୂ ଦିଅଇ ଓଢଣା
ନିଚ୍ଚ ନାରୀ ଖାଲି ମଥା ।

+କୟାଁ,ମଙ୍ଗଳପୁର, ଯାଜପୁର
ଓଡ଼ିଶା ୭୫୫୦୧୧
ମୋ: ୯୫୪୦୩୦୮୦୯୫

## ବର୍ଷା ପର୍ବ...

ପୁଷ୍ପାଞ୍ଜଳି ପଣ୍ଡା

ଶଶୀ ଗଗନରେ ଲୁଚକାଳୀ ଖେଳେ
ତାରା ମଣ୍ଡଳରେ ଶୋକ
ଉଆଁସ ନକ୍ଷତ୍ର ଥରାଉଛି ଗାତ୍ର
ନିଶାରେ ଖଦ୍ୟୋତ, ଭେକ।

ମଣ୍ଡୁକ ପ୍ରବର ବାଢେ ପ୍ରେମସ୍ୱର
ମଣ୍ଡୁକୀ ପ୍ରଣୟ ଆଶେ
ମହୀ ମଣ୍ଡଳର ବର୍ଷାର ସମ୍ଭାର
ଜଳଦ ଏକାନ୍ତ ପାଶେ।

କ୍ଷୀପ୍ର ବେଗେ ଧାବମାନ ଜଳ ଧାରା
କୃଷକ ଆନନ୍ଦେ ମଗ୍ନ
ସବୁଜିମା ଭରା କ୍ଷେତ ପଲ୍ଲବିତ
ବରଷାର ଶୁଭ ଲଗ୍ନ।
ପୂର୍ଣ୍ଣ ଗର୍ଭା ନଦୀ ଉଛୁଳି ଉଠଇ
କୂଳ ଲଙ୍ଘନ ରେ ଗର୍ବ
ପୁରପଲ୍ଲୀ ହସେ ଶସ୍ୟ ସମ୍ପଦରେ
କୃଷିର ବରଷା ପର୍ବ।

କର୍ମ ମୁଖର ପ୍ରେମ ଓ ପ୍ରୀତିର
ବର୍ଷାର ଆଗମନ
ଶୁଷ୍କତା ବୋଧର ଅନ୍ତିମ ପ୍ରହର
ଆନନ୍ଦିତ ସର୍ବ ମନା

+ଷ୍ଟାଟିଷ୍ଟିକାଲ ଅଫିସର
ଯାଜପୁର

## ଟିକା...

ବନମାଳୀ ସାମନ୍ତରା

କୋଡିଏ କୋଡିଏ ମସିହା ଅଟଇ
କରୋନା ରୋଗେ ବିଖ୍ୟାତ
ହଜାର ହଜାର ପୋକ ମାଛି ପରି
ଅଦୃଶ୍ୟ ହୋଇଲେ ହତ।
ବାପା ମଲେ ପୁଅ ଛୁଇଁଲା ନାହିଁରେ
ରୋଗ ଅଟେ ସଂକ୍ରମିତ।

ଦୁଇଶହ ଉଣେଇଶ ଦେଶରେ
କରୋନା
ଡରି ରହିଗଲେ ଘରେ
ପୂରା ବରଷଟି ବେକାର ହୋଇଲା
ଭୟ, ଆତଙ୍କ ଭିତରେ।

ଧନଶାଳୀ ରାଷ୍ଟ୍ର ନାମେ ଆମେରିକା
ଦିନରେ ଚାରି ହଜାର
ଆକ୍ରାନ୍ତଙ୍କ ସଂଖ୍ୟା ସବୁ ଦେଶୁ ବେଶି
ଅସଂଖ୍ୟ ହୋଇଲେ ପାର।

ରେଖା କାଟି ଦେଲା ତାର
ଧନ ଓ ଜୀବନ ତୁଚ୍ଛ ହୋଇଗଲା
ଡରିଲେ ଯିବା ବାହାର।

ଦେଢ଼ କୋଟି ଲୋକ ଭାରତେ ଆକ୍ରାନ୍ତ
ଦେଢ଼ ଲକ୍ଷ ମଲେ ରୋଗୀ
କେହି ଛୁଇଁଲେନି କରୋନା ଯୋଦ୍ଧାଏ
ଦାହକଲେ ବଇରାଗୀ।

କରୋନାର ଟିକା କରିଛି ଭାରତ
ଦେଉଛି ଅନ୍ୟ ଦେଶରେ
ଭାରତରେ ତା'ର ମୂଲ୍ୟ ଅତିକମ
ଦୁଇ ତିନିଶ ମଧ୍ୟରେ।
ଦକ୍ଷିଣ ଆଫ୍ରିକା ଦୁର୍ବଳ ରାଷ୍ଟ୍ର
ମହତ ରଖିଛି ଦେଶରେ।

ବ୍ରିଟେନ୍, ଋଷିଆ, ଚୀନ୍ ଓ ଭାରତ
ଉଦ୍ଭାବନ କଲେ ଟିକା
ଗୋଟିଏ ପ୍ରକାର କରାଇ ଦେଖିଲେ
ଭାରତର ଦୁଇଛକା।
କୋଭାକ୍ସିନ ଏବଂ କୋଭିସିଲ୍ଡ୍
ଆମେରିକା ହେଲା ବୋକା।

ବୟାନବେ ଦେଶ ଟିକା ନେଇ କରି
ମୁକ୍ତି ପାଇଲେ ରୋଗରୁ
ଜାତିସଂଘ ମୁଖ୍ୟ କରିଲେ ପ୍ରଶଂସା
ଭାରତ ଟିକା ଦେବାରୁ।

କହିଲା ବ୍ରାଜିଲ ହନୁମାନ ଦେଶ
ପିଠିରେ ଆଣୁଛି ଟିକା
ମୋଦି ସରକାର ରଚିଲେ ସୁନାମ
ବିଶ୍ୱବାସୀ ହେଲେ ଥକା।

## ସଳିତା
### ପୂର୍ଣ୍ଣିମା ଲେଙ୍କା



ମୋ ଅଜାଣତରେ
ବଟି ବାଟି ସଳିତା କରିଦେଲେ
ଉପହାର ନାଁ ରେ
ଦୀପ ଟେ ଦେଲେ
ତେଲ ଦେଲେ
ଅଗ୍ନି ବି ଦେଲେ
ସ୍ୱାଧୀନତା ନାଁ ରେ
ଜଳିବା ପରମ କର୍ତ୍ତବ୍ୟ କହି
ଆଜୀବନ ବଳିଦାନ ମାଗିଲେ।

ମୋ ଆଲୋକ ରେ ଆଲୋକିତ ହେଲେ
ଖୁସି ବାଣ୍ଟିଲେ କମ, ଅଧିକ ଜୀଇଁଲେ !!!

ସଜେଇବେ କହି ପାଦକୁ ପାଉଁଜି ଦେଲେ
ମୋ ଅଜାଣତରେ
ମୋ ଗୋଡ଼ ରେ ବେଡି ବାନ୍ଧିଲେ
ଆକଟ, ସଂକୋଚ
କର୍ତବ୍ୟ, ସମର୍ପଣ
ସୀମା, ସ୍ୱାଧୀନତାର
କିଛି ବୀଜ ମନ୍ତ୍ର ଶୁଣେଇଲେ
ଯେତେ ସବୁ ଜ୍ଞାନ
ମୋ କାନିରେ ଗଣ୍ଠି ଦେଲେ।

ଖଟା ମିଠା ବାରି ପାରୁନଥିବା ମସ୍ତିଷ୍କକୁ
କର୍ତ୍ତବ୍ୟର ଶିଖର ରେ ଚଢ଼େଇ
ବଳିଦାନ ମାଗିଲେ
ମୋତେ ସ୍ୱାଧୀନତା ଦେବା ନାଁ ରେ
ନିଜ ସ୍ୱାର୍ଥ ପୂରଣ କଲେ!!!!
କର୍ତ୍ତବ୍ୟ
କର୍ତ୍ତବ୍ୟର ଦ୍ୱାହି ଦେଇ
ମୋ ଆକାଂକ୍ଷାକୁ ଚାପି ଦେଲେ।

+ ଅଚ୍ଛୋପୁର, କେଉଁଝର-୭୫୮୦୦୨
(ମୋ) ୭୦୦୮୨୦୭୮

## ଶିବଶଙ୍କର
### ଜୟଶ୍ରୀ ପଟ୍ଟନାୟକ



ତ୍ରିଶାଖା ବେଲପତର ଆଣିଛି ସାଥିରେ ମୋର
ଅରଖ ଫୁଲତୋଳିକି ଗୁନ୍ଥିଛି ଗଜରା ହାର
କ୍ଷୀର ଆଣିଛି, ନୀର ଆଣିଛି
ଲାଗି କରିବାକୁ ମଥାରେ ତୋର
ଆରେ ମୋ ଶିବଶଙ୍କର,
ତୋ ପାଦେ କୋଟି ଜୁହାର ।୦

ଜଟାରେ ତୋ ବାନ୍ଧିଦେବି ଟଗରଫୁଲର ମାଳ
ଗଳାରେ ତୋ ଲମ୍ବେଇବି ଦୁଦୁରା ଫୁଲର ମାଳ
ଦୀପ ଆଣିଛି, ଧୂପ ଆଣିଛି
ପୂଜିବି ବୋଲିକି ଭୋଳାଶଙ୍କର
ଆରେ ମୋ ଶିବଶଙ୍କର,
ତୋ ପାଦେ କୋଟି ଜୁହାର ।୧

ଚନ୍ଦନ ଆଣିଛି ସାଥେ ବୋଳିବି ଅଙ୍ଗରେ ତୋର
ଆଣିଛି ଗଇଶ ଫୁଲ ମଣ୍ଡିବି ଲିଙ୍ଗ ଉପର
ଆଣିଛି ଚମ୍ପା, ନବାତ ଖଣ୍ଡ
ପୂଜିବି ବୋଲିକି ହଟ୍ଟକେଶ୍ୱର
ଆରେ ମୋ ଶିବଶଙ୍କର,
ତୋ ପାଦେ କୋଟି ଜୁହାର ।୨

ଶିବଶମ୍ଭୁ ମହାଦେବ ଅଖଣ୍ଡ ବରଦାୟକ
ଲିଙ୍ଗରାଜ, ମହେଶ୍ୱର ଆହେ ଗ୍ରହ ବିନାଶକ
ପ୍ରଣତି ଘେନ, ଗୁହାରୀ ଶୁଣ
କୈଳାସନାଥ, ଭୁବନେଶ୍ୱର
ଆରେ ମୋ ଶିବଶଙ୍କର,
ତୋ ପାଦେ କୋଟି ଜୁହାର ।୩

+ ଗଙ୍ଗନଗର, ଭୁବନେଶ୍ୱର
(ମୋ)୭୯୭୮୧୧୦୪୭୪

## ସନ୍ଧ୍ୟା ଦରଶନ
### ନଗେନ୍ଦ୍ର ନାଥ ପଟ୍ଟନାୟକ



ଘୋଷ ଯାତାରାର ପଂଚମ ଦିନରେ
ଦାରୁଦିଅଁ ଶୁଶୋଭିତ
ସଂନ୍ଧ୍ୟା ଦର୍ଶନରେ ରହିଛି ଅନନ୍ୟ
ଗୁଣ, କେତେ ବିଶେଷତ୍ୱ ।

ଏହି ସଂଜବେଳେ ଆସିଥିଲେ କାଳେ
ପ୍ରଭୁ ଭକ୍ତ ବିଭୀଷଣ
ଜାଗିଥିଲା ମନେ ପ୍ରବଳ ଆକାଂକ୍ଷା
କରିବାକୁ ଦରଶନ ।

ପ୍ରଭୁଙ୍କ ତ୍ରିକାଳ ସନ୍ଧ୍ୟା ଦରଶନ
ଜନଙ୍କୁ ଭୋଜନ ଦାନ
ପ୍ରଭୁ କାଳେ ତହିଁ ହୁଅନ୍ତି ପ୍ରସନ୍ନ
ଭକ୍ତ ବାଂଛା ହୁଏ ପୂର୍ଣ୍ଣ।

ଶିରିମନ୍ଦିରରେ ତ୍ରିକାଳ ସନ୍ଧ୍ୟାରେ
ଜଗା ଦର୍ଶନ ଯେ କରେ
ଦଶବର୍ଷ କାଳ କଲେ ସେ ଲଭଇ
ପୁଣ୍ୟଫଳ ମହୀପରେ ।

ଗୁଣ୍ଡିଚା ମଣ୍ଡପେ ଜଗା ଦରଶନ
ଥରୁଟିଏ ଯିଏ କରେ
ସେତିକି ମିଳଇ ପୁଣ୍ୟଫଳ ତାକୁ
ଶ୍ରୀକ୍ଷେତ୍ର ସରଗପୁରେ ।

+ ୯୯୯-୩, ଜଗମୋହନ
ନଗର,ଜାଗମରା, ଖଣ୍ଡଗିରି
ଭୁବେନେଶ୍ୱର,
(ମୋ)୯୪୩୮୩୩୨୧୩୮

## ଅବସୋସ
### ଦେବଯାନୀ ରାୟ

ଅଦ୍ଭୁତ ସମ୍ମୋହନର
ଗାମ୍ଭୀର୍ଯ୍ୟ କଳ୍ପନାରେ
ଅବତୀର୍ଣ୍ଣ ଏକ କାୟାକଳ୍ପ
ମୋ ଆଖିରେ ଚିତ୍ରିତ
ତୁମ ଦେହମନ ଲୁଣ୍ଠିତ ଆଜି
ଆଉ କାହା ପାପ ନଜରରେ ।

ତୁମେ କୁହ ତ,
ଖୋଜିବି ତ କେଉଁପରି....
ସାରା ରାତି ଗହନ ଅନ୍ଧାରରୁ
ଅଥବା, ସାରାଦିନ ଅସମାପ୍ତ
ସମୁଦ୍ର ବାଲିରୁ ।

କୁହ ଥରେ
ତୁମ ନିର୍ଦ୍ଦିଷ୍ଟ ସ୍ମୃତିକୁ ନେଇ
ହଜିବି ତ କେମିତି......
ଭାଗ୍ୟ ରେଖା ପରି ଜାବୁଡ଼ି ଧରିଛ ଏଯାଏଁ
ପ୍ରାପ୍ତି ଅପ୍ରାପ୍ତିର ବିଶେଷ ଦ୍ରଷ୍ଟବ୍ୟରୁ ।

ହଁ, ସେମାନଙ୍କ ମତରେ
ତୁମ ପରି ଆଉକିଛି
ଯେମିତି ଗଢ଼ି ଆସୁଥିବା ଇତିହାସ
ଈର୍ଷାରେ ବଦଳୁଥିବା
ଭଲ ପାଇବାର ହସ
ଅଧାଗଢା ଘର
ଶ୍ରମରୁ ନିଗୁଡ଼ିଥିବା ଝାଳ
ସମୟର ତରାଜୁରେ
ପରାକ୍ରମର କାଣ୍ଡ କେଇ ଖଣ୍ଡ ବି
ତାଙ୍କର ଖାଲି ତାଙ୍କର।

ତେବେ ବି ଲୋଭନୀୟ ପାପ ସନ୍ଧିରେ
ବୈରାଗୀ ପ୍ରେମର ନିଶବ୍ଦ ଉଚ୍ଚାରଣ
ଝରା ପତ୍ରର ମର୍ମରତା
ବସନ୍ତୋତ୍ସବର ଆହତ ବାସ୍ନା ପରି
ଚରିଯାଏ ଦେହମନ
ହୋଲି ଡ଼ଙ୍ଗାରେ ଭାସୁଥିବା ସ୍ୱପ୍ନର
ଅଜଣା ଏକ ସମ୍ମୋହନ ।

ନାଟକର ଚିତ୍ରପଟ୍ଟ ସମ
ବିତିଯାଏ ଦିନ.....ଆୟୁଷ
ଚରମ ବିନ୍ଦୁରେ ଠିଆ ହୋଇ
ମନେ ପଡ଼େ ମୁଠା ମୁଠା ପ୍ରତିଶ୍ରୁତି
ଆଉ କିଛି ବହଳିଆ ଅବଶୋଷ ।

+ ମାର୍ଫତ୍-ସ୍ୱରୂପ ରଂଜନ
ରାୟ, ରାମଚନ୍ଦ୍ରପୁର ବଜାର, ଜଟଣୀ,
ଖୋର୍ଦ୍ଧା
(ମୋ)୯୪୩୭୪୧୩୩୧୪

## ପ୍ରେମରେ ଚାରିଗାଣିତିକ ପ୍ରକ୍ରିୟା...
### ଡିସମ୍ବର ମେହେର



ଏତ ପ୍ରେମର ରହସ୍ୟ
ପ୍ରୟୋଗ କଲେ ଚାରି
ଗାଣିତିକ ପ୍ରକ୍ରିୟା
ପାଇବ ଏହାର ପ୍ରତି ଉତ୍ତର
ସଂଯୋଗରୁ ମିଳେ ଏଠି ଖୁସି
ବିୟୋଗରୁ ପାଇବ ଦୁଃଖ
ପ୍ରେମ ଏଠି ସାଜେ ଗୁଣ୍ଡ
ସଂପର୍କ କରେ ଗୁଣକର ଅଭିନୟ
କୁହ କେତେ ଶକ୍ତ ତମ ଗୁଣଫଳ ?
ତୁମେ କୁହ ମୋ ପାଇଁ ତୁମ ହୃଦେ
ଅଛି କେତେ ଭାଗ ପ୍ରେମର ସ୍ଥାନ ?
ମୁଁ କୁହେ ଜୀବନକୁ ପ୍ରେମ ସହ
କରିଦିଅ ହରଣ
ଭାଗଶେଷ ଶୂନ୍ୟ, ଭାଗଫଳ ଏକ
ସର୍ବଦା ଏକା ରହିବ ଜାଣ ।

+ ଗଣ୍ଡାବାହାଲି, ନୂଆପଡା

## ସ୍ୱାର୍ଥ
### ଉମ୍ବରୁଧର ବେହେରା



ଜୀବନଟା ଭାଇ ଅଢେଇ ଦିନିଆ
ସ୍ୱାର୍ଥ ପାଇଁ କେହି ନ ହୁଅ ଛାନିଆ
ଜୀବନ ନଉକା ବୁଡ଼ିଯିବ ଦିନେ
ତେବେ ଲୋଭ କିଆଁ
ଭାଇ ତୁମ ମନେ...॥୧॥

ସତ୍ୟ, ଧର୍ମ, ନ୍ୟାୟ ପଥେ ଚାଲୁଥାଅ
ଲୋଭ, ମୋହ, ମାୟା କରି ପରିହାର
କରମର ଫଳ ମୋକ୍ଷର ଆଧାର
ଏକଥା ଅଟଇ ଜୀବନର ସାର...॥୨॥

ହେଲେ ବାଟ ବଣା ପାଇବ ଅସାର
ଦୁନିଆ କହିବେ ତୁମେ ସ୍ୱାର୍ଥପର
ବଞ୍ଚିଥିଲା ଯାଏଁ ସଭିଏଁ ଆମର
ମରିଗଲେ ଏଠି କେହି ନୁହେଁ କା ' ର..॥୩॥

ଅହଙ୍କାର ସବୁ ଅଳିକ ମାତର
ନ କର କାହାକୁ ପାତର ଅନ୍ତର
ସ୍ୱାର୍ଥ କଥା ଛାଡ଼ି ହୁଅ ଅଗ୍ରସର
ପର ପାଇଁ ନିଜେ ହୁଅ ଯେ ତତ୍ପର...॥୪॥

+ ଶିକ୍ଷକ, ନବୋଦୟ ବିଦ୍ୟାଳୟ
ସୁରଳା (ଗଞ୍ଜାମ)
(ମୋ) ୯୪୩୭୭୮୮୪୬୪

## ଲାଜେଇ ପ୍ରିୟା
### ବିନୟ କୁମାର ସାମଲ



ନଈ ସେ ପାରି କନକ ଗୋରି
ପ୍ରିୟାର ଗାଆଁ ଦିଶେ
ତୋଟା ମାଳରେ ତାଳ ବଣରେ
ଗାଆଁଟି ତା'ର ହସେ ।

ନଈ ପଠାର ସବୁଜିମାରେ
କାଶତଣ୍ଡିର ଶୋଭା,
ଧୀର ସମୀର ଢାଳେ ଚାମର
ଆହା କି ମନଲୋଭା !

କୁଆଁରୀ ମେଳେ ଆସେ ସକାଳେ
ମୋ ପ୍ରିୟା ସ୍ନାନ ପାଇଁ,
ନଈ କୂଳରେ ତୁଠ ପଥରେ
ତା' ପାଦ ମାଜୁଥାଇ ।

ଚପଳମତି ମୃଦୁ ସମୀର
ଛୁଏଁ ତା'କେଶରାଶି,
କେଶ ବିନ୍ୟାସ ଅଲୁଳାୟିତ
କରଇ ହସି ହସି ।

ଏକାଳେ ସାଙ୍ଗ ସାଥୀଙ୍କ ମେଳ
ଉଛୁଳେ ହାସ୍ୟ ରୋଳ
ଲାଜବତୀ ମୋ' ସରମୀ ଲତା
ଆଖି ତା' ଛଳ ଛଳ ।

ଭାସିଯାଏ ମୁଁ ପ୍ରେମର ସୁଏ
ପାଏନା ଥଳକୂଳ
ଖୋଜେ ମୁଁ ପ୍ରିୟା ହୃଦୟ କୂଳ
ତା'ସୁର କଳ କଳ ।

ସପନ ଦ୍ୱୀପେ ହଜି ମୁଁ ଯାଏ
ଆଶାର ଦୀପ ଜାଳି
ହେ ସମୀର ! ପ୍ରିୟାକୁ କହ
କେତେ ମୁଁ ହୁଏ ଭାଳି ।

+ ବେଡାପଡା
ହିନ୍ଦୋଳ, ଢେଙ୍କାନାଳ
(ମୋ)୯୩୩୭୨୪୯୦୬୮

## ଗାଁ
### ଜ୍ୟୋସ୍ନା ରାଣୀ ଭୋଇ

ସନିଆ ଭାଇର ଗୁହାଳରୁ
ଆଉ ହାମା ରଡିରେ
ଗାଁ ରାସ୍ତା ସାରା ଗୋବର
ପକାଉ ନାହାନ୍ତି ଗାଇଗୋରୁ
ଗାଁ ଧୂଳି ଆଉ ମହକୁ ନାହିଁ ଗାଁ ଗାଁ
ଗାଁ ଏବେ କଂକ୍ରିଟ ରାସ୍ତାର
ସହରର ଛାଇ ମିଛ ଦମ୍ଭର।

ଧିରେ ଘେନ କାନନରେ କୃଷ୍ଣ....
କାହିଁ ସେ ଗୀତ
କାହିଁ ସେ ଗୋଠ
ଗାଁ ଆଜି ଖାଁ ଖାଁ
ବାହାର ରାଜ୍ୟରେ କମ୍ପାନୀର ସୁହାଗ।

ଲଙ୍ଗଳ ଯୁଆଳି ସଜେଇ
ତରତର ବାସି ପଖାଳ ଖାଇ
କ୍ଷେତ ଆଡ଼େ ବାହାରୁନି ଦନାର।
ଅର୍ ତ.ତ..ତ.ତ.ହ ହ ହ
ଶୁଣିବାକୁ ସାତ ସପନ

ମଙ୍ଗଳି ମାଁ କହୁଛି
କ୍ଷେତରେ ଆଉ ଆଗ ଭଳି
ଗେଣ୍ଡା କଙ୍କଡା ମାଛ ମିଳୁନି ବିଲରେ
କପାଳରେ ହାତ ମାରି ହେ ଭଗବାନ!
ଯାହା କଲା ଅତ୍ୟାନୁଧିକ ସାର ବିହନ।

ଗାଁର ଗଛ ପତ୍ର ହଜି ଯାଉଥିବା ବେଳେ
ପବନର ଅଭାବ
କଥା କହିଲେ କାହାଣୀ ହେବ।

ବର୍ଷା ବଧୁର କମନୀୟ ସ୍ୱର
ଶୁଭୁନାହିଁ ଗାଁ ଗାଁରେ
ହା-ହତାଶର ବତାସି ଭିଆଏ
ଚାଷୀର ବିଷ ପିଆ ମରଣରେ

ଗାଁ ଭୁଆସୁଣୀ !
ଲାଜର ଓଢ଼ଣା କିଏ ଦେଖିବାକୁ ପାଉଛି ?
ଡ୍ରେସ ଓ ନାଇଟି ଫେରିବାଲା ସଜ
ସଭ୍ୟତା ବଦଳି ଯାଉଛି
ଗାଁ କଥା ଏବେ ଲାଜରେ ଲାଜରେ
ଗାଁ, ଗାଁ କି ହୋଇ ରହିଛି।

ଗାଁ ପରବ ଗାଁ ପିଠାପଣା
ସବୁ ଖାଲି ଏବେ
ପୋଥିରେ ଗପରେ ଲାଗୁଛି
ଆଧୁନିକତାର ଅହମିକାଟିଏ
ଗାଁ କୁ କଳଙ୍କ ଧରିଛି।

ଗାଁ ଗୋ ଗାଁ!
ମୁଁ ସହରୀ କନ୍ୟା
ଆଜି ବି ଲୋଭ ଟିଏ ଛାଡି ପାରୁନି
ତୋ ରୂପର ଗୁଣର
ତୁ ଗାଁ ହୋଇ ଥା ତୁ ଗାଁ ହୋଇ ଥା।

+ ଲାଇନ୍‌ପଡା, ପାଟଣାଗଡ,
ବଲାଙ୍ଗୀର

## ପହିଲି ଶୀତଳ ଛୁଆଁ
### ରାହାସ କୁମାର ବେହେରା



ପହିଲି ଆଷାଢେ ମେଘର ମହ୍ଲାର
ରିମଝିମ ଝରେ ବାରି
ଓଦାହୁଏ ମାଟି ଧରଣୀ ଛାତିରେ
ଅପୂର୍ବ ମହକ ଭରି ।

କି ଆନନ୍ଦ ସତେ ସେ ମିଠା ପରଶ
ପହିଲି ଶୀତଳ ଛୁଆଁ
ହଜିଯାଏ ଯେବେ ଚାତକୀର ତୃଷ୍ଣା
ଭିଜୁଥାଏ ନୂଆ ନୂଆ ।

ସେ ପାଣି ପବନେ ଖୁସିର ଝଲକ
ନାଚଇ ମୟୂରୀ ମନ
ଚାରିଆଡେ ପ୍ରେମ ପଲ୍ଲବୀ ଉଛୁଳା
ଫେରନ୍ତା ତାଜା ଯୌବନ ।

ସମୟ ସ୍ରୋତରେ ଅପୂର୍ବ ମିଳନ
ନିଦାଘ ପରେ ବରଷା
ଅତୀବ ଦୁର୍ଲଭ ସେ ଅମୃତ କାଳ
ବର୍ଣ୍ଣନାତୀତର ଭାଷା ।

ଚେଇଁ ଉଠେ ଭିଜି ସକଳ ଜଗତ
ହସଇ ସାରା ଜୀବନ
ଆଶ୍ୱସ୍ତି ସହସା ମାଦକତା ଆଣେ
ଉଛୁଳେ ଲକ୍ଷେ ସପନ ।

ଆକାଶ କୋଳରୁ ସୁଖଦ ଜଳଦ
ପ୍ରକୃତିକୁ ମାଗେ ପ୍ରୀତି
ଦୁହିଁଙ୍କ ସମ୍ପର୍କ ନିରୁତା ନିଆରା
ହୁଏନାହିଁ କେବେ ଇତି ।

+ ବାଲ୍ୟାମ୍ବ ,ଭାପୁର
ଢେଙ୍କାନାଳ-୭୫୯୦୧୫
(ମୋ) ୯୪୩୮୧୧୪୩୬୮

## ଗାଆଁ ଲାଗୁଅଛି ଖାଆଁ ଖାଆଁ
### ଶିଶିର କୁମାର ପଣ୍ଡା



ଗାଆଁମାଟି ଆଜି ଖାଆଁ ଖାଆଁ ଲାଗେ
ଦିଶୁନାହିଁ ଆଗ ଭଳିଆ
ଭେଟ ହୁଏନାହିଁ ଗାଆଁକୁ ଗଲେ ମୁଁ
ପିଲାଦିନ ସାଙ୍ଗ ଜଳିଆ ।

ହୁଏନାହିଁ ରଜ ସେମିତିକା ଆଉ
ବାଜେନି କୋଉଠି ନାଗରା
ବାଗୁଡ଼ି ଖେଳରେ ଆଗୁଆ ଥିଲା ଯେ
ଏବେ ଅଛି ଯାଇ ଆଗରା ।

ଜମୁନାହିଁ ଖେଳ ତାଆସ କ୍ୟାରାମ
ଲୁଡୁପାଲି ଆଉ ଦିଶୁନି
କରୋନା ଡରରେ କେହି କାହାସଙ୍ଗେ
ମନ ଖୋଲିଦେଇ ମିଶୁନି ।

ଚାଷଖାଲି ହୁଏ ନାମକୁ ମାତର
ଟଙ୍କିକା ଚାଉଳ ଭରସା
ଚାଷୀ ତ ନାହାଁନ୍ତି କିଏବା ଖୋଜିବ
ଆଷାଢ଼ରେ ହେବ ବରଷା ?

ଗୁହାଳ ପଡ଼ିଛି ଫାଙ୍କା ସବୁଆଡ଼େ
ନାହାଁନ୍ତି କାଳିଆ କସରା
ବାଟଘାଟ ସବୁ ଢଳେଇ ପଡ଼ିଛି
ଆଉ ହୁଏନାହିଁ ଖସରା ।

ଏଇଟା ମୋହର ଗାଆଁ ରୂପରେଖ
ଏଇଥର ଯାହା ଦେଖିଲି
"ଧ୍ୱନି ପ୍ରତିଧ୍ୱନି' ଖବରକାଗଜ
ପାଇଁ ଏ କବିତା ଲେଖିଲି ।

+ କୁଆଁସ , ମେରଦା କାଟିଆ,
ଯାଜପୁର
(ମୋ) ୮୯୮୧୭୩୭୨୨୮

## ପ୍ରେମ
### ଶ୍ରୀ ସତ୍ୟବ୍ରତ ସାହୁ



ନା ମାଟି ଜାଣିଛି, ନା ଆକାଶ ଜାଣିଛି,
ନା ଗଛ ଜାଣିଛି, ପ୍ରେମ କ'ଣ..ବିରହ କ'ଣ..!
ହୁଏତ ସମସ୍ତେ ଅନୁଭବିଛନ୍ତି
ଆନନ୍ଦ-ଯନ୍ତ୍ରଣା ।

ଗଛ ଅଙ୍ଗେ ନିଭେଇଛି ଝଡ଼ର ତାଣ୍ଡବ,
ପବନର ଫୁତ୍କାର,
କଟି ଯାଇଥିବା ଶାଖାର ବ୍ୟଥା,
ମାଟି ସହିଛି ବିଦୀର୍ଣ୍ଣତାର କଷ୍ଟ ।

ଆକାଶ ସହିଛି ନିଦାଘର ଯନ୍ତ୍ରଣା,
ହୋଇପାରେ ବୁଝିଛି ବି ମାଟିର ଦୁଃଖ ।

ସେଥିପାଇଁ ଏକାଠି କରି ବାଷ୍ପିୟ ଜଳକଣାକୁ
ସୃଷ୍ଟି କରେ ମେଘ ଶୀତଳତା ପାଇଁ
ଢାଳି ଦିଏ ବାରିଧାରା ମାଟି ପାଇଁ ।
ଟୋପେ ପାଣି ପରଶରେ ରୁକ୍ଷ ମାଟିରେ
ଜନ୍ମ ନେଇଥିବା ନବପଲ୍ଲବକୁ ଦେଖି
ମାଟି ଉଲ୍ଲସିତ ହୋଇଥିବ ନିଶ୍ଚୟ ।
ଗଛମାନଙ୍କ ମଧ୍ୟରେ ଖେଳିଥିବ ଶିହରଣ
ଡାଳ-ପତ୍ରରୁ ଝରି ପଡୁଥିବ
ଟପ୍ ଟାପ୍ ବର୍ଷା ବୁନ୍ଦା ।

ପ୍ରକୃତିର ନିୟମରେ ସମସ୍ତେ ବନ୍ଧା
ହୁଏତ ପ୍ରକୃତି ଖଞ୍ଜି ଦେଇଛି ଜଣକ ସହ ଜଣକୁ
ଦୁଃଖ-ସୁଖରେ ଭାଗୀ ହେବାପାଇଁ ।
ହୋଇପାରେ ସେମାନେ ଜାଣନ୍ତିନି
ପ୍ରେମ ବା ବିରହ
କିନ୍ତୁ ମୁଁ କହିବି ସେମାନେ ଜାଣନ୍ତିନି
ବିରହ ପ୍ରକୃତିର ନିୟମ ସେମାନଙ୍କ ପାଇଁ
ପ୍ରେମ ହିଁ ପ୍ରେମ..
କେବଳ ପ୍ରେମ..ନିରୋଳା ପ୍ରେମ ।

+ ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୬୫୬୧୯

## ଝିଅଟିଏ ହେଲେ
### ରଶ୍ମିରଞ୍ଜନ ପୃଷ୍ଟି

ଯଦି ଝିଅଟିଏ, ହୋଇଥାନ୍ତି ମୁହିଁ,
କେତେ ଅସୁବିଧା ହୁଅନ୍ତା,
ସୁନ୍ଦରୀ ହୁଏକି, ଅସୁନ୍ଦରୀ ହୁଏ,
ସଭିଙ୍କ ନଜର ପଡ଼ନ୍ତା।

ଚ଼ାଲିଲେ ଝୁଣ୍ଟିଲେ, ହସିଲେ କାନ୍ଦିଲେ,
କେତେଲୋକ ମୋତେ କୁହନ୍ତେ,
ଟିକେ ବଡ଼ ହେଲେ, ବାପା ମାଆ ମୋତେ
ଘରେ ଲୁଚ଼େଇକି ରଖନ୍ତେ ।

ଯଦି ଝିଅଟିଏ, ହୋଇଥାନ୍ତି ମୁହିଁ,
ବୁଝେନ୍ତେନି କେହି ମୋ ମନ,
ସତେ କି ଜନମ, ହୋଇଛି ଅନ୍ୟର
ପୁରା କରିବାକୁ ସପନ ।

କେତେ କେତେ ମୋର, ବ୍ୟଥା ଅନ୍ତରର,
କହିପାରନ୍ତିନି କାହାକୁ,
ଶୁଣିବାକୁ କେହି, ପ୍ରସ୍ତୁତ ନଥାନ୍ତି,
କହିବାକୁ ଚ଼ାହେଁ ଯାହାକୁ ।

ଝିଅଟିଏ ହେଲେ, ଜୀବନରେ କେତେ,
ସହିବାକୁ ପଡ଼େ କଷଣ,
ସେଥିପାଇଁ ଏଇ ନାରୀଜାତି ପାଦେ,
କରୁଛି ପ୍ରଣତି ଅର୍ପଣ ।

+ କନିଷ୍ଠ ଅଧ୍ୟାପକ, ସ୍ୱତନ୍ତ୍ର ବି.ଏଡ଼୍
କଲେଜ, କୋଦଳା
(ମୋ) ୯୯୩୭୪୪୨୩୦୬

## ବାଲ୍ୟସାଥୀ
### ସ୍ନିଗ୍ଧା ଜି. ମହାପାତ୍ର



ସ୍ମୃତି ଆଇନାରୁ ଧୂଳି ଅଳନ୍ଧୁକୁ
ସରାଗରେ ଦେଲେ ଝାଡି
ଫୁଲ ପରି ସବୁ ସାଙ୍ଗ ସାଥୀ ମୋର
ଅନୁରାଗେ ଯାନ୍ତି ଝରି...

ସ୍ମୃତିର ବେଳାରେ ବାଲି ଘର ତୋଳି
ଖେଳୁଥାନ୍ତି ମୋର ସାଥେ..
ନିରିମଳ ମନେ କୋମଳତା ଭରି
ଖୋଜୁ ଥାନ୍ତି ଏକା ମୋତେ..

ଫୁଲଠୁ କୋମଳ ଜଳଠୁ ଶୀତଳ
ସେଇ ବନ୍ଧୁତାର ପ୍ରୀତି..
ଝୁରେ ଆଜି ମନ ସେଇ ପିଲାଦିନ
ଗାଏ ତା 'ମଧୁର ଗୀତି...

ମନେ ପଡେ ମୋର ହସର ଲହରୀ
ମିଛ କାନ୍ଦ ଅଭିନୟ...
ପକ୍ଷୀ ପରି ଆମେ ଉଡି ବୁଲୁଥିଲୁ
ନ କରି କାହାକୁ ଭୟ.....

ଚୁଟି ଭିଡା ଭିଡି କଥା କଟାକଟି
ମିଠା ମିଠା ରାଗରୁଷ..
ସଙ୍ଗେ ସଙ୍ଗେ ପୁଣି ଡକାଡକି ହୋଇ
ହୋଉଥିଲୁ ଯେ ଉଲ୍ଲାସ...

ସେଇ ସହରରେ ଆଜି ହଜି ଅଛି
ମୋର ସେଇ ପିଲା ଦିନ...
ସାଥୀ ମୋର ସବୁ ଅପରାହ୍ନେ ଆଜି
କରୁଛନ୍ତି କେତେ କର୍ମ..

ବୟସ ସହ ମୋ ଆୟୁଷ ସରୁଛି
ତଥାପି ତାଙ୍କୁ ମୁଁ ଝୁରେ..
କିଛି କିଛି ପୁଣି ନେଲେଣି ମେଲାଣି
ଝୁରାଇ ନିଃସଙ୍ଗତାରେ....

ରୂପ,ଧନ, ଯୌବନ, ମାନ, ସମ୍ମାନ
ଲୋଡ଼େନା ପ୍ରକୃତ ବନ୍ଧୁ...
ଦୁଃଖେ ସୁଖେ ଯଦି ଛିଡା ହଉଥିବ
ବନ୍ଧୁତାର ସିଏ ସିନ୍ଧୁ...

+ ବାରିପଦା
(ମୋ)୯୪୩୭୬୧୫୨୨୧

# ପାରିବାରିକ ଆୟ ବୃଦ୍ଧି କରିବାରେ ମିଶନ ଶକ୍ତି ବିଭାଗର ଶକ୍ତିହୀନ ପ୍ରଦର୍ଶନ : କଂଗ୍ରେସ

ଭୁବନେଶ୍ୱର,୨/୮ (ନି.ପ୍ର): ଓଡ଼ିଶାରେ ଦୀର୍ଘବର୍ଷ ଧରି ବିଜେଡ଼ି ଶାସନ ବ୍ୟବସ୍ଥାରେ ଥାଇ ମଧ ରାଜ୍ୟର ସାମଗ୍ରିକ ଅର୍ଥନୈତିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସଂପୂର୍ଣ୍ଣରୂପେ ବିଫଳ ହୋଇଛି। ପ୍ରଦେଶ କଂଗ୍ରେସ ମୁଖ୍ୟାଳୟ ଠାରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ବିଜୟଲକ୍ଷ୍ମୀ ସାହୁ, ପ୍ରଦେଶ କଂଗ୍ରେସ ମୁଖପାତ୍ର ପ୍ରଶାନ୍ତ ଶତପଥିଙ୍କ ସହିତ ରାଜ୍ୟ ସରକାରଙ୍କର ଅର୍ଥନୈତିକ କୁପରିଚାଳନାକୁ ନେଇ ସମାଲୋଚନା କରିଥିଲେ। ରାଜ୍ୟର ଅନେକ ବିଭାଗ ଜରିଆରେ ସାଧାରଣ ଜନତାଙ୍କର ସାମଗ୍ରିକ ଅର୍ଥନୈତିକ ବିକାଶ ତଥା ପାରିବାରିକ ଆୟ ବୃଦ୍ଧି ଘଟିଛି କହି ସରକାର ଯେଉଁ ଡିଣ୍ଡିମ ପିଟୁଛନ୍ତି ତାର ବାସ୍ତବ ଚିତ୍ର କିଛି ଅଲଗା। ମୁଖପାତ୍ର ପ୍ରଶାନ୍ତ ଶତପଥି ଓଡ଼ିଶା ସରକାରଙ୍କର ମିଶନ ଶକ୍ତି ବିଭାଗର ଶକ୍ତିହୀନ ପ୍ରଦର୍ଶନକୁ ନେଇ ଏକ ପରିସଂଖ୍ୟାନ ଦେଇ କହିଛନ୍ତି ଯେ, ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ସୂଚନା ଦିଆଗଲାକି ୨୦୧୯-୨୦ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ମିଶନ ଶକ୍ତି ବିଭାଗ ମହିଳା ସଂୟସହାୟକ ଗୋଷ୍ଠୀଙ୍କ ସହ ମିଶି ୩ ହଜାର ୫୮୩ କୋଟି ଟଙ୍କାର ବ୍ୟବସାୟ କରିପାରିଛି। ଏଥିରେ ୨୦୧୯-୨୦ ଆର୍ଥିକ ବର୍ଷରେ ୧୪୧୨ କୋଟି ଟଙ୍କାର ବ୍ୟବସାୟ ୨୦୪୪୯ ସଂୟସହାୟକ ଗୋଷ୍ଠୀଙ୍କ ସହଭାଗିତାରେ ହୋଇଛି। ଯଦି ସାଧାରଣ ଭାବରେ ୧୪୧୨ କୋଟି ଟଙ୍କାର ୨୦ ପ୍ରତିଶତ ଲାଭାଂଶ ହିସାବକୁ ନିଆଯାଏ ତେବେ ଏହା ୨୮୨ କୋଟି ୪୦ ଲକ୍ଷ ଟଙ୍କାକୁ ଆସିବ। ଏହି ଲାଭାଂଶକୁ ୨୦୪୪୯ ସଂୟସହାୟକ ଗୋଷ୍ଠୀଙ୍କ ଭିତରେ ସମାନୁପାତିକ ଭାବରେ ଯଦି ବାଂଟି ଦିଆଯାଏ ତେବେ ପ୍ରତ୍ୟେକ ଗୋଷ୍ଠୀ ପିଛା ୧ଲକ୍ଷ ୩୮ ହଜାର ଟଙ୍କା ଆସିବ। ହାରାହାରି ଯଦି ବାରଜଣ ସଭ୍ୟା ପ୍ରତ୍ୟେକ ଗୋଷ୍ଠୀରେ ଥାଆନ୍ତି ତେବେ ଜଣ ପିଛା ବର୍ଷକୁ ୧୧ ହଜାର ୫୦୦ ଟଙ୍କା ରୋଜଗାର ହୋଇଛି, ଏହା ମାସକୁ ୯୫୮ ଟଙ୍କା ଓ ଦିନକୁ ୩୨ ଟଙ୍କା ଆସୁଅଛି। ତେବେ ଦିନକୁ ମାତ୍ର ୩୨ ଟଙ୍କା ମିଶନ ଶକ୍ତି ମାଧମରେ ରୋଜଗାର କରିଥିବା ମହିଳାମାନେ କିପରି ଭାବରେ ସ୍ୱାବଲମ୍ବି ହୋଇପାରିବେ ତାର ଉତର ରାଜ୍ୟସରକାର ରଖିବେ କି?

ଠିକ୍ ସେହିଭଳି ଭାବରେ ଯଦି ଆର୍ଥିକ ବର୍ଷ ୨୦୨୦-୨୧ ରେ ମିଶନ ଶକ୍ତି ମାଧମରେ ହୋଇଥିବା ୨୧୭୨ କୋଟି ଟଙ୍କାର ବ୍ୟବସାୟକୁ ଯଦି ତର୍ଜମା କରାଯିବ ତେବେ ଏହାର ୨୦ ପ୍ରତିଶତ ଲାଭାଂଶ ବାବଦକୁ ୪୩୪ କୋଟି ୪୦ ଲକ୍ଷ ଟଙ୍କା ଆସିବ ଯେଉଁଥିରେ ୬୨ ହଜାର ୫୧୪ ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କ ସହଭାଗିତା ରହିଅଛି। ତେଣୁ ପ୍ରତ୍ୟେକ ଗୋଷ୍ଠୀ ପିଛା ବର୍ଷକୁ ୬୯ ହଜାର ୪୮ ଟଙ୍କା ରୋଜଗାର ହୋଇଛି। ହାରାହାରି ଯଦି ବାରଜଣ ସଭ୍ୟା ପ୍ରତ୍ୟେକ ଗୋଷ୍ଠୀରେ ଥାଆନ୍ତି ତେବେ ଜଣ ପିଛା ବର୍ଷକୁ ୫ ହଜାର ୭୯୧ ଟଙ୍କା ରୋଜଗାର ହୋଇଛି, ଏହା ମାସକୁ ୪୮୨ ଟଙ୍କା ଓ ଦିନକୁ ହାରାହାରି ୧୬ ଟଙ୍କା ଆସୁଅଛି। ଏ ସାମଗ୍ରିକ ଚିତ୍ର ମହିଳାଙ୍କୁ ସ୍ୱାବଲମ୍ବି କରିବା ଦିଗରେ ରାଜ୍ୟ ସରକାରଙ୍କର ଅପାରଗତା ଓ ବିଫଳତାକୁ ହିଁ ସୂଚାଉଛି। ପ୍ରତ୍ୟେକ ମହିଳା ତାଙ୍କ ଘରର ଜଣେ ଜଣେ ଅର୍ଥମନ୍ତ୍ରୀ ଓ ଘରର ଆର୍ଥିକ ପରିଚାଳନା ଦାୟିତ୍ୱ ସଂପୂର୍ଣ୍ଣ ଭାବରେ ତାଙ୍କ ଉପରେ ନ୍ୟସ୍ତଥାଏ। ସରକାରଙ୍କର ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟିକରିବାରେ ବିଫଳତା, ପ୍ରବାସୀ ଶ୍ରମିକଙ୍କର ଦକ୍ଷତା ମାପ କରିବାରେ ନିଷ୍କ୍ରିୟତା, ବିଗତ ବର୍ଷରେ ୨୦ କୋଟି ଶ୍ରମଦିବସ ସୃଷ୍ଟିକରିବାରେ ବିଫଳତା, ଆକାଶଛୁଆଁ ଦରଦାମ ବୃଦ୍ଧି ଆଦି ରାଜ୍ୟର ସାଧାରଣ ଜନତାଙ୍କର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏ ସମୟରେ ସରକାର ବିଜ୍ଞାପନ ଓ ଖବର ଶିରୋନାମା ପରିଚାଳନା ଛାଡ଼ି ବାସ୍ତବସ୍ଥିତିକୁ ହୃଦୟଙ୍ଗ କରନ୍ତୁ ଏବଂ ଓଡ଼ିଶାର ସାଧାରଣ ଜନତାଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ୱୀ ଓ ଆତ୍ମନିର୍ଭର କରିବା ପାଇଁ ସଠିକ ନିଷ୍ପତି ନେବାପାଇଁ ଶ୍ରୀ ଶତପଥି ପରାମର୍ଶ ଦେଇଛନ୍ତି।

# କରୋନା ମାଡ଼ରେ କ୍ଷତିଗ୍ରସ୍ତ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ବୁଣାକାର

ଭୁବନେଶ୍ୱର ,୨/୮ (ନି.ପ୍ର): କରୋନା ମାଡ଼ରେ ପ୍ରଭାବିତ ହୋଇଛନ୍ତି ରାଜ୍ୟର ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ବୁଣାକାର। ବୁଣା ହୋଇଛି; କିନ୍ତୁ ଅବିକ୍ରି ହୋଇ ପଡ଼ିଛି କୋଟିକୋଟି ଟଙ୍କାର ଶାଢ଼ି, ଡ୍ରେସ କପଡ଼ା, ଚାଦର, ଗାମୁଛା ସମେତ ବିଭିନ୍ନ ପ୍ରକାର ହସ୍ତତନ୍ତ ସାମଗ୍ରୀ। ଚାଷ ପରେ ରାଜ୍ୟର ଦ୍ୱିତୀୟ ବୃତ୍ତି ଭାବେ ସର୍ବାଧିକ ଲୋକଙ୍କୁ ରୋଜଗାର ଦେବା ସହିତ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ହସ୍ତତନ୍ତ ଆଜି ନିଜର ଅସ୍ତିତ୍ୱ ଖୋଜୁଛି। ବୁଣାକାରମାନେ ରୋଜଗାର ହରାଇ ଘୋର ଦୁର୍ଦ୍ଦିନରେ ଅଛନ୍ତି। ସେମାନଙ୍କ ପାଖକୁ ସରକାରୀ ସହାୟତାର ହାତ ପହଞ୍ଚି ପାରୁନଥିବା ଅଭିଯୋଗ ହେଲାଣି। ଏଭଳି ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲା ସ୍ତରରେ ଅବିକ୍ରି ହୋଇ ପଡ଼ିଥିବା ବୁଣାଲୁଗା କ୍ରୟ ପାଇଁ ଦାବି କରିଛି ବୁଣାକାର ମହାସଂଘ। ଗତବର୍ଷ ଲକ୍‌ଡାଉନ୍ ସମୟରେ ଓଟିଟି ପ୍ଲାଟଫର୍ମରେ ରିଲିଜ ହୋଇଥିବା 'ଶକୁନ୍ତଳା ଦେବୀ' ଚଳଚ୍ଚିତ୍ରରେ ବିଶିଷ୍ଟ ଅଭିନେତ୍ରୀ ବିଦ୍ୟା ବାଲନଙ୍କ ସମ୍ବଲପୁରୀ ଶାଢ଼ି ପିନ୍ଧିବା ଦୃଶ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କଠାରୁ ଆରମ୍ଭ କରି ଅନେକ ରାଜନେତ୍ରୀ, କଳାକାର, ମଡେଲମାନେ ସମ୍ବଲପୁରୀ, କଟକର ଖଣ୍ଡୁଆ ପାଟ, ଯାଜପୁରର ଟସର ସମେତ ରାଜ୍ୟର ବିଭିନ୍ନ ପ୍ରକାରର ହସ୍ତତନ୍ତ ବସ୍ତ୍ର ପିନ୍ଧିବାର ଅନେକ ନଜିର ରହିଛି। ଜାତୀୟସ୍ତରରେ ଉନ୍ନତମାନ ସହିତ ଫେସନରେ ମଧ ରାଜ୍ୟର ହସ୍ତତନ୍ତ ପଛରେ ପଡ଼ିନଥିବା ପ୍ରମାଣିତ କରିଛନ୍ତି। ବରଗଡ଼ ଜିଲ୍ଲାର ସ୍ୱର୍ଗତ କୁଞ୍ଜ ବିହାରୀ ମେହେର, ସୁବର୍ଣ୍ଣପୁର ଜିଲ୍ଲାର ଚତୁର୍ଭୁଜ ମେହେର, କୋରାପୁଟ ଜିଲ୍ଲାର ଗୋବର୍ଦ୍ଧନ ପାଣିକା ଭଳି ଅନେକ ବୁଣାକାର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଆଜି ସେହି ପ୍ରସିଦ୍ଧ ବୁଣାକାରମାନଙ୍କ ଦାୟାଦମାନେ ଦୁର୍ଦ୍ଦିନରେ ଅଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟରେ ସମୁଦାୟ ୧ ଲକ୍ଷ ୪୦ ହଜାର ପଞ୍ଜୀକୃତ ବୁଣାକାର ଅଛନ୍ତି। ଏମାନଙ୍କ ମଧରେ ଅଛନ୍ତି ସବୁ ବର୍ଗର ବୁଣାକାର। କମ୍ ମୂଲ୍ୟ ସହିତ ଷ୍ଟାଇଲିଷ୍ଟ ପୋଷାକ ଭେଟି ଦେଇ ଯାହାର ଯେମିତି ଆବଶ୍ୟକତା ତାହା ପୂରଣ କରନ୍ତି। ସ୍ଥାନୀୟ ଆବଶ୍ୟକତା ପୂରଣ ସହିତ ଏସବୁ ବସ୍ତ୍ର ରାଜ୍ୟ ବାହାରକୁ ପଠାଯାଏ। ବରଗଡ଼ ଓ



ସମ୍ବଲପୁରର ସମ୍ବଲପୁରୀ ଶାଢ଼ି, ଡ୍ରେସ୍, ଚାଦର, କୁର୍ତ୍ତି, ସୋନପୁରର ବମ୍‌କାଇ ସିଲ୍କ, କଟନ ବମ୍‌କାଇ, କଳାହାଣ୍ଡିର ୧୧ ହାତର ଶାଢ଼ି, କଟକ ଜିଲ୍ଲା ମାଣିଆବନ୍ଧର କଟନ ଶାଢ଼ି, ନୂଆଁପାଟଣାର ଖଣ୍ଡୁଆ ପାଟ(ଏହା ସ୍ୱତନ୍ତ୍ର ଭାବରେ ଜଗନ୍ନାଥଙ୍କ ନିକଟରେ ଲାଗି ହୁଏ), ଖଣ୍ଡୁଆ ସିଲ୍କ, ଗଞ୍ଜାମ ଜିଲ୍ଲା ପିତଳର ସିଙ୍ଗିଲ କଟନ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଲୁଙ୍ଗି, ଗାମୁଛା, ଚାଦର, କଟନ ଜୋଡ଼, ଜଗତସିଂହପୁରରେ ସିଙ୍ଗିଲ କାଉଣ୍ଟ ସୂତାରେ ବୁଟି ଶାଢ଼ି (ଯାହା ପଶ୍ଚିମବଙ୍ଗର ଟାଙ୍ଗାଇଲ ଡିଜାଇନ ଭାବରେ ସମସ୍ତେ ଜାଣନ୍ତି), କେନ୍ଦ୍ରାପଡ଼ାର ଶରୀର ବାନ୍ଧ ଶାଢ଼ି, ଯାଜପୁର ଜିଲ୍ଲା ଗୋପାଳପୁରର ହାତକଟା ଟସର (ଯେଉଁଥିରେ ଶାଢ଼ି, ଜୋଡ଼, ସାର୍ଟ ତିଆରି ହେଉଛି) ବାଲେଶ୍ୱରର ମାଙ୍କିଡ଼ିଆ କଟନ ଚାଦର, ଗାମୁଛା, ଲୁଙ୍ଗି, କେନ୍ଦୁଝର ଜିଲ୍ଲାର ଫକୀରପୁରର ହାତକଟା ଟସର, ମୟୂରଭଞ୍ଜର ଟସର, ଆଦିବାସୀ ଶାଢ଼ି, ଗାମୁଛା, କୋରାପୁଟର କୋଟପାଡ଼ର ପ୍ରାକୃତିକ ପୋଷାକ ଯଥା ଶାଢ଼ି, ଗାମୁଛା, ଷ୍ଟ୍ରଲ୍ ଆଦିର ଆଦର ସାରା ରାଜ୍ୟ ସମେତ ରାଜ୍ୟ ବାହାରେ ବି ରହିଛି। କୋଟପାଡ଼ର ବୁଣାକାରମାନେ ଆଜି ବି ନିର୍ଦ୍ଦିଷ୍ଟ ଗଛର ଚେରରୁ ରଙ୍ଗ ତିଆରି କରନ୍ତି। ୪୧୧ଟି ସମବାୟ ସମିତି ଜରିଆରେ ଏମାନଙ୍କ ବୁଣା ଲୁଗା କ୍ରୟ କରି ବିକ୍ରି ବ୍ୟବସ୍ଥା କରନ୍ତି ସରକାର।

# ସୀମା ବିବାଦ ମାମଲାରେ ସ୍ୱରାଷ୍ଟ୍ରମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨/୮ (ନି.ପ୍ର): ଓଡ଼ିଶାର ସୀମା, ଜଳ, ଜମି ଓ ଜଙ୍ଗଲକୁ ନେଇ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହିତ ଦୀର୍ଘଦିନ ଧରି ସୀମା ବିବାଦ ଲାଗି ରହିଛି। କିନ୍ତୁ ଗତ ସପ୍ତାହରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆସାମ-ମିଜୋରାମ ସୀମା ବିବାଦ ପରିପ୍ରେକ୍ଷୀରେ ଦେଇଥିବା ବିବୃତିରେ ଓଡ଼ିଶା ସହିତ ପଡ଼ୋଶୀ ରାଜ୍ୟର ସୀମା ବିବାଦକୁ ସ୍ଥାନିତ ନ କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ରାଜ୍ୟର ସାଂସଦମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଏହା କେବଳ ଦୁଃଖଦାୟକ ନୁହେଁ, କେନ୍ଦ୍ରୀୟ ଅବହେଳାର ଅନ୍ୟ ଏକ ନମୂନା ଏବଂ ଓଡ଼ିଶାର ସ୍ୱାର୍ଥ ପ୍ରତି ଅଣଦେଖା। ମାନ୍ୟବର ସାଂସଦମାନେ ବିଜେଡ଼ି, ବିଜେପି ଓ କଂଗ୍ରେସ ଦଳର ମତବାଦର ଉର୍ଦ୍ଧ୍ୱକୁ ଉଠି ଏହି ସୀମା ବିବାଦ ଉପରେ ଏକତ୍ରିତ ହୋଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଏହାର ସମାଧାନ ପାଇଁ ତାଙ୍କ ହସ୍ତକ୍ଷେପ ଲୋଡ଼ିବାକୁ ଶ୍ରୀ ବେହେରା ଦାବି କରିଛନ୍ତି। ରାଜ୍ୟ ରାଜ୍ୟ ଭିତରେ ଦେଖା ଦେଉଥିବା ଜଳ, ଜମି ଓ ଜଙ୍ଗଲକୁ ନେଇ ଦୀର୍ଘଦିନର ବିବାଦର ସମାଧାନ ଦାୟିତ୍ୱ ହେଉଛି କେନ୍ଦ୍ର ସରକାରଙ୍କର। କିନ୍ତୁ ଓଡ଼ିଶାର ଏହି ସୀମା ବିବାଦ ଉପରେ କେନ୍ଦ୍ର ଗୁରୁତ୍ୱ ନଦେବା ଓଡ଼ିଶାବାସୀଙ୍କ ସ୍ୱାଭିମାନ ପ୍ରତି ଏକ ଶକ୍ତ ଆଘାତ। ଆନ୍ଧ୍ର ସରକାର ଓଡ଼ିଶାରେ ଜବରଦସ୍ତ ପଶି ନିର୍ବାଚନ କରିବା ଏବଂ ଏହାକୁ ନେଇ ଓଡ଼ିଶା ସରକାର ଆନ୍ଧ୍ର ବିରୁଦ୍ଧରେ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମୋକଦ୍ଦମା ରୁଜୁ କରିବା ସତ୍ତ୍ୱେ ମଧ କେନ୍ଦ୍ର ଏହି ପ୍ରସଙ୍ଗକୁ ଏଡ଼ାଇଯିବା ଓଡ଼ିଶା ପ୍ରତି ଚରମ ଆଘାତ। ସେହିଭଳି ପଶ୍ଚିମବଙ୍ଗ ଓଡ଼ିଶାର ବେଳାଭୂମିକୁ ଦଖଲ କରିବା ଏବଂ ଓଡ଼ିଶାର ନଈରୁ ଜବରଦସ୍ତ ବାଲି ଉଠାଇବା, ଝାଡ଼ଖଣ୍ଡ ମୟୂରଭଞ୍ଜ ଭିତରକୁ ପଶିଆସି ଖଣି ଖନନ କରିବା ଏବଂ ଛତିଶଗଡ଼ ମହାନଦୀର ଉପର ମୁଣ୍ଡରେ ଓଡ଼ିଶାର ବିନା ଅନୁମୋଦନରେ ଆଡ଼ିବନ୍ଧ ନିର୍ମାଣ କରି ପାଣି ଅଟକାଇବା, ନୂଆପଡ଼ା ଜିଲ୍ଲା ଭିତରକୁ ପଶିଆସି ଜବରଦଖଲ କରି ରାଜସ୍ୱ ଆଦାୟ କରିବା ଓଡ଼ିଶା ପାଇଁ ଗୋଟିଏ ଗୋଟିଏ ଆହ୍ୱାନ। କେନ୍ଦ୍ର ସରକାର ଯଦି ତୁରନ୍ତ ଏ ଦିଗରେ ହସ୍ତକ୍ଷେପ ନକରନ୍ତି, ତାହେଲେ ଓଡ଼ିଶାବାସୀଙ୍କର ତାଙ୍କ ପଡ଼ୋଶୀ ସହିତ ଥିବା ସଦ୍‌ଭାବନା, ଭାଇଚାରା ଓ ସୁସମ୍ପର୍କ ବ୍ୟାହତ ହୋଇ ତାହା ଯେ ଦିନେ ଆସାମ-ମିଜୋରାମ ଭଳି ସୀମା ସଂଘର୍ଷର ରୂପ ନନେବ ଏହାକୁ ଏଡ଼ାଇ ଦିଆଯାଇ ନପାରେ। ତେଣୁ ରାଜ୍ୟର ବୃହତର ସ୍ୱାର୍ଥ ଦୃଷ୍ଟିରୁ ସାଂସଦମାନେ ଦଳମତ ଉର୍ଦ୍ଧ୍ୱକୁ ଉଠି ଚଳିତ ପାର୍ଲାମେଂଟ ସମୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଏ ଦିଗରେ ତାଙ୍କ ହସ୍ତକ୍ଷେପ ଲୋଡ଼ିବାକୁ ଶ୍ରୀ ବେହେରା ଦାବି କରିଛନ୍ତି।

# ପୌର ନିର୍ବାଚନ ନହେବା କାରଣରୁ ସହରାଂଚଳର ବିକାଶ ବାଧାପ୍ରାପ୍ତ : କେ.ଭି ସିଂହଦେଓ

ଭୁବନେଶ୍ୱର,୨/୮ (ନି.ପ୍ର): ଦୀର୍ଘ ୩ ବର୍ଷ ଧରି ନିର୍ବାଚନ ହୋଇନଥିବା କାରଣରୁ ରାଜ୍ୟରେ ଏନଏସି ଓ ପୌରାଂଚଳ ମାନଙ୍କରେ ଜନ ପ୍ରତିନିଧି ନାହାଁନ୍ତି। ଏବେ ସମସ୍ତ କାର୍ଯ୍ୟ ସରକାରୀ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହା ଦ୍ୱାରା ସହରାଂଚଳରେ ବସବାସ କରୁଥିବା ନାଗରିକମାନେ ଅନେକ ସରକାରୀ ସୁବିଧାରୁ ବଂଚିତ ରହୁଛନ୍ତି। ଆଗାମୀ ଦିନରେ ପୌରାଂଚଳ ବସବାସ କରୁଥିବା ଲୋକଙ୍କ ସମସ୍ୟାକୁ ଉଠାଇବା ସହ ତୃଣମୂଳସ୍ତରରେ ବିଜେପିର ସଙ୍ଗଠନକୁ ମଜବୁତ୍ କରିବା ପାଇଁ ରବିବାର ରାଜ୍ୟ କାର୍ଯ୍ୟାଳୟରେ ପୌରାଂଚଳ କମିଟି ବୈଠକରେ ଆଲୋଚନା ହୋଇଥିଲା। ପୌରସଂସ୍ଥାର କାର୍ଯ୍ୟଭାର ସରକାରୀ ବାବୁ ମାନେ ଏବେ ସମ୍ଭାଳୁଛନ୍ତି। ଲୋକଙ୍କ ସମସ୍ୟା ଶୁଣିବା ପାଇଁ ଜନ ପ୍ରତିନିଧୀମାନେ ନିର୍ବାଚନ ଲଢ଼ିଥାନ୍ତି। କିନ୍ତୁ ଜନପ୍ରତିନିଧୀ ନଥିବା କାରଣରୁ ଅନେକ ସରକାରୀ ଯୋଜନା ସାଧାରଣ ଜନତାଙ୍କ ପାଖରେ ପହଂଚି ପାରୁନାହିଁ। ମ୍ୟୁନିସିପାଲିଟି ମାନଙ୍କରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀଙ୍କୁ ଅଣଦେଖା କରାହେଉଛି। କେନ୍ଦ୍ର ସରକାରଙ୍କ ଅନୁଦାନକ୍ରମେ ସହରାଂଚଳରେ ମିଳୁଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ଦଳୀୟ ଭିତିରେ ବଂଟନ କରି ବ୍ୟାପକ ଘୋଟାଲା କରୁଛନ୍ତି। ପଂଚଦଶ ଅର୍ଥ କମିଶନ ଅନୁଯାୟୀ ସହରାଂଚଳ ଓ ଗ୍ରାମଂଚଳର ବିକାଶ ପାଇଁ କେନ୍ଦ୍ରରୁ ବ୍ୟାପକ ଅର୍ଥ ଆସୁଛି। ପୌରାଂଚଳ ନିର୍ବାଚନ ହେଉନଥିବାରୁ ବିକାଶମୂଳକ କାର୍ଯ୍ୟ ପାଇଁ ଆସୁଥିବା କେନ୍ଦ୍ରୀୟ ଅର୍ଥକୁ ସରକାରୀ ଅଧିକାରୀମାନେ ହଡପ କରୁଛନ୍ତି। ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି ଲୋକଙ୍କ ସମସ୍ୟାରେ ଭାଗିଦାରୀ ହେବା ପାଇଁ ଶ୍ରୀ ମହାନ୍ତି ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ମୋଦି ସରକାର ବୁଲା ବିକାଳୀ, ଗରିବ, ଭିକାରୀ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ପଠାଇଥିବା ଅନୁଦାନକୁ ରାଜ୍ୟ ସରକାର ହଡପ କରିଛନ୍ତି। ଐତିହାସିକ ସ୍ୱଚ୍ଛତା ମିଶନରେ କେନ୍ଦ୍ର ସରକାର ସହରାଂଚଳକୁ ପଠାଇଥିବା ପାଇଖାନା ଆବଂଟନରେ ବ୍ୟାପକ ଅନିୟମିତତା ହୋଇଛି। ରାଜ୍ୟ ସରକାର ସହରାଂଚଳରେ କୌଣସି ବିକାଶ ମୂଳକ କାର୍ଯ୍ୟ ନକରି ପ୍ରତିବର୍ଷ ମନଇଚ୍ଛା ହୋଲଡିଙ୍ଗ ଟ୍ୟାକ୍ସ ବୃଦ୍ଧି କରି ସହରାଂଚଳ ବାସିନ୍ଦାଙ୍କୁ ଶୋଷଣ କରୁଛନ୍ତି। ଆଗାମୀ ଦିନରେ ଏହାକୁ ବିରୋଧ କରାଯିବ। ପୌର ନିର୍ବାଚନ ଶୀଘ୍ର କରାଇବା ନେଇ ରାଜ୍ୟପାଳଙ୍କୁ ଭେଟିବ ବିଜେପି। ଅତୀତ ନିର୍ବାଚନରୁ ଜଣାପଡିଛି ଯେ, ବିଜେଡି ସହ କଂଗ୍ରେସ ମିଶିଯାଇଛି। ଆଗାମୀ ପୌର ନିର୍ବାଚନ ବିଜେଡି ଓ ବିଜେପି ମଧରେ ହେବ। ଗୋଟିଏ ଦିନରେ ରାଜ୍ୟର ସମସ୍ତ ସ୍ଥାନରେ ପୌର ନିର୍ବାଚନ କରାଯାଉ ବୋଲି ଶ୍ରୀ ସିଂହଦେଓ ଦାବି କରିଛନ୍ତି।

ପ୍ରତିକୂଳ ପରିସ୍ଥିତିରେ ପୌର ନିର୍ବାଚନ ଆମ ସମସ୍ତଙ୍କ ପାଇଁ ଏକ ବଡ ଆହ୍ୱାନ। ପୌର ନିର୍ବାଚନ ପାଇଁ ସ୍ଥାନୀୟ ନେତୃବୃନ୍ଦ ଆଗକୁ ଆସି ବିଭିନ୍ନ ଦାୟିତ୍ୱ ନେଇ କାର୍ଯ୍ୟ କରିବେ। ୱାର୍ଡକୁ ୱାର୍ଡ ବୁଲି ପଦଯାତ୍ରା କରି ଲୋକଙ୍କ ସହ ଯୋଡି ହେବା ଓ ସେବା ହିଁ ସଙ୍ଗଠନକୁ ଆଧାର କରି ଲୋକଙ୍କ ପାଖରେ ପହଂଚି ସେମାନଙ୍କ ସମସ୍ୟାକୁ ଉଠାଇବା ପାଇଁ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ଆହ୍ୱାନ ଦେଇଛନ୍ତି। ସମ୍ଭାବନାକୁ ସୁଯୋଗରେ ପରିଣତ କରି ସକାରତ୍ମକ ଭାବେ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ଶ୍ରୀମତୀ ଷଡଙ୍ଗୀ ଆହ୍ୱାନ ଦେଇଛନ୍ତି। ଦଳୀୟ ସଂଗଠନକୁ ଆହୁରି ଅଧିକ ସୁଦୃଢ଼ କରିବା ସହ ଶାସକ ଦଳର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ପ୍ରତିବାଦ କରାଯିବ ବୋଲି ବିଜେପି ନେତୃବୃନ୍ଦ ଆଲୋଚନା



କରିଥିଲେ। ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ପୌରାଂଚଳ କମିଟିର ରାଜ୍ୟ ସଂଯୋଜକ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ନୟନ କିଶୋର ମହାନ୍ତି, ବିନୋଦ ଦାଶ, ଜୀବନ ପ୍ରଦୀପ ଦାସ, ପ୍ରକାଶ ବେହେରା, ଦିଲୀପ ମହାନ୍ତି, ନିହାର ରାୟ,ସୁନୀଲ ଶର୍ମା, ଉର୍ମିଳା ମହାପାତ୍ର, ତିରୁପତି ନାୟକ, ଜଗନ୍ନାଥ ପ୍ରଧାନ, ସୀମାଂଚଳ ଖଟେଇ, ଦିଲୀପ ମିଶ୍ରଙ୍କ ସହ ସଂପୂର୍ଣ୍ଣ ରାଜ୍ୟ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

# ଅନ୍ତଃରାଜ୍ୟ ବସ୍ ଚଳାଚଳ ପାଇଁ ଅନୁମତି ଦେବାକୁ ବସ୍ ମାଲିକ ସଂଘର ଦାବି

ଭୁବନେଶ୍ୱର,୨/୮ (ନି.ପ୍ର): ଅନ୍ତଃରାଜ୍ୟ ଟ୍ରେନ୍ ଚଳାଚଳକୁ ଅନୁମତି ମିଳୁଛି। କିନ୍ତୁ ବସ୍ ବେଳକୁ ରାଜ୍ୟ ସରକାର ଶୁଣୁନାହାନ୍ତି। ଛତିଶଗଡ଼, ଝାଡ଼ଖଣ୍ଡ ଭଳି ରାଜ୍ୟରେ ଏବେ କରୋନା ସଂକ୍ରମଣ ନିୟନ୍ତ୍ରଣରେ ଥିଲେ ମଧ ଓଡ଼ିଶାରୁ ଏହିସବୁ ରାଜ୍ୟକୁ ବସ୍ ଚଳାଚଳ ଦାବିକୁ ମଧ ବିଚାରକୁ ନିଆଯାଉନି। ଏପରିକି ଗତ ୧୭ତାରିଖ ଲୋକସେବା ଭବନରେ ବସ୍ ଚଳାଚଳକୁ ନେଇ ହୋଇଥିବା ଆଲୋଚନାବେଳେ ଯେଉଁ ଦଶ ଦଫା ଦାବିପତ୍ର ଦିଆଯାଇଥିଲା, ପ୍ରତିଶ୍ରୁତି ସତ୍ତ୍ୱେ ଏ ଯାଏ କିଛି ପଦକ୍ଷେପ ନେଇ ନାହାନ୍ତି ରାଜ୍ୟ ସରକାର। ଏଭଳି ଏକାଧିକ ଦାବି ନେଇ ଶୁକ୍ରବାର ରାଜ୍ୟ ବସ୍ ମାଲିକ ସଂଘ ପରିବହନ ବିଭାଗ ପ୍ରମୁଖ ସଚିବଙ୍କୁ ଚିଠି ଲେଖିବା ସହିତ ଦାବି ପୂରଣ କରିବାକୁ ଅନୁରୋଧ କରିଛି।

# କୋଭେଣ୍ଟିଆନ୍ ତରଫରୁ ମିନତୀ ମିଶ୍ରଙ୍କ ସମବେଦନା ସଭା ପାଳିତ

ଭୁବନେଶ୍ୱର,୨/୮ (ନି.ପ୍ର): କୋଭେଣ୍ଟ ଗାର୍ଡେନ୍ ଡୁପ୍ଲେକ୍ସ ହାଉସିଂ ପ୍ରକଳ୍ପର ପ୍ରମୋଟର ତଥା ଶିଳ୍ପପତି ଶ୍ରୀ ମହିମାନନ୍ଦ ମିଶ୍ରଙ୍କ ପତ୍ନୀ ସ୍ୱର୍ଗତ ମିନତୀ ମିଶ୍ରଙ୍କ ସ୍ମୃତିରେ କଟକ କୋଭେଣ୍ଟ ଗାର୍ଡେନ୍, ଫୁଲନାଖରା, କଟକ ଠାରେ ଏକ ସମବେଦନା ଏକାଦସାହ ଅବସରରେ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। 'ମୀନାତି ମିଶ୍ରଙ୍କ ଦୁଖଦଃ ଦେହାନ୍ତରେ ଆମେ କୋଭେଣ୍ଟିଆନ୍ମାନେ ଆମର ହୃଦୟରୁ ସମବେଦନା ଜଣାଇଛନ୍ତି ଏବଂ ଅପୂରଣୀୟ କ୍ଷତି ସହିଥିବା ଶୋକସନ୍ତପ୍ତ ପରିବାରକୁ ଶକ୍ତି ପ୍ରଦାନ କରିବାକୁ ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଛନ୍ତି। ବିଦାୟ ପ୍ରାପ୍ତ ଆତ୍ମା ଶାନ୍ତିରେ ବିଶ୍ରାମ କରନ୍ତୁ ବୋଲି କୋଭେଣ୍ଟ ଗାର୍ଡେନ୍ ଡୁପ୍ଲେକ୍ସ ମାଲିକ ସଂଘର ବିଶିଷ୍ଟ ଉଦ୍ୟୋଗୀ ତଥା ସଚିବ ମାନଗୋବିନ୍ଦ ମିଶ୍ର କହିଛନ୍ତି। ବଜାଜ ପାୱାରର ସିଇଓ ଆଦିତ୍ୟ ମିଶ୍ର, ବରିଷ୍ଠ ସାମ୍ବାଦିକ ଭକ୍ତ ତ୍ରିପାଠୀ, ଉଦ୍ୟୋଗୀ ତନ୍ମୟ ମିଶ୍ର, ସଞ୍ଜୀବ ଜିନୋଡିଆ, ନୀତୀଶ ବେହେରା, ସଚ୍ଚିଦାନନ୍ଦ ମିଶ୍ର, ଅର୍ଥ ପରାମର୍ଶଦାତା ଗୁରୁ ଚରଣ ରାଉତ, ବ୍ୟାଙ୍କର୍ସ ପ୍ରସନ୍ନ ରଥ, ବିବେକାନନ୍ଦ ଚୌଧୁରୀ, ସଞ୍ଜୟ ସ୍ୱାଇଁ ଏବଂ ଅନ୍ୟାନ୍ୟ କୋଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ସ୍ୱର୍ଗତ ମିନତୀ ମିଶ୍ରଙ୍କ ସମ୍ମାନାର୍ଥେ CGDOA ତରଫରୁ ଅଗଷ୍ଟ ୧, ୨୦୨୧ ରବିବାର ସକାଳେ କୋଭେଣ୍ଟ ଗାର୍ଡେନର କେନ୍ଦ୍ରୀୟ ପାର୍କରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଓଡିଶାରେ ଚାଷୀମାନେ ସମସ୍ୟାରେ ଅଛନ୍ତି : ନିରଞ୍ଜନ



ଭୁବନେଶ୍ୱର,୨/୮ (ନି.ପ୍ର): ଦୀର୍ଘ ବର୍ଷ ଧରି ରାଜ୍ୟ ଶାସନ ଦାୟିତ୍ୱରେ ଥିବା ବିଜେଡି ସରକାର, ଦଳର ନେତା ଓ କର୍ମୀମାନେ କୃଷି ଏବଂ କୃଷକର ବିକାଶକୁ ପ୍ରାଧାନ୍ୟ ଦିଆଯାଉଥିବା କହିଚାଲିଛନ୍ତି। ତେବେ ବାସ୍ତବ କ୍ଷେତ୍ରରେ ରାଜ୍ୟର ଚାଷୀକୂଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଜନୈତିକ ଚକ୍ରବ୍ୟୁହ ଭିତରେ ତଳିତଳାନ୍ତ ହେବାରେ ଲାଗିଛନ୍ତି। ରାଜ୍ୟ ସରକାର ଏପର୍ଯ୍ୟନ୍ତ ଦୁର୍ଦ୍ଦିନରେ ଥିବା ଭାଗଚାଷୀଙ୍କ ସମସ୍ୟାର ସମାଧାନ କରିପାରିନାହାନ୍ତି। ଏଥିରୁ ପ୍ରକୃତ ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା କେତେ ତାହା ବୁଝାପଡେ। ଚାଷୀଙ୍କ ଆୟ ବହୁଗୁଣିତ ହୋଇଥିବା ଯାହା କୁହାଯାଉଛି ତାହା କେବଳ ସରକାରୀ ନଥିପତ୍ରର ପରିସଂଖ୍ୟାନ ବୋଲି କୁହାଯାଇପାରେ। କୃଷି କାର୍ଯ୍ୟରେ ନିୟୋଜିତ ଚାଷୀର ସମସ୍ୟା ସମାଧାନ ଦିଗରେ ମଧ ସରକାର ସେଭଳି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ଜଳସେଚନ ହେଉ କି ସାର, ବିହନ ଓ କୀଟନାଶକ ଯୋଗାଣ ହେଉ ସବୁଥିରେ ସରକାରୀ ଅର୍ଥ ତୋଷର ପାତ ଚାଷୀର ଦୁଃଖ ଲାଘବ କରିବାରେ ଅନ୍ତରାୟ ହୋଇପଡିଛି ବୋଲି ଆଜି ଏକ ପ୍ରେସବିଜ୍ଞପ୍ତିରେ ଆଜି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଅତି କ୍ଷୋଭର ସହିତ କହିଛନ୍ତି। ସରକାରୀ ଅଫିସର ଓ ରାଜନେତାମାନଙ୍କ ଅସାଧୁ ମେଂଟ ଚାଷୀଙ୍କୁ ଦୁର୍ଦ୍ଦଶା ଭିତରକୁ ଠେଲିଦେଇଛି। କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ସହ ରାଜ୍ୟ ସରକାରଙ୍କ ସୁସମ୍ପର୍କ ସମସ୍ତେ ଜାଣନ୍ତି। ଉଭୟଙ୍କ ଜାଣତରେ ସରକାରୀ ଯୋଜନା ଅର୍ଥ ବିପୁଳ ପରିମାଣରେ ବାଟମାରଣା ହେଉଥିବା ଅଭିଯୋଗ ହେବାରେ ଲାଗିଛି। ଚଳିତ ଖରିଫ୍ ଚାଷ ପାଇଁ ସାର ଆବଂଟନ ବ୍ୟବସ୍ଥାରେ କେନ୍ଦ୍ରସରକାର ଯେଉଁ ପରିମାଣର ସାର ଯୋଗାଣ ପ୍ରସ୍ତାବ ଦେଇଥିଲେ ତାହା ଆବଶ୍ୟକତା ଠାରୁ କମ ଥିଲେ ମଧ ରାଜ୍ୟ ସରକାର ରାଜି ହୋଇଥିଲେ। ଏବେ ଖରିଫ୍ ଚାଷ ସମୟରେ କେନ୍ଦ୍ର ସରକାର ତିନିମାସ ହେଲା ଆବଶ୍ୟକ ପରିମାଣର ସାର ଦେଉନଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଚଳିତ ଖରିଫରେ ରାଜ୍ୟ ପାଇଁ ଆବଂଟିତ ୨ ଲକ୍ଷ ୩୧ ହଜାର ୩୫୦ ମେଟ୍ରିକ ଟନ ୟୁରିଆ ବଦଳରେ ୧,୪୫,୧୪୫ ମେଟ୍ରିକ ଟନ ମିଳିଛି। ୨,୧୦,୦୦୦ ମେଟ୍ରିକ ଟନ ୟୁରିଆ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ଦେଇଥିବା ଯୋଗାଣ ପ୍ରସ୍ତାବରେ ରାଜ୍ୟ ରାଜି ହୋଇଥିଲା। ସେତିକି ମିଳିପାରିନାହିଁ। ସେହିପରି ୧,୫୨,୦୦୦ ମେଟ୍ରିକ ଟନ୍ ଡିଏପି ଜାଗାରେ ୯୭,୭୬୩ ମେଟ୍ରିକ ଟନ୍ ମିଳିଛି। ୧,୪୫,୦୦୦ ମେଟ୍ରିକ ଟନ୍ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର କହିଥିଲା। ସେହିପରି ୬୭,୨୦୦ ମେଟ୍ରିକ ଟନ୍ ଏମଓପି ସ୍ଥାନରେ ୪୨,୮୬୭ ମିଳିଛି। ଯୋଗାଣ ପ୍ରସ୍ତାବରେ ୬୦ ହଜାର ମେଟ୍ରିକ ଟନ୍ ଥିଲେ। ୧,୬୭,୪୦୦ ମେଟ୍ରିକ ଟନ୍ ଏନପିକେଏସ୍ ସ୍ଥାନରେ ୧,୦୫,୭୯୮ ମେଟ୍ରିକ ଟନ୍ ମିଳିଥିବା ବେଳେ ୧,୪୨,୦୦୦ ମେଟ୍ରିକ ଟନ୍ ଦବାକୁ କେନ୍ଦ୍ର ଯୋଗାଣ ପ୍ରସ୍ତାବ ଦେଇଥିଲା। ମୋଟାମୋଟି ଆବଂଟନରେ ୬୨ ପ୍ରତିଶତ ୟୁରିଆ ମିଳିଥିବା ବେଳେ ଅନ୍ୟ ସାର କ୍ଷେତ୍ରରେ ଏହା ୬୦ ପ୍ରତିଶତ ଓ ୭୪ ପ୍ରତିଶତ ରହିଛି। ଚାଷ କାର୍ଯ୍ୟରେ ଜୁଲାଇ ମଧ ଭାଗରୁ ସେପ୍ଟେମ୍ବର ମାସ ମଧରେ ଅଧିକ ୟୁରିଆ ବ୍ୟବହାର ହେଉଥିବା ବେଳେ ଜୁଲାଇ ଓ ଅଗଷ୍ଟ ଦୁଇମାସ ଅନ୍ୟ ସାର ଆବଶ୍ୟକ ପଡିଥାଏ। ଯଥା ସମୟରେ ସାର ନଆସିଲେ କୃଷି ଉତ୍ପାଦନ ଉପରେ ଏହାର ପ୍ରଭାବ ପଡିବ। ଏ ନେଇ ରାଜନୈତିକ ଯାତ୍ରା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖିଥିବା ବେଳେ ଦଳର ସାଂସଦମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସାର ଯୋଗାଇ ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ସାର କଳାବଜାର ହେଉଥିବା ଅଭିଯୋଗ ହେଲାଣି। ପ୍ରଦର୍ଶନ କ୍ଷେତ୍ର ପାଇଁ ଆବଶ୍ୟକ କୀଟନାଶକ ଯୋଗାଣ ନେଇ କୃଷି ଶିଳ୍ପ ନିଗମ ପ୍ରଥମ ଥର ପାଇଁ ଏବର୍ଷ ଅନଲାଇନ ଟେଣ୍ଡର କରିଥିଲା। କୀଟନାଶକ ଯୋଗାଣ କ୍ଷେତ୍ରରେ ଅତିମାତ୍ରାରେ ଅନିୟମିତତା ଯୋଗୁଁ ଏହାକୁ ବନ୍ଦ କରି ରଖାଯାଇଛି। ବଜାରରେ ୫ ଟଙ୍କା ମୂଲ୍ୟରେ ମିଳୁଥିବା 'ଲିଓର'କୁ ୯୫ ଟଙ୍କାରେ କିଣିବା ନେଇ ଆବେଦନକୁ ଗ୍ରହଣ କରାଯିବା ପରେ ବ୍ୟାପକ ଦୁର୍ନୀତିର ସମ୍ଭାବନା ସୃଷ୍ଟି ହୋଇଥିବାରୁ ଏହାକୁ କାର୍ଯ୍ୟକାରୀ କରାଯାଇପାରିନି। କୃଷି ଶିଳ୍ପ ନିଗମ ଗତ ୫ ବର୍ଷରେ ଯେତେ କୃଷି ସାମଗ୍ରୀ କିଣି ଚାଷୀଙ୍କୁ ଯୋଗାଇଛି ସେସବୁ ଉପରେ ଯୋଗାଣକାରୀ ସଂସ୍ଥା ମନଇଚ୍ଛା ମୂଲ୍ୟ ନେଇଛନ୍ତି। ଏହାର ତଦନ୍ତ ହେବା ଆବଶ୍ୟକ। କୃଷି ନିର୍ଦ୍ଦେଶକ ପଦରେ ୬ ବର୍ଷ ଧରି ଜଣେ ଅଫିସର କାର୍ଯ୍ୟ କରିବା ପଛରେ କି ରହସ୍ୟ ରହିଛି ତାହା ସରକାର ସ୍ପଷ୍ଟ କରିବା ଉଚିତ। ଧାନ ସଂଗ୍ରହ ଠାରୁ ଆରମ୍ଭକରି ଚାଷୀଙ୍କ ଫସଲ ଋଣ, ସାର, ବିହନ, କୀଟନାଶକ ଓ କୃଷି ଯନ୍ତ୍ରପାତି ଯୋଗାଣ କ୍ଷେତ୍ରରେ ଅସାଧୁ ଅଫିସର ଓ ସଂପୃକ୍ତ ଶାସକ ଦଳର ରାଜନେତାଙ୍କ ସଂପୃକ୍ତି ଚାଷୀଙ୍କୁ ଅଣନିଃଶ୍ୱାସୀ କରିଛି।

# ଚାରି ମାସ ପରେ ଟିପିଆର୍ ୨%ତଳକୁ ଖସିଲା

ଭୁବନେଶ୍ୱର,୨/୮ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବାରୁ ରାଜ୍ୟ ସରକାର ଅନଲକ୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ସମୟରେ ଖୁସି ଖବର ଆସିଛି ଯେ, ଓଡ଼ିଶାର ଟିପିଆର୍ (ଟେଷ୍ଟ ପଜିଟିଭିଟି ରେଟ୍) ୨% ତଳକୁ ଖସିଛି। ପ୍ରାୟ ୪ମାସ ପରେ ରାଜ୍ୟରେ ଟିପିଆର୍ ୨% ତଳକୁ ଖସି ୧.୯୨%ରେ ପହଞ୍ଚିଛି। ଏପ୍ରିଲ ୩ରେ ରାଜ୍ୟର ଟିପିଆର୍ ୧.୬% ଥିବାବେଳେ ଏହା ପରେ ହୁ ହୁ ହୋଇ ବଢ଼ିଥିଲା। ଏପରିକି ମେ ମାସରେ ଟିପିଆର୍ ୨୫%କୁ ଛୁଇଁଥିଲା। ଟିପିଆର୍ ଦୀର୍ଘ ଦିନ ୨୦% ଉପରେ ରହିବା ପରେ ଏବେ ସ୍ଥିତି ପୂରା ନିୟନ୍ତ୍ରଣକୁ ଆସିଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ, ଜୁଲାଇ ୩୧ରେ ରାଜ୍ୟରେ ୭୪,୭୩୫ଟି ନମୁନା ପରୀକ୍ଷା ହୋଇଥିବାବେଳେ ୧୪୩୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧୭୭୩ଜଣ ସୁସ୍ଥ ହୋଇଥିବାବେଳେ ୬୪ଜଣଙ୍କର କରୋନା ମୃତ୍ୟୁ ହୋଇଛି। ରାଜ୍ୟର କରୋନା ସ୍ଥିତି ନିୟନ୍ତ୍ରଣକୁ ଆସିଥିବାବେଳେ ୨୯ଟି ଜିଲ୍ଲା ସବୁଜ ଜୋନ୍‌କୁ ଆସିଛି। କେବଳ ପୁରୀ ଜିଲ୍ଲା ହଳଦିଆ ଜୋନ୍‌ରେ ରହିଛି।

# ଓଡ଼ିଶା ସରକାର ବାଣିଜ୍ୟ ଶିକ୍ଷା ବିଦ୍ୟାଳୟସ୍ତରରେ ପ୍ରଚଳନ କରିବା ନିମନ୍ତେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ତରଫରୁ ୱେବିନାର




ବାରିପଦା,୦୨/୦୮ (ନି.ପ୍ର): ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନ ପାଇଁ ବିଦ୍ୟାଳୟସ୍ତରରେ ବାଣିଜ୍ୟ ଶିକ୍ଷା ପ୍ରଚଳନ ନିମନ୍ତେ ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ତରଫରୁ ୱେବିନାର ଆୟୋଜିତ ହୋଇଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ପୂର୍ବତନ ମୁଖ୍ୟ ଓ ପ୍ରଫେସର ଏବଂ ସର୍ବଭାରତୀୟ ଏକାଉଣ୍ଟିଂ ଏସୋସିଏସନର ସଭାପତି ଡକ୍ଟର ରଂଜନ କୁମାର ବଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କହିଥିଲେ ଯେ ସି.ବି.ଏସ.ଇ, ଆଇ.ସି.ଏସ.ଇ ଯେତେବେଳେ ନୂଆ ଶିକ୍ଷାନୀତି ଅନୁସାରେ ୨ଟି ବାଣିଜ୍ୟ ପେପର ପ୍ରଚଳନ କରିସାରିଛନ୍ତି । ତେଣୁ ରାଜ୍ୟ ସରକାର ଏବଂ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେସନ ତୁରନ୍ତ ଦୁଇଟି ବାଣିଜ୍ୟ ବିଷୟ ବସ୍ତୁ ପାଠ ଖସଡାରେ ଅନ୍ତର୍ଭୁକ୍ତ କରିବାକୁ ଦାବୀ କରିଛନ୍ତି । ଏହା ହୋଇପାରିଲେ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନେ ବ୍ୟବସାୟ ଓ ବାଣିଜ୍ୟ ବିଷୟରେ ଜ୍ଞାନ ଆହୋରଣ କରିବା ସହିତ ଆତ୍ମ ନିର୍ଭର ହୋଇପାରିବେ ଓ ନିଯୁକ୍ତି କ୍ଷେତ୍ରରେ ଅଧିକ ସୁବିଧା ସୁଯୋଗ ପାଇବେ । ଓଡ଼ିଶା ଉଚ୍ଚ ମାଧମିକ ଶିକ୍ଷା ପରିଷଦର ପୂର୍ବତନ ଉପ-ସଭାପତି ଡକ୍ଟର ଗିରିଜା ଶଙ୍କର ଆଚାର୍ଯ୍ୟ ମୁଖ୍ୟବକ୍ତାଭାବେ ଯୋଗ ଦେଇ ବିଦ୍ୟାଳୟ ସ୍ତରରେ ବାଣିଜ୍ୟ ଶିକ୍ଷାର ଆବଶ୍ୟକତା ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ ଏବଂ ବି.କମ୍ ଛାତ୍ରଛାତ୍ରୀଙ୍କ ପାଇଁ ବି.ଇଡି. ଶିକ୍ଷା ଓଡ଼ିଶା ଓ କେନ୍ଦ୍ର ସରକାର ତୁରନ୍ତ ପ୍ରଚଳନ କରିବାକୁ ମତ ପୋଷଣ କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏମ.ବି.ଏ ବିଭାଗର ଆସିଷ୍ଟେଣ୍ଟ ପ୍ରଫେସର ଡକ୍ଟର ସୀତାରାମ ଦାସ ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଆସିଷ୍ଟେଣ୍ଟ ପ୍ରଫେସର ଡକ୍ଟର ଅନାମ ଚରଣ ରାଉଳ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ବାଣିଜ୍ୟ ଶିକ୍ଷା ବିଦ୍ୟାଳୟ ସ୍ତରରେ ପ୍ରଚଳନ ଏକାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଭୁବନେଶ୍ୱରସ୍ଥିତ ଜି.ଏସ.ଟି. ଅଫିସର ସରିତା ବାରିକ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ପୂର୍ବତନ ମୁଖ୍ୟ ଡକ୍ଟର ପ୍ରଦୀପ କୁମାର ଉପାଧ୍ୟାୟ, ବିଶିଷ୍ଟ ସମାଜ ସେବୀ ସଂଜୀବ କୁମାର ଘୋଷ, ଅଧ୍ୟାପକ ସମରେନ୍ଦ୍ର ବସା, ଅଭିଜିତ ପାତ୍ର, ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧ୍ୟାପିକା ସାଗରୀକା ପଣ୍ଡା, ଅଙ୍କିତା ସାହୁ, ବିଜୟା ନାୟକ, ମୀରା ସେନାପତି ଆଲୋଚନାରେ ଅଂଶ ଗ୍ରହଣ କରି ବିଦ୍ୟାଳୟ ସ୍ତରରେ ବାଣିଜ୍ୟ ଶିକ୍ଷାର ପ୍ରଚଳନ ଉପରେ ଆଲୋକପାତ କରିଥିଲେ । ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ବାଣିଜ୍ୟ ବିଭାଗର ମୁଖ୍ୟ ସବିତାରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଆଲୋଚନାର ସବିଶେଷ ବିଷୟବସ୍ତୁ ଓ ମତାମତକୁ ନେଇ ଏକ ଦାବୀ ପତ୍ର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଓ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନର ସଭାପତିକୁ ଦାବୀ ପତ୍ର ପ୍ରଦାନ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କରୋନା ଭାଇରସ ଚାଇନିଜ୍ ....

ଏହା ଉଲ୍ଲେଖ କରାଯାଇଛି ଯେ ଯେଉଁ ଲ୍ୟାବରୁ ଏହା ଲିକ୍ ହୋଇଛି, ସେଠାରେ ସୁରକ୍ଷା ପ୍ରୋଟୋକଲ୍ ଠିକ୍ ନଥିଲା। ଉହାନ ଲ୍ୟାବରେ ଚାଇନାର ବୈଜ୍ଞାନିକମାନେ କରୋନା ଭାଇରସ ଦ୍ୱାରା ମଣିଷକୁ ସଂକ୍ରମିତ କରିବା ପାଇଁ ଏହାକୁ ବିକଶିତ କରିବା ଉପରେ କାର୍ଯ୍ୟ କରୁଥିଲେ ବୋଲି ରିପୋର୍ଟରେ କୁହାଯାଇଛି । ଉହାନ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ଉଭୟ ଆମେରିକା ଓ ଚାଇନା ସରକାର ଆର୍ଥିକ ସହାୟତା କରୁଥିଲେ। ଆମେରିକାର ଶୀର୍ଷ ସଂକ୍ରାମକ ରୋଗର ବିଶେଷଜ୍ଞ ଡା ଆନ୍ଥୋନୀ ଫସି ମଧ୍ୟ ଉହାନ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ହଜାର ହଜାର ଡଲାରର ପାଣ୍ଠି ଯୋଗାଇ ଦିଆଯାଇଥିବା ସ୍ୱୀକାର କରିଥିଲେ। ତେଣୁ ଏହି ଅର୍ଥରେ କରୋନା ଭାଇରସ ଉପରେ ପରୀକ୍ଷା କରାଯାଉଥିବା କୁହାଯାଉଛି। ଅନ୍ୟପକ୍ଷରେ ରିପବ୍ଲିକାନ୍ ପାର୍ଟିର ଏହି ରିପୋର୍ଟରେ କରାଯାଇଥିବା ଦାବି ଦେଶର ସୁରକ୍ଷା ଏଜେନ୍ସିର ତଦନ୍ତ ଠାରୁ ଭିନ୍ନ ଅଟେ। ବର୍ତ୍ତମାନ ସୁଦ୍ଧା ଆମେରିକାର ସୁରକ୍ଷା ଏଜେନ୍ସି କରୋନାର ଉତ୍ପତ୍ତି ବିଷୟରେ କୌଣସି ବିଧିବଦ୍ଧ ପ୍ରମାଣ ପାଇନାହିଁ। ମେ ମାସରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକୁ କୋଭିଡ -୧୯ର ଉତ୍ପତ୍ତି ବିଷୟରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ଟୋକିଓରେ ଇତିହାସ ରଚିଲା ଭାରତୀୟ....

ଅଧିନାୟକ ରାନି ରାମପାଲଙ୍କ ନେତୃତ୍ୱରେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି କଙ୍ଗାରୁ ଦଳକୁ ଧୂଳି ଚଟାଇ ଦେଇଛି ଭାରତ । ଆଉ ଏହି ବିଜୟ ଭାରତକୁ ଅଲିମ୍ପିକ୍ସର ସେମିଫାଇନାଲରେ ପହଂଚାଇ ଦେଇଛି । ଅଗଷ୍ଟ ୪ ତାରିଖ ସେମିରେ ଆର୍ଜେଂଟିନାକୁ ଭେଟିବ ଭାରତୀୟ ମହିଳା ହକି ଦଳ । ଟୋକିଓରେ ଟିମ୍ ଇଣ୍ଡିଆର ସଫଳତାର ଖୁସି, ଓଡ଼ିଶାର ସୁନ୍ଦରଗଡ଼ରେ ଦେଖିବାକୁ ମିଳିଛି । ଉପଅଧିନାୟକ ଦୀପଗ୍ରେସ୍ ଏକ୍କାଙ୍କ ପରିବାରରେ ଖେଳିଯାଇଛି ଖୁସିର ମାହୋଲ । ବାଲିଶଙ୍କରା ବ୍ଲକ ଲୁଲୁକିଡିହି ଗାଁରେ ଥିବା ଦୀପଗ୍ରେସ୍‌ଙ୍କ ସଫଳତା ନେଇ ଖୁସି ଜାହିର କରିଛନ୍ତି ବାପା-ମା' । ଇତିହାସର ପୁରୁଣା ପୃଷ୍ଠା କହୁଛି- ୧୯୮୦ ମସ୍କୋରେ ଅଲମ୍ପିକ୍ସ ପ୍ରଦାର୍ପଣ କରିଥିଲା ଭାରତୀୟ ମହିଳା ହକି ଦଳ । ଏହା ପରେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ବି ଅର୍ଜନ କରିପାରିନଥିଲା ।

### ବିଜେପିକୁ ନୀତୀଶ କୁମାରଙ୍କ ....

ପେଗାସସ୍ ରିପୋର୍ଟର ତଦନ୍ତ ହେବା ଦରକାର କି ବୋଲି ପ୍ରଶ୍ନ କରାଯିବାରୁ ସେ କହିଛନ୍ତି,"ହଁ ନିଶ୍ଚିତ ଘଟଣାର ତଦନ୍ତ ହେବା ଦରକାର। ଟେଲିଫୋନ ଟ୍ୟାପିଂକୁ ନେଇ ବେଶ କିଛି ଦିନ ହେଲା ଆଲୋଚନା ହେଉଛି। ଏହି ପ୍ରସଙ୍ଗ ସଂସଦରେ ଉଠିବା ସହ ଏକାଧିକ ମିଡିଆରେ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ତେଣୁ ଏହି ପ୍ରସଙ୍ଗରେ ଆଲୋଚନା ହେବା ସହ ଏହାର ତଦାରଖ କରାଯିବା ଉଚିତ। ପୂରା ଘଟଣାର ତଥ୍ୟ ବିସ୍ତୃତ ଭାବେ ସାର୍ବଜନୀନ ହେବା ଉଚିତ। ରିପୋର୍ଟକୁ ପରୀକ୍ଷା କରାଯିବା ସହ ଏଥିରେ ସାମିଲ ଥିବା ବ୍ୟକ୍ତିଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ଗୁରୁବାର ସୁପ୍ରିମକୋର୍ଟ ପେଗାସସ୍ ରିପୋର୍ଟର ତଦନ୍ତ ପାଇଁ ହୋଇଥିବା ଦାବି ସଂକ୍ରାନ୍ତ ଏକାଧିକ ଆବେଦନର ଶୁଣାଣି କରିବେ। ଆବେଦନକାରୀ ଘଟଣାର କୋର୍ଟ ତଦନ୍ତ ଦାବି କରିଛନ୍ତି।

### ଖୋଲିଲା ବିଶ୍ୱ ଐତିହ୍ୟ ....

ସୂର୍ଯ୍ୟମନ୍ଦିର ଖୋଲିବା ନିଷ୍ପତିକୁ କୋଣାର୍କ ଅଞ୍ଚଳବାସୀ ସ୍ୱାଗତ କରିଥିବା ବେଳେ ନିରବି ଯାଇଥିବା ପର୍ଯ୍ୟଟନ ଶିଳ୍ପ ପୁଣି ଥରେ ଚଳଚଂଚଳ ହେବ ଓ ଜୀବନ ଜୀବିକା ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ଅଗଷ୍ଟ ମାସ ପାଇଁ ଜାରି ଗାଇଡଲାଇନ୍ ଅନୁଯାୟୀ, ମଙ୍ଗଳବାରଠୁ ସମଲେଶ୍ୱରୀ ମନ୍ଦିର ଖୋଲିବ। ଏଥିସହ ଆସନ୍ତାକାଲିଠୁ ନନ୍ଦନକାନନ ଖୋଲିବାକୁ ମଧ୍ୟ ଆଲୋଚନା ହୋଇଛି। ଏହାବାଦ ଆସନ୍ତା ୫ ତାରିଖରେ ଭିତରକନିକା ଖୋଲିବ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ପୁରୀ,୦୨/୦୮ (ନି.ପ୍ର): ବିଶ୍ୱସ୍ତନ୍ୟପାନ ସପ୍ତାହ ଅବସରରେ ଜିଲ୍ଲାସଦର ମୁଖ୍ୟ ଚିକିତ୍ସାଳୟଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡ଼ିଏମ୍‌ଓ ଡ଼ାକ୍ତର ସୁଜାତା ମିଶ୍ର ଏହାକୁ ଉଦ୍‌ଘାଟନ କରି ସ୍ତନ୍ୟପାନକୁ ସୁରକ୍ଷିତ ରଖି ମା'ମାନେ ଦାୟିତ୍ୱବୋଧର ପରିଚୟ ଦେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ କୋଭିଡ଼ ଆକ୍ରାନ୍ତମା'ମାନେ କେତେକ ସତର୍କତା ମୂଳକ ପଦକ୍ଷେପ ନେଇ ଶୁଶୁମାନଙ୍କୁ ସ୍ତନ୍ୟପାନ କରାଇବା, ସ୍ତନ୍ୟପାନ କରାଇବା ପୂର୍ବରୁ ନିଜର ହାତକୁ ସାବୁନରେ ଭଲଭାବରେ ଧୋଇବା ଓ ମାସ୍କ ପରିଧାନ କରିବାକୁ ପରାମର୍ଶ ଦିଆଯାଇଥିଲା। ସ୍ତନ୍ୟପାନ କରାଉଥିବା ମା'ମାନେ ତୁରନ୍ତ ଟିକା ନେବା ଲାଗି ମଧ ସଚେତନ କରାଯାଇଥିଲା। ଡ଼କ୍ଟର ଦେବୀ ପ୍ରସାଦ ମହାପାତ୍ର ଓ ଡ଼ିପିଏମ୍ ଟିଏନ୍ ରାଓ ପ୍ରମୁଖ ଉପସ୍ଥିତଥିଲେ।

## ମିନତୀ ମିଶ୍ରଙ୍କ ସମବେଦନା ସଭା ପାଳିତ



ଭୁବନେଶ୍ୱର,୦୨/୦୮(ନି.ପ୍ର): କୋଭେଂଟ ଗାର୍ଡ଼େନ୍ ଡୁପ୍ଲେକ୍ସ ହାଉସିଂ ପ୍ରକଳ୍ପର ପ୍ରମୋଟର ତଥା ଶିଳ୍ପପତି ଶ୍ରୀ ମହିମାନନ୍ଦ ମିଶ୍ରଙ୍କ ପତ୍ନୀ ସ୍ୱର୍ଗତ ମିନତୀ ମିଶ୍ରଙ୍କ ସ୍ମୃତିରେ କଟକ କୋଭେଂଟ ଗାର୍ଡ଼େନ୍, ଫୁଲନଖରା, କଟକଠାରେ ଏକ ସମବେଦନା ଏକାଦଶାହ ଅଉବସରରେ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା । ମିନତୀ ମିଶ୍ରଙ୍କ ଦୁଃଖଦ ଦେହାନ୍ତରେ ଆମେ କୋଭେଂଟିଆନ୍ମାନେ ଆମର ହୃଦୟରୁ ସମବେଦନା ଜଣାଇଛନ୍ତି ଏବଂ ଅପୂରଣୀୟ କ୍ଷତି ସହିଥିବା ଶୋକସନ୍ତପ୍ତ ପରିବାରକୁ ଶକ୍ତି ପ୍ରଦାନ କରିବାକୁ ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଛନ୍ତି । ବିଦାୟ ପ୍ରାପ୍ତ ଆତ୍ମା ଶାନ୍ତିରେ ବିଶ୍ରାମ କରନ୍ତୁ ବୋଲି କୋଭେଂଟ ଗାର୍ଡ଼େନ୍ ଡୁପ୍ଲେକ୍ସ ମାଲିକ ସଂଘର ବିଶିଷ୍ଟ ଉଦ୍ୟୋଗୀ ତଥା ସଚିବ ମାନଗୋବିନ୍ଦ ମିଶ୍ର କହଛନ୍ତି । ବଜାଜ ପାୱାରର ସିଇଓ ଆଦିତ୍ୟ ମିଶ୍ର, ବରିଷ୍ଠ ହ୍ୱାଦିକ ଭକ୍ତ ତ୍ରିପାଠୀ, ଉଦଦ୍ୟୋଗୀ ତନ୍ମୟ ମିଶ୍ର, ସଂଜୀବ ଜିନୋଡିଆ, ନୀତିଶ ବେହେରା, ସଚ୍ଚିଦାନନ୍ଦ ମିଶ୍ର, ଅର୍ଥ ପରାମର୍ଶଦାତା ଗୁରୁ ଚରଣ ରାଉତ, ବ୍ୟାଙ୍କର୍ସ ପ୍ରସନ୍ନ ରଥ, ବିବେକାନନ୍ଦ ଚୌଧୁରୀ, ସଂଜୟ ସ୍ୱାଇଁ ଏବଂ ଅନ୍ୟାନ୍ୟ କୋଭେଂଟରେ ଅଂଶଗ୍ରହଣ କରିଥିଲେ । ସ୍ୱର୍ଗତ ମିନତୀ ମିଶ୍ରଙ୍କ ସମ୍ମାନାର୍ଥେ ତରଫରୁ ଅଗଷ୍ଟ ୧, ୨୦୨୧ ରବିବାର ସକେଳେ କୋଭେଂଟ ଗାର୍ଡେନର କେନ୍ଦ୍ରୀୟ ପାର୍କରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କୃତଜ୍ଞତା

ଭୁବନେଶ୍ୱର,୦୨/୦୮ (ନି.ପ୍ର): ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବଡ ଘୋଷଣା ସର୍ବଭାରତୀୟ କୋଟାରେ ଓ.ବି.ସି ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମେଡିକାଲ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ୨୭% ସଂରକ୍ଷଣ ଏବଂ ଆର୍ଥିକ ସ୍ତରରେ ଦୁର୍ବଳଙ୍କ ପାଇଁ ୧୦% ସଂରକ୍ଷଣ ବ୍ୟବସ୍ଥା ଚଳିତ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ ହେବ। ପଛୁଆବର୍ଗଙ୍କ ପାଇଁ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇଥିବା ହେତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗଞ୍ଜାମ, ଗୌଡ ସମାଜ ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ବିଜୟ କୁମାର ଗୌଡ, ସିମାଞ୍ଚଳ ଗୌଡ, ଯୁଧିଷ୍ଠର ଗୌଡ,କୃଷ୍ଣ ଗୌଡ, ଅଜୟ ଗୌଡ, ମାଧବ ଗୌଡ, ଶିବରାମ ଗୌଡ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି ।

## ରାଜ୍ୟରେ କରୋନାରେ ଆଉ ୬୭ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୨/୦୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୦୩୩ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୧୦ ଜଣ ଭୁବନେଶ୍ୱରର ରହିଛନ୍ତି । ସେହିପରି ସୁନ୍ଦରଗଡ ଜିଲ୍ଲାରେ ୧୧ ଜଣ, କଟକ ଜିଲ୍ଲାରେ ୧୦ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାରେ ୬ ଜଣ, ଢେଙ୍କାନାଳ ଜିଲ୍ଲାରେ ୫ ଜଣଙ୍କର ମୃତ୍ୟୁ ଘଟିଛି । ଗଂଜାମ ଓ ଜଗତସିଂହପୁର ଜିଲ୍ଲାରେ ୪-୪ ଜଣଙ୍କ ମୃତ୍ୟୁ ଘଟିଛି । ଅନୁଗୁଳ ଓ ଭଦ୍ରକ ଜିଲ୍ଲାରେ ୩-୩ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ବେଳେ ବାଲେଶ୍ୱର, ଝାରସୁଗୁଡା ଓ କେନ୍ଦ୍ରାପଡାରେ ୨ ଜଣ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି । ବରଗଡ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରୁ ଜଣେ ଲେଖାଏଁ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି ।

## ସମବାୟ ର ନୂତନ ପରିଚାଳକ ଙ୍କୁ ସମ୍ବର୍ଦ୍ଧନା



ବସ୍ତା,୦୨/୦୮ (ନି.ପ୍ର): ବସ୍ତା ରେ ସମୋବାର ବାଲେଶ୍ୱର ଭଦ୍ରଖ କେନ୍ଦ୍ର ସମବାୟ ବସ୍ତା ଶାଖା ରେ ନବ ନିଯୁକ୍ତ ପରିଚାଳକ ଚନ୍ଦ୍ରକାନ୍ତ ସାହୁଙ୍କୁ ସମ୍ପାଦକମାନେ ସମୋର୍ଦ୍ଧନା ଜ୍ଞାପନ କରିଛନ୍ତି । ବସ୍ତା ଶାଖାରେ ୧୧ଟି ସେବାସମବାୟ କେନ୍ଦ୍ରର ସଦସ୍ୟ ଯୋଗଦେଇ ଆଗାମି ଦିନରେ ବସ୍ତାଶାଖାର ସମସ୍ତ ସମବାୟ କେନ୍ଦ୍ରର ଉନ୍ନତି କାମନା କରିଥିଲେ । ପୂର୍ବରୁ ଏହି ଶାଖାରେ ପରିଚାଳକ ଭାବେ ଅରୁଣକୁମାର ମାଇତିଙ୍କୁ କାଳିପଦା ଶାଖାକୁ ବଦଳି କରାଯାଇଛି । ଏଠାରେ ଉଲେଖ ଯୋଗ୍ୟଯେ- ବସ୍ତା ଶାଖା ପରିଚିଳକ ଶ୍ରୀ ମାଇତି ସମସ୍ତ ସମ୍ପାଦକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ଆସୁଥିଲେ ବୋଲି ଆଜି ଶାଖା ସମ୍ମୁଖରେ ଧାରଣାବେ ବସିବେ ବୋଲି ସିଧ୍ୟାନ୍ତ ହୋଇଥିଲା ହେଲେ ଅଜି ନୂତନ ପରିଚାଳକ ଶ୍ରୀସାହୁ ନିଯୁକ୍ତି ହେବାପରେ ଧାରଣା ପ୍ରତ୍ୟାହୃତ ହୋଇଅଛି ।

## ବସ୍ତି ତାଲିକାଭୁକ୍ତ କରିବା ଦାବିରେ ସ୍ମାରକପତ୍ର

ପୁରୀ,୦୨/୦୮ (ନି.ପ୍ର): ସର୍ଭେରୁ ବାଦ ପଡ଼ିଥିବା ବିଜୁ ନଗର ବସ୍ତି, ମା'ତାରେଣୀ ବସ୍ତି ଓ ମା'ହରଚଣ୍ଡିବସ୍ତିର ବାସିନ୍ଦାମାନେ ସେମାନଙ୍କୁ ବସ୍ତିତାଲିକା ଭୁକ୍ତ କରିବା ଦାବିରେ ଜିଲ୍ଲାପାଳ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବସ୍ତି ସୁରକ୍ଷା ମଞ୍ଚର ସମ୍ପାଦକ ମା'ତାରେଣୀ ବସ୍ତି ଉନ୍ନୟନ କମିଟିର ସଭାପତି ବୈକୁଣ୍ଠ ନାୟକ,ଜୀବନ ଜ୍ୟୋତି ଜନମହାସଂଘର ସଭାପତି କ୍ରିଷ୍ଣା ରେଡ୍ଡୀ ପ୍ରମୁଖଙ୍କ ସ୍ୱାକ୍ଷରରେ ବିଜୁ ନଗର ବସ୍ତି, ମା'ତାରେଣୀ ବସ୍ତି ଓ ମା'ହରଚଣ୍ଡିବସ୍ତିର ବାସିନ୍ଦାମାନେ ପ୍ରଦାନ କରିଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତିଯେ, ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ ସମୟ ଧରି ସେମାନେ ଧୋବାଖାଲ ଅଞ୍ଚଳରେ ବସବାସ କରି ଆସୁଛନ୍ତି। ଗତ ୨୦୧୧-୧୨ଜନଗଣନା ସର୍ଭେ କାଗଜପତ୍ର,ଭୋଟର ପରିଚୟପତ୍ର, ଆଧାରକାର୍ଡ଼, ବିଦ୍ୟୁତ ବିଲ୍, ପାନୀୟ ଜଳ ବିଲ୍ ଓ ଖାଉଟି ପରିଚୟପତ୍ର ଉପରୋକ୍ତ ଠିକଣାରେ ରହିଛି। ରାଜ୍ୟସରକାରଙ୍କ ଉପରୋକ୍ତ ଦେୟ ଗୁଡ଼ିକ ମଧ ସେମାନେ ଯଥା ସମୟରେ ପୈଠ କରୁଛନ୍ତି। କିନ୍ତୁ ସହରର ବସ୍ତି ତାଲିକାରେ ସେମାନଙ୍କ ନାମ ଅର୍ନ୍ତଭୁକ୍ତ କରାଯାଇନାହିଁ। ଫଳରେ ସରକାରଙ୍କ ପକ୍ଷରୁ ସହରାଞ୍ଚଳରେ ଭୂମୀହୀନଙ୍କୁ ଯୋଗାଇ ଦିଆଯାଉଥିବା ଜମି ପଟ୍ଟା ପାଇବାରୁ ସେମାନେ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ଦରଖାସ୍ତ ବିଚାରକୁ ନିଆଯାଇ ତୁରନ୍ତ ସେମାନଙ୍କୁ ବସ୍ତି ତାଲିକାଭୁକ୍ତ କରି ସମସ୍ତ ସରକାରୀ ସୁବିଧା ପ୍ରାଦନ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି।

## ଏସ.ଟି.ଏଫ. ଟିମ୍ ଦ୍ୱାରା ୩କେଜି ଓଜନର ବଜ୍ରକାପ୍ତା କାତି ଜବତ ସହ ୨ଜଣ ଗିରଫ

ନୀଳଗିରି,୦୨/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଭୂବନେଶ୍ୱର ଏସ.ଟି.ଏଫ. ଟିମ୍ ସୋମବାର ମାଟିଆଳି ନଟାପଡ଼ା ଛକ ଠାରେ ୩କେଜି ଓଜନର ବଜ୍ରକାପ୍ତା କାତି ଜବତ କରିବା ସହ ୨ଜଣକୁ ଗିରଫ କରିଛନ୍ତି। ୨ଜଣ ଅଭିଯୁକ୍ତ ହେଲେ ନଟାପଡ଼ା ଗାଁର ମଣିଭଦ୍ର ସାମଲ (୬୫), ଓ କଳାକାଦ ବନ୍ଧାସାହି ଗ୍ରାମର ଚୌଧୁରି ସିଂ (୪୧) ଙ୍କୁ ଗିରଫ କରାଯାଇଛି। ବଜ୍ରକାପ୍ତା କାତି ସହ ୨ଜଣ ଅଭିଯୁକ୍ତଙ୍କୁ ନୀଳଗିରି ରେଞ୍ଜର ମନୱାର ଖାଁ କୁ ଏସ.ଟି.ଏଫ. ଟିମ୍ ହସ୍ତାନ୍ତର କରିଥିଲେ। ଏସ.ଟି.ଏଫ. ଟିମ୍‌ର ଏ.ଡି.ପି.ଓ. ମନୋଜ ରାଉତଙ୍କ ନେତୃତ୍ୱରେ ଏହି ଟିମ୍ ଚଢ଼ାଉ କରିଥିଲେ। ଏ ନେଇ ନୀଳଗିରି ବନବିଭାଗ ପକ୍ଷରୁ ଏକ ମାମଲା ୧୬/୨୦୨୧-୨୨ ରୁଜୁ କରାଯାଇଥିଲା ବେଳେ ଏହି ବଜ୍ରକାପ୍ତା କାତିର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି ।

## ରାଷ୍ଟ୍ରୀୟ ସମାଜ ସେବା ରତ୍ନ ପୁରସ୍କାର-୨୦୨୧
### ସ୍ମାଇଲ୍ ଚାରିଟେବୁଲ୍ ଟ୍ରଷ୍ଟକୁ ମିଳିଲା ଏହି ସମ୍ମାନ



ପାରାଦୀପ,୦୨/୦୮ (ନି.ପ୍ର): ପାରାଦୀପ ର ସମାଜସେବୀ ତଥା ସ୍ମାଇଲ୍ ଚାରିଟେବୁଲ୍ ଟ୍ରଷ୍ଟ ର ସଭାପତି ସଚିତ୍ର କୁମାର ରାଉତଙ୍କୁ ଚଳିତ ବର୍ଷ ର ସମ୍ମାନଜନକ ରାଷ୍ଟ୍ରୀୟ ସମାଜ ସେବା ରତ୍ନ ପୁରସ୍କାର ମିଳିଛି । ଶନିବାର ଦିନ ପାରାଦୀପ ର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଶ୍ରୀ ରାଉତ ଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି ପାରାଦୀପ ର ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁ ଚରଣ ଧିର । ଏହି ଅବସର ରେ ଆୟୋଜିତ ସଂକ୍ଷିପ୍ତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଡ.ଧିର ଙ୍କ ସମେତ ଟ୍ରଷ୍ଟ ର ମୁଖ୍ୟ ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାସ, ଅନ୍ୟତମ ଉପଦେଷ୍ଟା ପାରାଦୀପ ର ପୂର୍ବତନ ନଗରପାଳ ବସନ୍ତ ବିଶ୍ୱାଳ ଓ ପିପିଏଲ୍ ର ମୁଖ୍ୟ ସୁରକ୍ଷା ଅଧିକାରୀ ନିହାରକାନ୍ତି ରାଉତ ଯୋଗ ଦେଇଥିଲେ। କରୋନା ମହାମାରୀ ର କଟକଣା ଯୋଗୁଁ ଏହି ସଂକ୍ଷିପ୍ତ କାର୍ଯ୍ୟକ୍ରମ ହୋଇଥିଲା । ପ୍ରକାଶଥାଉକି ଶ୍ରୀ ରାଉତ ଅଧୁନା ପିପିଏଲ୍ ର ସୁରକ୍ଷା ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ଦୀର୍ଘ ଦିନ ଧରି ସେ ନିଜ କୁ ସମାଜ ସେବା ପ୍ରତି ଆଗ୍ରହୀ ହୋଇ ସ୍ମାଇଲ୍ ଚାରିଟେବୁଲ୍ ଟ୍ରଷ୍ଟ ଗଠନ କରିବା ସହ ଏହା ର ପ୍ରତିଷ୍ଠାତା ସଭାପତି ଅଛନ୍ତି । କରୋନା ମହାମାରୀ ସମୟ ରେ ସେ ଅସହାୟ ମଣିଷମାନଙ୍କ ପାଖ ରେ ପହଂଚି ସେମାନଙ୍କୁ ସହାୟତା ପ୍ରଦାନ କରିଆସୁଛନ୍ତି । ଏହି ସମ୍ମାନ ପାଇବା ପରେ ପାରାଦୀପ ଅଂଚଳ ର ବିଭିନ୍ନ ମହଲ ରୁ ଶୁଭେଚ୍ଛା ମିଳୁଛି ।

## ସଂଖ୍ୟାଲଘୁ କମିଶନ ଗଠନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ବାଲେଶ୍ୱର,୦୨/୦୮ (ନି.ପ୍ର): ଓଡ଼ିଶାରେ ବସବାସ କରୁଥିବା ବିଭିନ୍ନ ବର୍ଗର ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ବିକାଶ ପାଇଁ ସ୍ୱତନ୍ତ୍ର 'ମାଇନୋରିଟି କମିଶନ' ଗଠନ ଦାବି ଉଠାଇଛି 'ବାଲେଶ୍ୱର ୟୁନାଇଟେଡ ମାଇନୋରିଟି ଫୋରମ'। ସେମାନଙ୍କ ଆପତ୍ତି ଅନୁସାରେ ଓଡିଶାରେ ମୁସଲମାନ, ଖ୍ରୀଷ୍ଟିଆନ, ଶିଖ୍, ଜୈନ, ବୌଦ୍ଧ ଏବଂ ଅନ୍ୟାନ୍ୟ ବର୍ଗକୁ ମିଶାଇ ମୋଟ ଜନସଂଖ୍ୟାର ପ୍ରାୟ ୭ ପ୍ରତିଶତ ଲୋକ ସଂଖ୍ୟାଲଘୁ ଭାବେ ସମ୍ପ୍ରତି ବସବାସ କରୁଛନ୍ତି। ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ସଂଖ୍ୟାଲଘୁମାନେ ସରକାରୀ ଉଦାସୀନତାର ଶିକାର ହେଉଥିବା ଫୋରମର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ବିଶେଷ କରି ନିଯୁକ୍ତି କ୍ଷେତ୍ର ସାଙ୍ଗକୁ ଜନପ୍ରତିନିଧିତ୍ୱ କ୍ଷେତ୍ରରେ ସେମାନେ ଅଧିକ ଅବହେଳାର ଶିକାର ହେଉଛନ୍ତି। ଏହାର ସ୍ଥାୟୀ ନିରାକରଣ ପାଇଁ ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରେ ରାଜ୍ୟ ମାଇନୋରିଟି କମିଶନ ଗଠନ ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ଫୋରମର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସୋମବାର ସାକ୍ଷାତ ସହ ସଂଖ୍ୟାଲଘୁ ସମ୍ପ୍ରଦାୟର ଜନସାଧାରଣ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେହିଭଳି ସଂସଦ, ବିଧାନସଭା, ଜିଲା ପରିଷଦ, ପଞ୍ଚାୟତ ସ୍ତରୀୟ ପ୍ରତିନିଧିତ୍ୱରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ସୁଯୋଗ ମିଳିବା ଆବଶ୍ୟକ ବୋଲି ଫୋରମ ପକ୍ଷରୁ କୁହାଯାଇଛି। ଅନ୍ୟାନ୍ୟ ରାଜ୍ୟରେ ସଂଖ୍ୟାଲଘୁଙ୍କୁ ସାମାଜିକ, ରାଜନୈତିକ, ଶିକ୍ଷା, ସାଂସ୍କୃତିକ ସହ ଅନ୍ୟାନ୍ୟ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ ପାଇଁ ମାଇନୋରିଟି କମିଶନ ଗଠନ କରାଯାଇଥିବା ବେଳେ ଓଡିଶାରେ ଅନୁରୂପ କମିଶନ ଗଠନ ପାଇଁ ଦୀର୍ଘ ୨୭ ବର୍ଷ ଧରି ହେଉଥିବା ଦାବିକୁ ସରକାର ମାନିନେବା ଉଚିତ ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ଏନେଇ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନ ବେଳେ ବିଶୋପ ଡି.ବି ହୃଦୟା, ଫାଦର ଲିଜୋ ଜର୍ଜ, ସୟେଦ ସଲୀମ ରେଜା, ଅବଦୁଲ ଦୟାନ ଅଲ୍ଲୀ ଖାନ, ହମିଦ ରାଜା ଖାନ, ସଞ୍ଜୟ ବିଶ୍ୱାସ, ଶେଖ ସାକିର ମହମ୍ମଦ, ଶେଖ ସଲିମ, ଶେଖ ସାକିର ଖାନ, ସୁପ୍ରକାଶ ସାହା ପ୍ରମୁଖ ବିଭିନ୍ନ ସଂଖ୍ୟାଲଘୁ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଏସ.ଡି.ପି.ଓ. ଙ୍କ ରାତି ଅଧିଆ ଚଢ଼ାଉ, ୧୦ ଗାଡ଼ି ଜବତ

ନୀଳଗିରି,୦୨/୦୮ (ନି.ପ୍ର): ନୀଳଗିରି ଏସ.ଡି.ପି.ଓ. ରୀତେଶ କୁମାର ମହାପାତ୍ର, ରବିବାର ବିଳମ୍ବିତ ରାତିରେ ନିଜର କୁମ୍ବିଂ ଅପରେସନ ଜାରି ରଖିଥିବା ବେଳେ ଚୋରାରେ ପରିବହନ କରୁଥିବା ୫ଟି ରାବିସ ଭର୍ତ୍ତି ଟ୍ରାକ୍ଟର, ଏକ ଜେ.ସି.ବି.କୁ ଜବତ କରିଥିବା ବେଳେ ବେଆଇନ ପଥର ବୋଝେଇ ଡମ୍ପରକୁ ଜବତ୍ କରିଛନ୍ତି । ଏତିକିରେ ଏସ.ଡି.ପି.ଓ.ଙ୍କ କୁମ୍ବିଂ ଅପରେସନ ସରି ନ ଥିଲା । ମଧରାତ୍ରିରେ ଗୋଟାଏ କାଠ ବୋଝେଇ ପିକଅପ ଭ୍ୟାନକୁ ପୋଡ଼ାଶୁଳ ଠାରେ ଜବତ କରିଥିବା ବେଳେ ଅନ୍ୟ ଏକ କାଠ ବୋଝେଇ ପିକ୍‌ଅପ ଭ୍ୟାନକୁ ମିତ୍ରପୁର ଅଞ୍ଚଳରୁ ଜବତ କରିଛନ୍ତି । ଏକ ଦେଶୀ ମଦ ବୋଝେଇ ବାଇକକୁ ବାଉଁଶବଣିଆ ଛକ ଠାରେ ଚଢ଼ାଉ କରି ଜବତ କରିଛନ୍ତି। ତେବେ ମୋଟ ୨ଜଣକୁ ଥାନାରେ ଅଟକ ରଖିଥିବା ବେଳେ ଏହି ଚଢ଼ାଉରେ ଆଇ.ଆଇ.ସି. ଦାୟିତ୍ୱରେ ଥିବା ବାସୁଦେବ ଜୟସିଂହ ସମେତ ପୋଲିସ ଫୋର୍ସ ଚଢ଼ାଉରେ ସାମିଲ ଥିଲେ । ଏସ.ଡି.ପି.ଓ. ରୀତେଶ ମହାପାତ୍ରଙ୍କର ଏହି ରାତି ଅଧିଆ ଚଢ଼ାଉ ଚୋରା ବେପାରୀଙ୍କ ମଧରେ କୋକୁଆ ଭୟ ଖେଳିଯାଇଛି ।

# ଗୋଟିଏ ଦିନରେ ୧୦୩୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୨/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୩୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୭୯୭୩୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୫୮୬୦୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୫୦୫୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୩୨ ଜଣଙ୍କ ମଧ୍ୟରୁ ୫୯୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୩୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୩୭ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୬ ଜଣ, ବରଗଡ଼ରୁ ୮ ଜଣ, ଭଦ୍ରକରୁ ୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୧୫୪, ଦେବଗଡ ଜିଲ୍ଲାରୁ ୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୫ ଜଣ, ଗଜପତି ଜିଲ୍ଲାରୁ ୬, ଗଞ୍ଜାମରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୮୨ ଜଣ, ଯାଜପୁରରୁ ୪୩ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡିରୁ ୬ ଜଣ, କନ୍ଧମାଳ ଜିଲ୍ଲାରୁ ୧୦ ଜଣ. କେନ୍ଦ୍ରାପଡ଼ାରୁ ୧୮ ଜଣ, କେନ୍ଦୁଝରରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୩୭ ଜଣ, କୋରାପୁଟରୁ ୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# 'ୟସ'ବାତ୍ୟାରେ କ୍ଷତିଗ୍ରସ୍ତ ମହିଳା ମାଛଚାଷୀ

ବାଲେଶ୍ୱର,୦୨/୦୮ (ନି.ପ୍ର): ୟସ ବାତ୍ୟାରେ କ୍ଷତିଗ୍ରସ୍ତ ମହିଳା ଚାଷୀଙ୍କୁ ଋଣଛାଡ଼ ସହ ପୁନଃ ଫାଇନାନ୍ସ ଦାବିରେ ବର୍ଦ୍ଧନପୁର ପଞ୍ଚାୟତର ଏକାଧିକ ସ୍ୱୟଂ ସହାୟିକା ଗୋଷ୍ଠୀ ସୋମବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ବର୍ଦ୍ଧନପୁର ପଞ୍ଚାୟତର ନିଧିପଡ଼ା ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ଗୋଷ୍ଠୀ ପ୍ରତିବର୍ଷ ଭଳି ଏଥର ୫୦ରୁ ଅଧିକ ପୋଖରୀରେ ମଧୁର ମାଛ ଓ ଲୁଣି ଚିଙ୍ଗୁଡ଼ି (ଭେନାମି) ଚାଷ କରିଥିଲେ । ସ୍ଥାନୀୟ ବର୍ଦ୍ଧନପୁରର ସିଣ୍ଡିକେଟ ବ୍ୟାଙ୍କ ସମେତ ଅନ୍ୟାନ୍ୟ ବ୍ୟାଙ୍କ ଓ ମାଇକ୍ରୋ ଫାଇନାନ୍ସ ସଂସ୍ଥାରୁ ଋଣ ନେଇ ଏହି ଚାଷରେ ବିନିଯୋଗ କରିଥିବା ମହିଳାମାନେ ପ୍ରକାଶ କରିଛନ୍ତି । ମତ୍ସ୍ୟ ବିଭାଗ ଅଧିକାରୀ ତଥା ଟେକ୍ନିସିଆନଙ୍କ ତତ୍ତ୍ୱାବଧାନରେ ସେମାନେ ପୋଖରୀ ଜଳକୁ ବିଶୋଧନ ସହ ଗତ ମାର୍ଚ୍ଚ ପ୍ରାରମ୍ଭରୁ ମାସରେ ଜାଆଁଳ ଛାଡ଼ିଥିଲେ । ନିୟମିତ ମାଛଖାଦ୍ୟ ପ୍ରଦାନ ସାଙ୍ଗକୁ ପ୍ରତି ସପ୍ତାହରେ ପୋଖରୀ ପାଣି ଓ ମାଛ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରୁଥିଲେ । ସବୁ ଠିକଠାକ ଚାଲିଥିବା ବେଳେ ଗତ ମଇ ମାସର ୟସ ବାତ୍ୟାରେ ସମୁଦ୍ର ବଢ଼ି ଜୁଆର ପାଣିରେ ସେମାନଙ୍କ ସବୁକିଛି ନଷ୍ଟ ହୋଇ ଯାଇଥିବା ମହିଳାମାନେ କହିଛନ୍ତି । ଲୁଣିପାଣିର ବନ୍ୟାରେ ମଧୁର ପୋଖରୀର ସମସ୍ତ ମାଛ ମରିଯାଇଥିବା ବେଳେ ଚିଙ୍ଗୁଡ଼ି ଗଡ଼ିଆରେ ଦୂଷିତ ପାଣି ପଶିବା ଯୋଗୁଁ ସପ୍ତାହକ ମଧ୍ୟରେ ସମସ୍ତ ମାଛ ନଷ୍ଟ ହୋଇଯାଇଥିବା ସେମାନେ ପ୍ରକାଶ କରିଛନ୍ତି । ସ୍ଥାନୀୟ ଆରଇଙ୍କ ସମେତ ରାଜସ୍ୱ ବିଭାଗର ଟିମ ମଧ୍ୟ କ୍ଷେତ୍ର ତଦନ୍ତ କରିଥିଲେ । ତେବେ ପୁଣି ଚାଷ କରିବା ପାଇଁ ଅର୍ଥର ଆବଶ୍ୟକ ନେଇ ସେମାନେ ଋଣ ନେଇଥିବା ବ୍ୟାଙ୍କରେ ପହଞ୍ଚିଥିଲେ ବି ଅଧିକାରୀମାନେ ଆଉ ଫାଇନାନ୍ସ କରିବାକୁ ସଫା ମନା କରି ଦେଇଥିଲେ । ଏଭଳି ସ୍ଥିତିରେ ସେମାନେ କିପରି ବଞ୍ଚିବେ ଓ ପରିବାର ପ୍ରତିପୋଷଣ କରିବେ ତାହା ଚିନ୍ତାର କାରଣ ହୋଇଛି ବୋଲି ମହିଳାମାନେ କହିଛନ୍ତି । ପୂର୍ବରୁ ନେଇଥିବା ଋଣ ଛାଡ଼ ସହ ପୁନଃ ଋଣ ପ୍ରଦାନ ପାଇଁ ସେମାନେ ଜିଲାପାଳଙ୍କଠାରେ ଗୁହାରୀ କରିଛନ୍ତି । ଏନେଇ ସେମାନେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ । ସ୍ମାରକପତ୍ର ପ୍ରଦାନ ବେଳେ କମଳି ବର୍ମନ, ଉମାରାଣୀ ମଣ୍ଡଳ, ଅନୀତା ଘଡ଼େଇ, ସରସ୍ୱତୀ ବର୍ମନ, ସୁଜାତା ବର୍ମନ, ମୀନତି ଦାସ ପ୍ରମୁଖଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ବହୁ ସଦସ୍ୟା ଉପସ୍ଥିତ ଥିଲେ ।

## ତୁକଲା ହାଇସ୍କୁଲ ପଡା ରାସ୍ତା ମରାମତି ଦାବି

ନୂଆପଡା,୦୨/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ତୁକଲା ଗ୍ରାମର ହାଇସ୍କୁଲ ପଡା ରାସ୍ତା ମରାମତି ପାଇଁ ଲୋକେ ଦାବି କରିଛନ୍ତି । ଏହି ପଡ଼ାରେ ଅନେକ ପରିବାର ରହୁଥିବା ବେଳେ ଏହି ରାସ୍ତା ଦେଇ ତୁକଲା ଷ୍ଟେଟ ବ୍ୟାଙ୍କକୁ ମଧ କିଛି ଲୋକ ଯିବା ଆସିବା କରିଥାନ୍ତି । କିନ୍ତୁ ଏହି ରାସ୍ତା ଏବେ ଖରାପ ହୋଇଯାଇଛି । ମୁଖ୍ୟ ରାସ୍ତାକୁ ଲାଗି ଏହି ରାସ୍ତାରେ ଖାଲ ହୋଇ ପାଣି ଜମା ରହିଛି । ଅସରାଏ ବର୍ଷାରେ ଏହି ରାସ୍ତାରେ ଆଣ୍ଠୁଏ ପାଣି ଜମା ହୋଇଯାଏ କିନ୍ତୁ ମରାମତି କରାଯାଏ ନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି । ପୂର୍ବରୁ ରାସ୍ତାଟି କଂକ୍ରିଟ କାରାଯାଇଥିବା ବେଳେ କିଛି ଅଂଶ ଭାଙ୍ଗିଯାଇ ଏପରି ଅବସ୍ଥା ସୃଷ୍ଟି ହୋଇଛି । ପ୍ରଶାସନ ଶୀଘ୍ର ରାସ୍ତା ମରାମତି କରିବାକୁ ଲୋକେ ଦାବି କରିଛନ୍ତି ।

# ବିପଦ ସଙ୍କେତ ଉପରେ ସୂବର୍ଣ୍ଣରେଖା

## ବାଲିଆପାଳ ବ୍ଲକର ୫ଟି ପଂଚାୟତର ୧୫ ରୁ ଉର୍ଦ୍ଧ୍ୱ ଗ୍ରାମ ପାଣି ଘେରରେ



ବାଲିଆପାଳ,୦୧/୦୮ (ନି.ପ୍ର): ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଚଳିତ ବର୍ଷ ସୂବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଆସି ବାଲିଆପାଳ ବ୍ଲକର ୬ଟି ପଂଚାୟତର ୧୫ରୁ ଉର୍ଦ୍ଧ୍ୱ ଗ୍ରାମ ପାଣି ଘେରରେ ରହିଛି । ରାଜଘାଟ ଠାରେ ଏହି ନଦୀର ବିପଦ ସଙ୍କେତ ୧୦.୩୬ ମିଟର ରହିଥିବା ବେଳେ ସଂନ୍ଧ୍ୟା ସୁଦ୍ଧା ସେଠାରେ ବନ୍ୟା ପାଣି ୧୦.୫୮ ମିଟର ଉପରେ ପ୍ରବାହିତ ହେଉଛି । ଏହାର ପ୍ରଭାବରେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ପ୍ରଭୃତି ପଂଚାୟତର ଚଡପାଳ ପଡା, ତଳ ଧାନଦା, ଚଡବଢ଼ାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଘମୁହଁ, ତଳ ବାଲିଆପାଳ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, କୁଣପାହୀ ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି । ଏହି ସବୁ ଗ୍ରାମର ଚାଷ ଜମି ସବୁ ପାଣିରେ ବୁଡି ରହିଛି । ପାଣି ଛାଡିବାକୁ ଆହୁରି ୩ ରୁ ୪ ଦିନ ସମୟ ଲାଗିଯିବାର ସମ୍ଭାବନା ଥିବାରୁ ନୂତନ ଭାବେ ରୁଆ ହୋଇଥିବା ଧାନ ଗଛ ଓ ଧାନ ତଳି ସବୁ ପଚି ଯାଇ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି । ବାଲିଆପାଳ-ବିଷ୍ଣୁପୁର ରାସ୍ତାର ତହସିଲ ଅଫିସ ନିକଟରେ ୨-୩ ଫୁଟ ଉଚ୍ଚରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଯାତାୟତରେ ଘୋର ବାଧା ସୃଷ୍ଟି ହୋଇଛି । ସେହିପରି ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ଫଂଚୁରୁଖି-ଚଉଧୁରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, କୁଦମାନସିଂ-କୁଦମାନସିଂ ଚଡ ପ୍ରଭୃତି ଗ୍ରାମ ରାସ୍ତା ପାଣୀରେ ବୁଡି ରହିଛି । ବାଲିଆପାଳ ବିଡିଓ ଲଳିତ ସୋରେଙ୍ଗ , ତହସିଲଦାର ଦୀପକ କୁମାର ଦାସ ପ୍ରମୁଖ ବନ୍ୟାଂଚଳ ବୋଲି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ।

# ପାରାଦ୍ୱୀପ ବନ୍ଦର ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ଦେହାନ୍ତ



ପାରାଦ୍ୱୀପ,୦୨/୦୮ (ନି.ପ୍ର): ପାରାଦ୍ୱୀପ ବନ୍ଦର ର ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ ପ୍ରକାଶ ଚନ୍ଦ୍ର ମିଶ୍ର (୬୦) ଙ୍କ ଭୁବନେଶ୍ୱର ସ୍ଥିତ କେୟାର ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଶନିବାର ପ୍ରତ୍ୟୁଷରେ ପରଲୋକ ଘଟିଛି । ସେ କିଛି ଦିନ ହେବ ଅସୁସ୍ଥ ଥିଲେ ଏବଂ କର୍କଟ ରୋଗ ପାଇଁ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ ପୁନମ ମିଶ୍ର ଉପସ୍ଥିତ ଥିଲେ । ସ୍ୱର୍ଗତ ମିଶ୍ର ଗତ ଜୁନ ମାସ ୩୦ ତାରିଖରେ ବନ୍ଦର ସେବାରୁ ଅବସର ଗ୍ରହଣ କରିଥିଲେ । ତାଙ୍କ ବିୟୋଗରେ ପାରାଦ୍ୱୀପ ବନ୍ଦର ଅଧକ୍ଷ ବିନୀତ କୁମାର ଶୋକ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ସେହିପରି ବନ୍ଦର ଉପାଧକ୍ଷ ଏ.କେ.ବୋଷ ଶ୍ରୀ ମିଶ୍ର ଙ୍କ ଦେହାନ୍ତ ରେ ଅତ୍ୟନ୍ତ ଦୁଃଖିତ ବୋଲି କହିଥିବା ବେଳେ ପୂର୍ବତନ ଅଧକ୍ଷ ରିଙ୍କେଶ ରଏ ତାଙ୍କ ଦେହାନ୍ତରେ ସମବେଦନା ଜଣାଇବା ସହ ଶ୍ରୀ ମିଶ୍ର ଜଣେ ନିଷ୍ପାପର, କର୍ତ୍ତବ୍ୟନିଷ୍ଠ ଏବଂ ତାଙ୍କ କାର୍ଯ୍ୟ ପାଇଁ ଉତ୍ସର୍ଗୀକୃତ ଥିଲେ ବୋଲି କହିଛନ୍ତି । ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ମିଶ୍ରଙ୍କ ପରଲୋକରେ ଶନିବାର ଦିନ ପୂର୍ବାହ୍ନ ରେ ବନ୍ଦର ଲୋକସମ୍ପର୍କ ବିଭାଗ ପ୍ରକୋଷ୍ଠରେ ବନ୍ଦର ମୁଖ୍ୟ ପ୍ରବନ୍ଧକ (ଜନସମ୍ପର୍କ) ରତିକାନ୍ତ ନାୟକ ଅଧକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବନ୍ଦର ଇଷ୍ଟେଟ ବିଭାଗ ବରିଷ୍ଠ ସହାୟକ (ସଂପଦ)ପ୍ରବନ୍ଧକ ବିଶ୍ୱଜିତ୍ ମିଶ୍ର, ବରିଷ୍ଠ କଲ୍ୟାଣ ଅଧିକାରୀ ଏନ୍.କେ ପଟ୍ଟନାୟକଙ୍କ ସମେତ ଲୋକସମ୍ପର୍କ ବିଭାଗ ମୁଖ୍ୟ ସହାୟକ ଏ.କେ ବେହେରାଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ୩୦ ଜାନୁଆରୀ ୧୯୬୧ ମସିହାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମିଶ୍ର ୧୪ ମାର୍ଚ୍ଚ ୧୯୮୧ ରେ ବନ୍ଦରର ଟ୍ରାଫିକ ବିଭାଗ ରେ ଓଡ଼ିଶି ଭାବେ ଯୋଗ ଦେଇଥିଲେ । ୨୦୦୫ ମସିହା ଜୁନ୍ ୨୫ ତାରିଖରେ ସେ ପାରାଦ୍ୱୀପ ବନ୍ଦରର ଲୋକ ସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ବିୟୋଗରେ ସହରରେ ଶୋକର ଛାୟା ଖେଳିଯାଇଛି ।

# ଚାକିରି ବୟସ ସୀମା ବୃଦ୍ଧି ପାଇଁ ଜିଲ୍ଲା ଯୁବ କଂଗ୍ରେସର ଦାବି



ବାଲେଶ୍ୱର,୦୨/୦୮ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବେରୋଜାଗରଙ୍କ ସଂଖଖ୍ୟା ବଢ଼ି ଚାଲିଥିବା ବେଳେ ଚାକିରି କ୍ଷେତ୍ରରେ ବୟସସୀମା ୩୨ ବର୍ଷରୁ ୪୨ବର୍ଷକୁ ବୃଦ୍ଧି କରିବା ନିମନ୍ତେ ଦାବି ଉଠାଇଛି ବାଲେଶ୍ୱର ଜିଲା ଯୁବ କଂଗ୍ରେସ । ଜିଲା ସଭାପତି ରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ସୋମାବାର ଜିଲାପାଳଙ୍କୁ ସାକ୍ଷାତ ସହ ବୟସ ସୀମା କଟକଣା ଯୋଗୁଁ ନିଯୁକ୍ତି ଅପେକ୍ଷାରେ ରହିଥିବା ଯୁବବର୍ଗଙ୍କ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟରେ ଓଡିଶା ପବ୍ଲିକ ସର୍ଭିସ କମିଶନ (ଓପିଏସସି), ଓଡିଶା ସବଓର୍ଡିନେଟ ଷ୍ଟାଫ ସିଲେ୍କସନ କମିଶନ (ଓଏସଏସଏସସି), ଓଡିଶା ଷ୍ଟାଫ ସିଲେ୍କସନ କମିଶନ (ଓଏସଏସସି), ଷ୍ଟେଟ ସିଲେକସନ ବୋର୍ଡ (ଏସଏସବି) ପ୍ରଭୃତି ମାଧ୍ୟମରେ ବିଭିନ୍ନ ବିଭାଗରେ ଖାଲିଥିବା ସରକାରୀ ପଦବୀ ପୂରଣ ହେଉନାହିଁ । ତେବେ ଗୋଆ, ଆସାମ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶ ପ୍ରଭୃତି ରାଜ୍ୟରେ ସରକାରୀ ଚାକିରୀରେ ନିଯୁକ୍ତି ବୟସସୀମା ୪୦ରୁ ୪୫ବର୍ଷ ମଧରେ ରହିଥିବା ବେଳେ ଓଡିଶାରେ ମଧ ଏହାକୁ ଲାଗୁ କରିବା ଉଚିତ ବୋଲି ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଯୁକ୍ତି ବାଢିଥିଲେ । ଏନେଇ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଦାବିପତ୍ର ପ୍ରଦାନ ବେଳେ ଯୁବ କଂଗ୍ରେସ ଜିଲା ସଭାପତି ଶ୍ରୀ ଦାସଙ୍କ ସମେତ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି, ଜିଲା କଂଗ୍ରେସ କମିଟି ଉପସଭାପତି ଗୋପୀନାଥ ପାଢୀ ପ୍ରମୁଖଙ୍କ ସମେତ ଯୁବ କଂଗ୍ରେସର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ୭୫ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ନୀଳଗିରି,୦୨/୦୮ (ନି.ପ୍ର): ନୀଳଗିରି ଉପଖଣ୍ଡସ୍ତରୀୟ ୭୫ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ଉପଜିଲ୍ଲାପାଳ ତଥା ପାଳନ କମିଟିର ଅଧକ୍ଷ ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଜେନା ଅଧକ୍ଷତା କରିଥିଲେ । ସୂଚନା ଓ ଲୋକସଂପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଉପସ୍ଥିତ ରହି ସଦସ୍ୟ ସଦସ୍ୟାଙ୍କୁ ସ୍ୱାଗତ କରିବା ସହ ବିଗତ ବର୍ଷର କୋଭିଡ୍ ୧୯ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜାତୀୟ ଦିବସ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ସୂଚନା ଲୋକ ସଂପର୍କ ବିଭାଗ ପକ୍ଷରୁ ପ୍ରତ୍ୟୁଷ ୪ଘଟିକା ସମୟରେ ସହରାଞ୍ଚଳରେ ରାମଧୂନ ପ୍ରଚାର କରାଯିବ । ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ସକାଳ ୭ଟାରେ ପତାକା ଉତ୍ତୋଳନ କରାଯିବ ବୋଲି ବୈଠକରେ ସିଦ୍ଧାନ୍ତ ନିଆଗଲା । ଏହି ଜାତୀୟ ଦିବସ ପାଳନର ମୁଖ୍ୟ ଅତିଥି ଥାନା ସମ୍ମୁଖ ଖେଳ ପଡ଼ିଆ ରେ ଆୟୋଜିତ ଉତ୍ସବରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ୯.୧୫ମି. ସମୟରେ ଉତ୍ତୋଳନ କରିବେ । କୋଭିଡ୍ ୧୯ ର ପ୍ରଭାବ କୁ ଦୃଷ୍ଟିରେ ରଖି ଜାତୀୟ ଦିବସ କାର୍ଯ୍ୟକ୍ରମକୁ ସଂକ୍ଷିପ୍ତ କରାଯିବା ପାଇଁ ସ୍ଥିର କରାଯାଇଛି । ଏହି ବୈଠକରେ ବି.ଡି.ଓ. ଅନିତା ନାୟକ, ଅତିରିକ୍ତ ତହସିଲଦାର ନିରଂଜନ ଧଳ, ଆଇ.ଏଣ୍ଡ.ବି. ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଦାସ, କେ.ସି.ହାଇସ୍କୁଲ ର ପ୍ରଧାନଶିକ୍ଷକ ଭୀମସେନ ବିଶ୍ୱାଳ, ବୁଦ୍ଧିଜୀବୀ, ଆଇନଜୀବୀ ଓ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର କର୍ମକର୍ତ୍ତା, ପଦାଧିକାରୀ,ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# କଂଗ୍ରେସର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୦୨/୦୮ (ନି.ପ୍ର): ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ମଧ ନିର୍ବାଚନ ମଣ୍ଡଳୀର ୟୁନିଟ-୨ ପଟେଲ ବସ୍ତି, ଅଶୋକ ନଗର ଫଳ ଗୋଦାମ, ଫାଳିକିଆ ବଜାର ଓ କଳ୍ପନା ଛକ କଦଳୀ ଗୋଦାମ ଅଂଚଳର ଅପରିଷ୍କୃତ ସ୍ଥାନରେ ମଶାତେଲ ଓ ବ୍ଲିଚିଙ୍ଗ୍ ପାଉଡର ପକାଯାଇ ଲୋକଙ୍କୁ ଡେଙ୍ଗୁ ବିଷୟରେ ସଚେତନା କରାଯାଇଛି । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ କହିଛନ୍ତି ରାଜ୍ୟ ସରକାର ଓ ଭୁବନେଶ୍ୱର ମହାନଗର ନିଗମର ଖାମଖିଆଲି ମନୋଭାବ ଏବଂ ଅପାରଗତା ଯୋଗୁଁ ଭୁବନେଶ୍ୱରରେ ଶହଶହ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହେବା ସହ ଡେଙ୍ଗୁରେ ମୃତ୍ୟୁ ଘଟିଛି । ବର୍ତମାନ ଭୁବନେଶ୍ୱର ଜନସାଧାରଣ କରୋନା ମହାମାରୀରେ ବ୍ୟଥିତ ଥିଲା ବେଳେ ଡେଙ୍ଗୁ ମହାମାରୀର ଭୟାବହତା ଲୋକଙ୍କୁ ବ୍ୟତିବ୍ୟସ୍ତ କରିପକାଇଛି । ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଆଖିଆଗରେ ରଖି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଆଜି ଏହି କାର୍ଯ୍ୟକ୍ରମକୁ ହାତକୁ ନେଇ ଲୋକଙ୍କୁ ସଚେତନ କରାଇବା ସହ ଚିହ୍ନିତ ଅପରିଷ୍କୃତ ଅଂଚଳରେ ମଶାତେଲ ଓ ବ୍ଲିଚିଙ୍ଗ ପ୍ରୟୋଗ କରିଛି । ଆଗାମୀ ଦିନରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଚିହ୍ନିତ ସ୍ଥାନମାନଙ୍କରେ ଅନୁରୂପ ଭାବେ କାର୍ଯ୍ୟକ୍ରମ ଜାରିରଖିବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁରେଶ କୁମାର ରାଉତରାୟ, ମନୋରଞ୍ଜନ ଦାଶ, ମୋହନ ଜେନା, ସୁବ୍ରତ ମହାପାତ୍ର, ଦେବରାଜ ମିଶ୍ର, ଅଶୋକ ଦାସ, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ, ଇନ୍ଦ୍ରଜିତ ପରିଡ଼ା, ସେକ୍ ଆବତାବ ଅଲ୍ଲି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# କୁଲଡିହା ଅଭୟାରଣ୍ୟରୁ ମୃତ ଅଣ୍ଡିରା ହରିଣ ଉଦ୍ଧାର : ୨ଶିକାରୀ ଗିରଫ, ୪ ଫେରାର

ନୀଳଗିରି,୦୨/୦୮ (ନି.ପ୍ର): କୁଲଡିହା ଅଭୟାରଣ୍ୟ ସ୍ଥିତ କଇମହୁଡ଼ି ବିଟ୍ ହାଉସ ଅଧିନସ୍ଥ ପଦାହୁଡ଼ି ଠାରେ ଏକ ଆନୁମାନିକ ୧କ୍ୱିଣ୍ଟାଲ ଓଜନର ହରିଣର ମୃତ ଦେହ ପଡ଼ିଥିବାର ସୋମବାର ଅଭୟାରଣ୍ୟ ପେଟ୍ରୋଲିଂରେ ଥିବା କର୍ମଚାରୀ ଜାଣିବାକୁ ପାଇଥିଲେ । ଉକ୍ତ ବିଷୟରେ କୁଲଡିହା ରେଞ୍ଜର ମନୱାର ଖାଁ ଙ୍କୁ ଜଣାଇଥିଲେ । ପରେ ରେଞ୍ଜର ଙ୍କ ନିର୍ଦ୍ଦେଶରେ ଫରେଷ୍ଟର ପରମାନନ୍ଦ ନାୟକ, ଗାର୍ଡ ମନୋଜ ମହାଳିକ, ସବୁଜବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣ ଉଦ୍ଧାର କରିବା ସହ ମୃତ ହରିଣକୁ କୁଲଡିହା ଅଫିସକୁ ଅଣାଯାଇଥିଲା । ପରେ ପଶୁ ଚିକିତ୍ସକ ମୃତ ହରିଣର ବ୍ୟବଚ୍ଛେଦ କରିବା ସହ ସେଠାରେ ମୃତ ହରିଣକୁ ପୋତି ଦିଆଯାଇଥିଲା । ଅନ୍ୟପକ୍ଷରେ କଇମହୁଡ଼ି ଗାଁର ଅର୍ଜୁନ ସୋରେନ ଓ ମକରା ସୋରେନକୁ ମୃତ ହରିଣ କେଶରେ ଗିରଫ କରାଯାଇଥିବା ବେଳେ ଘଟଣାସ୍ଥଳରୁ ୪ଜଣ ଫେରାର ହୋଇଯାଇଥିଲେ । ୨ଜଣ ଗିରଫ ଶିକାରୀଙ୍କ ଠାରୁ ଏକ ଲୁହା ରଡ଼ ଓ ଅନ୍ୟାନ୍ୟ ଛୋଟ ମାରଣାସ୍ତ୍ର ଜବତ କରାଯାଇଛି । ଶିକାରୀମାନେ ହରିଣ ଶିକାର ପାଇଁ ଏକ ଅନୁରୂପ ଶିକାରର ଯୋଜନା କରିଥିଲେ ଯାହା ପୋଷା କୁକୁର ଲଗାଇ ହରିଣକୁ ମାରିଥିବାର ରେଞ୍ଜର ମନୱାର ଖାଁ ସୁଚନା ଦେଇଛନ୍ତି । ହରିଣଟି ବେକରେ ଗଭୀର କ୍ଷତ ହୋଇଥିବା ଜଣାପଡ଼ିଛି ।

# ତାଳ ଜଙ୍ଗଲ ସୃଷ୍ଟି କରିବା ନିଶାରେ ଶିକ୍ଷକ ସନ୍ତୋଷ କୁମାର ସାହୁ



ଉଦଳା,୦୨/୦୮ (ନି.ପ୍ର): ଅତିତରେ ତାଳ ଗଛ ବହୁଳ ଭାବରେ ଦେଖିବାକୁ ମିଳୁଥିବା ବେଳେ, ବର୍ତ୍ତମାନ ତାଳଗଛର ସଂଖ୍ୟା ବହୁ ପରିମାଣରେ କମି ଯାଇଛି । ତାଳ ଗଛରେ ବାୟା ଚଢ଼େଇ ବସା ବାନ୍ଧି ରହିଥାଏ, ତାହାଚଡ଼ା ତାଳଗଛ ନିକଟରେ ଥିଲେ ବଜ୍ରପାତରୁ ରକ୍ଷା ମିଳେ । ତାଳଗଛର ସଂଖ୍ୟା କମିଯିବା ଦ୍ୱାରା ପରିବେଶ ପ୍ରତି ଏକ ପ୍ରକାର ବିପଦ ମାଡ଼ି ଆସୁଛି । ଏହି ସବୁ କଥାକୁ ଲକ୍ଷ କରି ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକ ଅନ୍ତର୍ଗତ ବିଶୋଳ ଗ୍ରାମର ବାସିନ୍ଦା ଶିକ୍ଷକ ସନ୍ତୋଷ କୁମାର ସାହୁ ଆରମ୍ଭ କରିଛନ୍ତି 'ମିଶନ ତାଳ' । ଅର୍ଥାତ ତାଳ ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ । ଶିକ୍ଷକ ଶ୍ରୀଯୁକ୍ତ ସାହୁଙ୍କ ନେତୃତ୍ୱରେ ପ୍ରତିବର୍ଷ ଆଷାଢ଼ ଓ ଶ୍ରାବଣ ମାସରେ ବୃକ୍ଷ ରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ଜୁଲାଇ ୩୧ ତାରିଖ ଦିନ କାଳ ବନ୍ଧ ନିକଟରେ ଥିବା ପାହାଡ଼ତଳି ଅଞ୍ଚଳରେ ଏହା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଂଗଠନ 'ଗ୍ରାମ ସ୍ୱରାଜ'ର ସଭାପତି ଦୀପକ ପାଣି, କପ୍ତିପଦା ରେଞ୍ଜ ଅଫିସର ମହେଶ୍ୱର ସିଂ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ କୁମାର ଖିଲାର, କାଳବନ୍ଧ ସୁରକ୍ଷା ସମିତିର ସଭାପତି ସଞ୍ଜୟ ହାଁସଦାଃ ପ୍ରମୁଖ ଯୋଗ ଦେଇ ଏହି ଅଭିନବ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି । ୧୦୦୦ରୁ ଉର୍ଦ୍ଧ ତାଳ ମଞ୍ଜି ଏଠାରେ ରୋପଣ କରାଯାଇଥିବାର ଜଣା ଯାଇଛି । 'ମିଶନ ତାଳ'କୁ ସଫଳ କରିବା ପାଇଁ ଉଦ୍ୟମ ଜାରୀ ରଖିଥିବା ସମସ୍ତ ସଦସ୍ୟ ମାନଙ୍କର ଉତ୍ସାହରେ ଖୁସି ହୋଇ ଗ୍ରାମ ସ୍ୱରାଜର ସଭାପତି ଶ୍ରୀଯୁକ୍ତ ପାଣି ୨୦୦୦ ଟଙ୍କା ଆର୍ଥିକ ରାଶି ପ୍ରଦାନ କରିଥିବାର ଜଣାଯାଇଛି । ବିଭିନ୍ନ ସ୍ଥାନରେ ଚଳିତ ବର୍ଷ ୧୦୦୦୦ ତାଳ ଗଛ ରୋପଣ କରାଯିବା ପାଇଁ ପ୍ରସ୍ତୁତି ପର୍ବ ଚାଲିଛି ବୋଲି ଶିକ୍ଷକ ଶ୍ରୀଯୁକ୍ତ ସାହୁ ଗଣ ମାଧ୍ୟମକୁ ଜଣାଇଛନ୍ତି ।

## ବୁର୍ଲା ମେଡ଼ିକାଲର ଦୁର୍ବଳ ଭିତିଭୂମି ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ବିଜେପିର ଧାରଣା

ସମ୍ବଲପୁର,୦୨/୦୮ (ନି.ପ୍ର): ବୁର୍ଲା ମେଡ଼ିକାଲର ଦୁର୍ବଳ ଭିତିଭୂମି, ପଶ୍ଚିମ ଓଡ଼ିଶାର ବିକାଶ ଏବଂ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଦୀନଦୟାଲ ଉପାଧ୍ୟାୟ ବଜାରରେ ବିଜେପି ପକ୍ଷରୁ ଧାରଣା ଦିଆଯାଇଛି । ଏଥି ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭୀମସାର ନିର୍ଦ୍ଦେଶକଙ୍କୁ ଏ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଧାରଣାରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ୍ ଥିଲେ ।

# ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଇଫକୋ ପାରାଦ୍ୱୀପ ଡିଏଭି ସ୍କୁଲର କୃତିତ୍ୱ




ପାରାଦ୍ୱୀପ,୦୨/୦୮ (ନି.ପ୍ର): ପାରାଦ୍ୱୀପ ସ୍ଥିତ ଇଫକୋ ଡିଏଭି ସ୍କୁଲର ଶତପ୍ରତିଶତ ଛାତ୍ରଛାତ୍ରୀ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ବାର୍ଷିକ ଦ୍ୱାଦଶ ପରୀକ୍ଷା ୨୦୨୧ ରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ସ୍କୁଲ ପାଇଁ ସଫଳତା ଆଣିଦେଇଛନ୍ତି । ଶୁକ୍ରବାର ଦିନ ପ୍ରକାଶିତ ଫଳାଫଳ ଅନୁଯାୟୀ ଇଫକୋ ଡିଏଭି ବିଦ୍ୟାଳୟର ୩୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯ଜଣ ଛାତ୍ର ୯୦ ପ୍ରତିଶତ ରୁ ଅଧିକ ନମ୍ବର ରଖିଥିବା ବେଳେ କୁମାରୀ କାନନିକା ସାହୁ ଏବଂ ସ୍ନିଗ୍ଧା ଖଣ୍ଡୁଆଳ ମିଳିତ ଭାବେ ୯୫ ପ୍ରତିଶତ ନମ୍ବର ରଖି ଶୀର୍ଷରେ ରହିଛନ୍ତି । ସେହିପରି ୯୪.୮୩ ପ୍ରତିଶତ ନମ୍ବର ରଖି କୁମାରୀ ଶ୍ରଦ୍ଧା ସୁମନ ଦ୍ୱିତୀୟ ସ୍ଥାନ ରେ ରହିଥିବା ବେଳେ ୯୨.୩୩ ପ୍ରତିଶତ ନମ୍ବର ରଖି କୁମାରୀ ଇସିକା ଦଳାଇ ତୃତୀୟ ସ୍ଥାନରେ ରହିଛନ୍ତି । ତେବେ ସମସ୍ତ ଛାତ୍ରଛାତ୍ରୀ ହାରାହାରି ୮୩.୩୧ ପ୍ରତିଶତ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି । ଏହି ସଫଳତା ହାସଲ ପରେ ଇଫକୋ ପାରାଦ୍ୱୀପ ୟୁନିଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଜେ.ପଟେଲ ସମସ୍ତ କୃତି ଛାତ୍ରଛାତ୍ରୀ, ଶିକ୍ଷକ ମାନଙ୍କ ସମେତ ବିଦ୍ୟାଳୟର ଅଧକ୍ଷ ବଳରାମ ମହାପାତ୍ର ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ଡିଏଭି ବିଦ୍ୟାଳୟ ଓଡିଶା ପ୍ରଥମାଞ୍ଚଳ ର ଆଞ୍ଚଳିକ ଅଧିକାରୀ ଡ.କେଶବ ଚନ୍ଦ୍ର ଶତପଥୀ ଏବଂ ଉପଅଧିକାରୀ ଡ. ସୁଜାତା ସାହୁ ସମସ୍ତ ସଫଳ ଛାତ୍ରଛାତ୍ରୀ ଭବିଷ୍ୟତର ଉତ୍ତରୋତର ଉନ୍ନତି କାମନା କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo